

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩୦ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 30 SEPTEMBER 2023

Vol.No. 34 ■ No. 257■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିପଦରେ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା

## ଆମେରିକାରେ ହୋଇପାରେ 'ସଟଡାଉନ୍' !



ନୂଆଦିଲ୍ଲୀ,୨୯/୦୯ : ବିଶ୍ୱର ଏକ ନମ୍ବର ଅର୍ଥନୀତି ଭାବେ ଜଣା ଯାଉଥିବା ଆମେରିକାରେ ଦେଖାଦେଇପାରେ ଆର୍ଥିକ ସଙ୍କଟ । ଆମେରିକାରେ ସରକାରୀ ଖର୍ଚ୍ଚ ପାଇଁ ପାଣ୍ଠି ସେପ୍ଟେମ୍ବର ୩୦ ସୁଦ୍ଧା ଖାଲି ହୋଇଯିବ । ସରକାରୀ ଖର୍ଚ୍ଚ ପାଇଁ ଅର୍ଥ ମଂଜୁରୀ ବିରୋଧୀ ଦଳଙ୍କ ସହମତିରେ ହିଁ ସମ୍ଭବ । ଆଉ ସେପ୍ଟେମ୍ବର ୩୦ ସୁଦ୍ଧା ବିରୋଧୀ ଦଳର ସହମତି ନମିଳିଲେ ଅକ୍ଟୋବର ୧ରେ ସଟ୍ଡାଉନ୍ ହେବ ଆମେରିକା । ଆମେରିକା ଆକାଶରେ ଘନଉଛି ଆର୍ଥିକ ମାନ୍ଦାବସ୍ଥାର କଳା ବାଦଲ । ବିଶ୍ୱର ୧ ନମ୍ବର ଅର୍ଥନୀତି ଖୁବ୍ ଶୀଘ୍ର ଠପ୍ ହେବାର ଆଶଙ୍କା ସୃଷ୍ଟି ହୋଇଛି । ସରକାରୀ ପାଣ୍ଠି ଆର୍ଥିକ ବର୍ଷ ସେପ୍ଟେମ୍ବର ୩୦, ୨୦୨୩ରେ ଶେଷ ହେବାକୁ ଯାଉଛି । ଏହା ପୂର୍ବରୁ ବାଇଡେନ୍ ସରକାରଙ୍କୁ ବିରୋଧୀଙ୍କ ସହମତିରେ ଆଗାମୀ ଫଣ୍ଡିଂ ପ୍ଲାନ୍କୁ ପାରିତ କରାଇବାକୁ ପଡିବ । ଆଉ ଯଦି ସରକାରୀ ଫଣ୍ଡିଂ ପ୍ଲାନ୍ ସେପ୍ଟେମ୍ବର ୩୦ ସୁଦ୍ଧା ପାରିତ ନହୁଏ ତାହାଲେ ଆମେରିକାରେ ଅକ୍ଟୋବର ୧ ତାରିଖରୁ ସଟ୍ଡାଉନ୍ ହୋଇପାରେ । ସଟ୍ଡାଉନ୍ର ଅର୍ଥ ଆମେରିକାର ସମସ୍ତ ସରକାରୀ କାମ ସମ୍ପୂର୍ଣ୍ଣ ଠପ୍ ହୋଇଯିବ । ସରକାରୀ ଖର୍ଚ୍ଚ ପାଇଁ ସଂସଦର ଅନୁମତି ନ ମିଳିଲେ ଠପ୍ ହୋଇଯିବ ଆମେରିକା । ଆମେରିକାର କୌଣସି ସରାକାରୀ କାମ ଆଉ ହୋଇପାରିବ ନାହିଁ । ବଡ କଥା ହେଲା ସେପ୍ଟେମ୍ବର ୩୦ ଅର୍ଥାତ୍ ଶନିବାର ସୁଦ୍ଧା ବାଇଡେନ୍ ସରକାରଙ୍କୁ ସଂସଦର ମଂଜୁରୀର ଆବଶ୍ୟକତା ରହିଛି । ଆମେରିକା ସରକାର ଚାଲିବା ପାଇଁ, ସରକାରୀ କାମ ପାଇଁ ଆଉ ବିଭିନ୍ନ ଯୋଜନା ପାଇଁ ପ୍ରେତ୍ୟକ ଦିନ ଆବଶ୍ୟକ ହେଉଥିବା ଖର୍ଚ୍ଚ ଲୋନ୍ ଜରିଆରେ ନିଆଯାଇଥାଏ । ଆଉ ଏହି ଲୋନ୍ ନେବା ପାଇଁ ଉଭୟ ସରକାରୀ ଦଳ ଓ ବିରୋଧୀ ରିପବ୍ଲିକାନ୍ ପାର୍ଟିର ମଂଜୁରୀ ଆବଶ୍ୟକ । ପ୍ରତ୍ୟେକ ଥର ଫଣ୍ଡିଂ ଶେଷ ହେବା ପୂର୍ବରୁ ବିରୋଧୀଙ୍କ ସହମତି ମିଳିଯାଇଥାଏ । ମାତ୍ର ଚଳିତବର୍ଷ ଫଣ୍ଡିଂ ପ୍ଲାନ୍ ପାଇଁ ବିରୋଧୀ ରିପବ୍ଲିକାନର ସହମତି ମିଳିପାରି ନାହିଁ । କାରଣ ସରକାରୀ ଖର୍ଚ୍ଚ ଓ ବିଭିନ୍ନ ଯୋଜନା ଉପରେ ଏଥର ▶▶ପୃଷ୍ଠା ୭

## ଇସ୍କନ ସଂସ୍ଥା ବିରୋଧରେ ଆପତ୍ତିଜନକ ବୟାନ ଦେଇ ଅଡୁଆରେ ମାନେକା ଗାନ୍ଧୀ



ନୂଆଦିଲ୍ଲୀ,୨୯/୦୯ : ଅଡୁଆରେ ବିଜେପି ସାଂସଦ ମାନେକା ଗାନ୍ଧୀ। ମାନେକାଙ୍କ ନାଁରେ ମାନହାନି ମାମଲା କଲା ଇସ୍କନ । ଶହେ କୋଟି ଟଙ୍କା ମାନହାନି ମାମଲା କରି ନୋଟିସ ପଠାଇଛି ଇସ୍କନ । ଇସ୍କନ କହିଛି, ବିଜେପି ସାଂସଦଙ୍କ ବୟାନ କେବଳ ନିନ୍ଦନୀୟ ନୁହେଁ ବଂର ଇସ୍କନ ଭକ୍ତ, ସମର୍ଥକଙ୍କ ପ୍ରତି ଅପମାନ ଅଟେ । ଇସ୍କନ ବିରୋଧରେ ଅପ୍ରଚାର ଆଦୌ ବରଦାସ୍ତ କରାଯିବନି । ନିକଟରେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ ମାନେକା। ଭିଡିଓରେ ସେ ଇସ୍କନ ବିରୋଧରେ ସଂଗୀନ ଅଭିଯୋଗ କରିଥିଲେ । କଂସେଇଙ୍କୁ ଇସ୍କନ ଗାଇ ବିକୁଥିବା ଅଭିଯୋଗ କରିଥିଲେ ମାନେକ ଗାନ୍ଧୀ। ଏହି ବୟାନକୁ ନେଇ ଇସ୍କନ ସଂସ୍ଥା କ୍ଷୁବ୍ଧ ହେବା ସହ ମାନେକାଙ୍କ ବିରୋଧରେ ମାନହାନୀ ମାମଲା କରିଛି ।

## ନାରୀ ଶକ୍ତି ବନ୍ଦନ ବିଧେୟକକୁ ମିଳିଲା ରାଷ୍ଟ୍ରପତିଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ,୨୯/୦୯ : ମହିଳା ସଂରକ୍ଷଣ ବିଲ (ନାରୀ ଶକ୍ତି ବନ୍ଦନ ଅଧିନିୟମ) କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ବିଲ ସେପ୍ଟେମ୍ବର ୨୦ ତାରିଖରେ ଲୋକସଭାରେ ୨୧ ତାରିଖରେ ରାଜ୍ୟସଭାରେ ପାରିତ ହୋଇଥିଲା । କୌଣସି ବିଲ୍ ଉଭୟ ସଦନରେ ପାରିତ ହେବା ପରେ ଏହାକୁ ଆଇନରେ ପରିଣତ କରିବାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥାଏ । ଏହି ଆଇନ ଲାଗୁ ହେବା ପରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ମିଳିବ । ଏହି ବିଲ ଉଭୟ ସଦନରେ ପାରିତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ କି ଲିଙ୍ଗଗତ ନ୍ୟାୟ ପାଇଁ ଏହା ଏବେ ଯୁଗାନ୍ତକାରୀ ପରିବର୍ତ୍ତନ କ୍ରାନ୍ତି ହେବ ।

## ୭ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଇଞ୍ଜିନିୟର

ରାୟଗଡ଼ା, ୨୯/୦୯ (ନି.ପ୍ର): ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ (ଏଷ୍ଟିମେଟର) ରମାକାନ୍ତ ମଲ୍ଲିକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜଣେ ଠିକାଦାରଙ୍କ ଠାରୁ ୭ ହଜାର ଟଙ୍କା ଲାଞ୍ଚ ନେବାବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଛନ୍ତି। ସୂଚନା ଅନୁଯାୟୀ, ଝଞ୍ଜାବତୀ ନଦୀରେ ଥିବା ପମ୍ପ ହାଉସର ମରାମତି ବାବଦକୁ ଏଷ୍ଟିମେଟ କରିବା ପାଇଁ ଠିକାଦାର ସୁମନ୍ତ ପରିଡ଼ାଙ୍କ ଠାରୁ ଲାଞ୍ଚ ନେଉଥିଲେ ରମାକାନ୍ତ ମଲ୍ଲିକ। ▶▶ପୃଷ୍ଠା ୭

## ଘନଉଛି ଲଘୁଚାପ: ୧ରୁ ୩ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷିବ !

ଭୁବନେଶ୍ୱର, ୨୯/୦୯ (ନି.ପ୍ର): ବଙ୍ଗୋପସାଗରରେ ଘନଉଛି ଲଘୁଚାପ। ଆସନ୍ତା ୪୮ ଘଣ୍ଟାରେ ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ସ୍ୱଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ସ୍ୱଷ୍ଟ ଲଘୁଚାପ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ମୁହାଁ ହେବ। ଯାହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧ରୁ ୩ ତାରିଖ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରୀ କରିଥିବା ବୁଲେଟିନ୍ ଅନୁସାରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ଗୋଟିଏରୁ ଦୁଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିର ପର୍ଯ୍ୟନ୍ତ ବର୍ଷା। ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା। ହୋଇପାରେ। ଏହାଛଡ଼ା କେତେକ ଜିଲ୍ଲାରେ ବଜ୍ରପାତ ଓ ଘଡ଼ିଘଡ଼ି ମାରିବାର ଆଶଙ୍କା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅକ୍ଟୋବର ୧ ତାରିଖରେ ବଲାଙ୍ଗିର, ସୋନପୁର, ବରଗଡ଼, ଝାରସୁଗୁଡ଼ା, ▶▶ପୃଷ୍ଠା ୭

## ଖେଳନା ବିଲ୍ ପାଇଁ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଆଇସିଡିଏସ ସୁପରଭାଇଜର



ନବରଙ୍ଗପୁର, ୨୯/୦୯ (ନି.ପ୍ର): ପିଲାଙ୍କ ଖେଳନା ବିଲ୍ କରାଇ ଦେବାକୁ ଅଙ୍ଗନବାଡ଼ି କର୍ମୀଙ୍କ ଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ଓଉଡଫ ସୁପରଭାଇଜର। ଘଟଣାଟି ଘଟିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅଞ୍ଚଳରେ। କୋଷାଗୁମୁଡ଼ା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅନ୍ତର୍ଗତ କୋଡ଼ିଙ୍ଗା ସେକ୍ଟର ସୁପରଭାଇଜର୍ ରାଜେଶ୍ୱରୀ ରାଜକୁମାରୀ ନାଗଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେ ତାଙ୍କ ସେକ୍ଟର ଅଧୀନରେ ଥିବା ବନ୍ଦୀଗୁଡ଼ା ସେଣ୍ଟରର ଅଙ୍ଗନବାଡ଼ି କର୍ମୀଙ୍କ ଠାରୁ ଗତ ୩ ମାସ (ମେ, ଜୁନ ଓ ଜୁଲାଇ)ର ଖେଳନା ବିଲ୍ କରିଦେବା ପାଇଁ ୫୪୦୦ ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଛନ୍ତି। ନବରଙ୍ଗପୁର ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଛି। ଏଥିସହ ସୁପରଭାଇଜର ରାଜେଶ୍ୱରୀ ରାଜକୁମାରୀ ନାଗଙ୍କର ଦୁଇଟି ଠିକଣାରେ ଚଢ଼ାଉ କରିଛି। ସୁପରଭାଇଜର ରାଜେଶ୍ୱରୀ ରାଜକୁମାରୀ ନାଗଙ୍କୁ ନବରଙ୍ଗପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ପଚରାଉଚରା କରାଯାଉଥିବା ବେଳେ ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଚାଲିଗଲା ୩ ଜୀବନ

କେନ୍ଦୁଝର, ୨୯/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଆନନ୍ଦପୁର-କରଞ୍ଜିଆ ରାସ୍ତା ପଦ୍ମପୁର ଗେଟ୍ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଚାଲି ଯାଇଛି ୩ ଜୀବନ । ମୃତକଙ୍କ ମଧ୍ୟରେ ୨ ପୁରୁଷ ଓ ଜଣେ ମହିଳା ଥିବା ଜଣାଯାଇଛି। ସମସ୍ତଙ୍କ ଘର ମୟୂରଭଞ୍ଜରେ ବୋଲି ଜଣାଯାଇଛି । ଆଜି ସକାଳେ ଆନନ୍ଦପୁରରୁ କରଞ୍ଜିଆ ଅଭିମୁଖେ ଏକ ବାଇକ୍ ଯାଉଥିବା ବେଳେ ସେଥିରେ ଦୁଇ ପୁରୁଷ ଓ ଜଣେ ମହିଳା ଥିଲେ। ଗାଡ଼ିଟି ପଦ୍ମପୁର ଗେଟ୍ ନିକଟରେ ହୋଇଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାକୁ ଧକ୍କା ଦେଇଥିଲା। ଫଳରେ ଆନନ୍ଦପୁରରୁ କରଞ୍ଜିଆ ଅଭିମୁଖେ ଯାଉଥିବା ବାଇକ୍ରେ ଥିବା ୩ ଜଣ ▶▶ପୃଷ୍ଠା ୭

## ୪ ଘଣ୍ଟା ପରେ ଆୟତ୍ତ ହେଲା କଟକ ଚୌଧୁରୀ ବଜାର ନିଆଁ



କଟକ, ୨୯/୦୯ (ନି.ପ୍ର): ୪ ଘଣ୍ଟା ପରେ ଆୟତ୍ତ ହେଲା କଟକ ଚୌଧୁରୀ ବଜାର ଲୁଗାଦୋକନରେ ଲାଗିଥିବା ନିଆଁ। ୯ଟି ଅଗ୍ନିଶମ ବାହିନୀଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ଶେଷରେ ନିଆଁକୁ ଆୟତ୍ତ କରାଯାଇପାରିଛି। ନିଆଁରେ ଦୋକାନଟି ଜଳିପୋଡ଼ି ପାଉଁଶ ହୋଇଯାଇଛି। ଦୋକାନରେ ବହୁ ପରିମାଣର ଶାଢ଼ୀ, କପଡ଼ା ଏବଂ ପ୍ଲାଷ୍ଟିକ ଇଣ୍ଟେରିୟର୍ ଗୁଡ଼ିକ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଆଜି ସକାଳେ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଲୁଗା ଦୋକାନରେ ନିଆଁ ଲାଗିଯାଇଥିଲା। ପରେ ନିଆଁଟି ପ୍ରଥମ, ଦ୍ୱିତୀୟ , ତୃତୀୟ ଓ ଚତୁର୍ଥ ମହଲାକୁ ବ୍ୟାପି ଯାଇଥିଲା। ନିଆଁ ବ୍ୟାପିବା ପୂର୍ବରୁ ଉପରେ ରହୁଥିବା ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଅନ୍ୟ ପକ୍ଷରେ ପ୍ରବଳ ଧୂଆଁ ବାହାରୁ ଥିବାରୁ ଭିତରକୁ ଯାଇ ନିଆଁ ଲିଭାଇବା ଅଗ୍ନିଶମ କର୍ମଚାରୀଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ବିଲ୍ଡିଂରେ ଲାଗିଥିବା କାଚକୁ ଭାଙ୍ଗି ସିଡ଼ି ଦ୍ୱାରା ଚଢ଼ି ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଇଥିଲା। ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଗଡ଼ିଲା ମୁଣ୍ଡ: ବିଜେଡି ନେତାଙ୍କୁ ହତ୍ୟା



ଗଞ୍ଜାମ, ୨୯/୦୯ (ନି.ପ୍ର): ଅଶାନ୍ତ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା। ରକ୍ତ ରଞ୍ଜିତ ହୋଇଛି ଗଞ୍ଜାମର ମାଟି। ରାଜନୈତିକ ହିଂସାରୁ ଗଡୁଛି ମୁଣ୍ଡ। ଆଜି ଅତି ବୀଭତ୍ସ ଭାବେ ଜଣେ ଯୁବ ବିଜେଡି ନେତାଙ୍କୁ ହତ୍ୟା କରାଯାଇଛି। ପାଖ ଗାଁରୁ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଯୁବ ନେତାଙ୍କୁ କେତେକ ଦୁର୍ବୃତ୍ତ ଭୁଜାଲିରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ହେବା ପରେ ଖୋଳତାଡ କରୁଛି ପୁଲିସ୍ ? । ଧରାକୋଟ ଥାନା ବରିଗୁଡାର ବିଜେଡି ଯୁବ ନେତା ଅନୀଲ ମାହାନ୍ତି ଆଜି ସକାଳେ ନିଜ ସ୍କୁଟିରେ ପଡ଼ୋଶୀ ଗାଁ ଉଖୁଡ଼ାପଟାକୁ ଯାଇଥିଲେ। ▶▶ପୃଷ୍ଠା ୭

## ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ ବାଲେଶ୍ୱର ଶାଖାର ୩ୟ ସମ୍ମିଳନୀ




ବାଲେଶ୍ୱର। ୨୯। ୯।୨୦୨୩ ଆଜି ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ ବାଲେଶ୍ୱର ଶାଖାର ୩ୟ ସମ୍ମିଳନୀ ୨୦୨୩ ଆତିଥ୍ୟ ଭବନ ପରିସରରେ ଅନୁଷ୍ଠିତ ହଇଯାଇଅଛି। ଏଥିରେ ସଭାପତି ଡକ୍ଟର ଶ୍ରୀଯୁକ୍ତ ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ନିମନ୍ତିତ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡ଼ା, ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଅଜୟ ମିଶ୍ର , ଜିତେନ୍ଦ୍ର ଘୋଷାଲ , ନରେନ୍ଦ୍ର ନାଥ ସିଂହ, ଡକ୍ଟର ଶ୍ରୀଯୁକ୍ତ ଜଗବନ୍ଧୁ ଷଡ଼ଙ୍ଗୀ, ସମ୍ପାଦକ ଶ୍ରୀଯୁକ୍ତ ମହେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ନିଜ ନିଜ ଭାଷଣରେ ବର୍ତ୍ତମାନ ବଢୁଥିବା କ୍ରମବର୍ଦ୍ଧିଷ୍ଣୁ ଦୁର୍ନୀତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସାମାଜିକ, ଅର୍ଥନୈତିକ, ରାଜନୈତିକ କ୍ଷେତ୍ରରେ କିଭଳି ଦୁର୍ନୀତିର ରାକ୍ଷାସ କାୟାବିସ୍ତାର କରିଚାଲିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ସମାଜର ଜନଜୀବନରେ ଦୁର୍ନୀତି କିଭଳି ସାମ୍ରାଜ୍ୟ ବିସ୍ତାର କରି ସାଧାରଣ ଲୋକଙ୍କୁ ହନ୍ତସନ୍ତ କରୁଛି ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଉପସ୍ଥିତ ଥିବା ସଦସ୍ୟମାନେ ବିଭିନ୍ନ ଦୁର୍ନୀତିରେ ଛଟପଟ ହେଉଥିବାବେଳେ ତାରି ନିରାକରଣ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘର କର୍ମକର୍ତ୍ତାମାନେ ଏ ବିଷୟରେ ବିହିତ ପଦକ୍ଷେପ ନେବେବୋଲି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ଅତିଥିମାନେ ପୁଣି କହିଥିଲେ ଯେ ଲୋକମାନେ ସଚେତନ ହେଲେ ଓ ଏକଜୁଟ ହୋଇ ଦୁର୍ନୀତି ବିରୁଧରେ ଲଢ଼େଇ କଲେ ଦୁର୍ନୀତି ଲୋପ ପାଇଯିବ। ଉକ୍ତ ଉତ୍ସବରେ ସୀତାରାମ ସିଂ ମଂଚ ପରିଚାଳନା କରିଥିଲେ। ପରିଶେଷରେ ସଂଘ ତରଫରୁ ସ୍ମରଣୀକା ସଂଘର୍ଷ ୨୦୨୩ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

## ଇଣ୍ଡିଆ ମେଂଟରେ ଫାଟ ନେଇ ପୁଣି ଧରିଲା ଚର୍ଚ୍ଚା: ପଂଜାବରେ କଂଗ୍ରେସ ବିଧାୟକ ଗିରଫ ହେବା ପରେ ପଦାରେ ପଡିଲା କଂଗ୍ରେସ-ଆପ କଳି

ନୂଆଦିଲ୍ଲୀ,୨୯/୦୯ : ଇଣ୍ଡିଆ ମେଂଟରେ କନ୍ଦଳ ନେଇ ପୁଣି ଜୋର ଧରିଲା ଚର୍ଚ୍ଚା । ଏନସିପି ମୁଖ୍ୟ ଶରଦ ପଓ୍ୱାର କହିଛନ୍ତି, ବିଭିନ୍ନ ରାଜ୍ୟରେ ସିଟ୍ ବଂଟାକୁ ନେଇ ଇଣ୍ଡିଆ ମେଂଟରେ ଉପୁଜିପାରେ ସମସ୍ୟା । ସେପଟେ ଶୁକ୍ରବାର ଅରବିନ୍ଦ କେଜ୍ରିଓ୍ୱାଲ ପୁଣି ଥରେ କହିଛନ୍ତି, ଆମ ଆଦମୀ ପାର୍ଟି ଇଣ୍ଡିଆ ମେଂଟ ପ୍ରତି ପ୍ରତିବଦ୍ଧ ଆଉ ଏଥିରୁ ଅଲଗା ହେବାର ପ୍ରଶ୍ନ ଉଠୁନି । ପଂଜାବରେ କଂଗ୍ରେସ ବିଧାୟକ ଶୁଖପାଲ ସିଂହ ଖେରାଙ୍କ ଗିରଫଦାରି ପରେ ଏଭଳି ମନ୍ତବ୍ୟ ଦେଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ ଆଦମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲ । ଇଣ୍ଡିଆ ମେଂଟରେ କନ୍ଦଳ ନେଇ ପୁଣି ଜୋର ଧରିଲା ଚର୍ଚ୍ଚା । ଏନ୍ସିପି ମୁଖ୍ୟ ଶରଦ ପଓ୍ୱାର କହିଛନ୍ତି, ବିଭିନ୍ନ ରାଜ୍ୟରେ ସିଟ୍ ବଂଟାକୁ ନେଇ ଇଣ୍ଡିଆ ମେଂଟରେ ଉପୁଜିପାରେ ସମସ୍ୟା । ▶▶ପୃଷ୍ଠା ୭

# ବରୀ ନିର୍ବାଚନ ମଣ୍ଡଳୀରେ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ ଶୁଭାରମ୍ଭ

ଧର୍ମଶାଳା,୨୯/୦୯ (ନି.ପ୍ର): ଯାଜପୁର ଜିଲା ବରୀ କଂଗ୍ରେସ ପକ୍ଷରୁ ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବରୀ କଂଗ୍ରେସ ମହିଳା ନେତ୍ରୀ ଆରତୀ ଦେଓଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମବରଦା ବ୍ୟାଙ୍କଛକ ନିକଟରେ ରସୁଲପୁର ବ୍ଲକ ସଭାପତି ମିହିର ମିଶ୍ରଙ୍କ ସଭାପତିତ୍ୱରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ଯାଜପୁର ମହିଳା କଂଗ୍ରେସ ସଭାନେତ୍ରୀ ରୀତାଶ୍ରୀ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଅନିଲ ମହାନ୍ତି, ଯାଜପୁର ବ୍ଲକ ସଭାପତି ଗଦାଧର ଦାସ, ବରୀ ବ୍ଲକ ସଭାପତି ମନୋଜ ଦାସ ଓ ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥି ସହିତ କେନ୍ଦ୍ର ସରକାରଙ୍କ ୯ ବର୍ଷ ଓ ରାଜ୍ୟ ସରକାରଙ୍କ ୨୩ ବର୍ଷ ଶାସନକୁ କଡ଼ା ସମାଲୋଚନା କରିବା ସହ ବରୀର ବିକାଶ ଠପ୍ ହୋଇଯାଇଛି, କେବଳ ନାରାବାଜିରେ ଚାଲିଛି, ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁ ନ ଥିବା ବେଳେ ଆଜି ରାଜ ରାସ୍ତାରେ ଡ୍ରାଇଭରଙ୍କ ଠାରୁ ଆରମ୍ଭ କରି ଅଙ୍ଗନବାଡି ଓ ଆଶା କର୍ମୀ, ଶିକ୍ଷକମାନଙ୍କ ଠାରୁ ଆରମ୍ଭ କରି ଡାକ୍ତରମାନେ ସେମାନଙ୍କ ସମସ୍ୟାର ସମାଧନ ନିମନ୍ତେ ଦାବି କରୁଛନ୍ତି । ସ୍କୁଲ, କଲେଜମାନଙ୍କରେ ଶିକ୍ଷା କର୍ମଚାରୀଙ୍କ ଅଭାବ ଓ ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ଯାହାକି ସରକାରଙ୍କ ଏହି ବିକାଶ ବୋଲି ନେତୃମଣ୍ଡଳୀ ଲୋକମାନଙ୍କୁ ସଚେତନ କରାଇଥିଲେ ।

ପରେ ନେତୃମଣ୍ଡଳୀ ଓ ଶତାଧିକ ମହିଳାପୁରୁଷ କର୍ମୀମାନେ ବ୍ୟାଙ୍କଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ମହେଶ୍ୱରପୁର, ଚାନ୍ଦପୁର, ବ୍ରହ୍ମବରଦାର ବିଭିନ୍ନ ଅଂଚଳ ପରିକ୍ରମା କରି ଶେଷରେ ଚାରିଣୀଛକ ନିକଟରେ ପହଂଚିଥିଲେ । କର୍ମୀମାନେ ଦଳୀୟ ବାର୍ତ୍ତା ଲୋକମାନଙ୍କ ନିକଟରେ ପହଂଚାଇ ଥିଲେ ।

କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ କର୍ମୀ ବୈରାଗୀ ମଲିକ, ସଂଗ୍ରାମ ରାଉତ, ମଙ୍ଗୁ ମହାନ୍ତି, ସେକ୍ ଫକିରୁଦ୍ଦିନ ଖାନ, ସେକ୍ ନୁରୁଲ୍ଲା, ସେକ୍ ଅମରୁଲ, ସେକ୍ ଇମତିୟାଜ ଓ ପ୍ରକାଶ ଦେଓ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରେଳ ଉପଭୋକ୍ତା ସଂଘର ରେଳଷ୍ଟେସନ ପରିଦର୍ଶନ

ବଲାଙ୍ଗୀର,୨୯/୦୯ (ନି.ପ୍ର): ବଲାଙ୍ଗିର ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ଷ୍ଟେସନ ପରିଦର୍ଶନରେ ଯାଇଥିଲେ । ବର୍ଷେ ତଳେ ବିଶ୍ୱସ୍ତରୀୟ ରେଳଷ୍ଟେସନର ଆଜି ପର୍ଯ୍ୟନ୍ତ ଅଣଦେଖା ହୋଇ ପଡିଛି । ବରିଷ୍ଠ ନାଗରିକ ରୋଗୀ, ମହିଳାଙ୍କ ପାଇଁ ଲିଫ୍ଟ ଓ ବାରଫୁଟିଆ ର୍ୟାମ୍ପ ଫେବୃୟାରୀ ୨୦୨୪ ରେ କାର୍ଯ୍ୟକ୍ଷମ ହେବ ବୋଲି ମହାପ୍ରବନ୍ଧକ ଲିଖିତ ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଡିଆରଏମ୍ ଙ୍କ କାର୍ଯ୍ୟାଳୟରୁ ଅନୁମୋଦିତ ହୋଇ କୌଣସି ଆର୍କିଟେକ୍ଚରାଲ ନକସା ଆସିନାହିଁ ବୋଲି ସ୍ଥାନୀୟ ବିଭାଗ ଯନ୍ତ୍ରୀ ଅସହାୟ ପ୍ରକାଶ କରିଥିଲେ । ପ୍ରକାଶଥାଉ କି ବରଗଡ ଓ ନୂଆପଡାରେ ମାସେ ହେଲା ଲିଫ୍ଟ କାମ ଆରମ୍ଭ ହେଲାଣି । ଯାତ୍ରୀମାନଙ୍କ ପାଇଁ କ୍ଲକ ରୁମ ର ସୁବିଧା ଅଛି ବୋଲି ଚିଠିରେ ଦର୍ଶାଇଥିବା ସ୍ଥଳେ ଷ୍ଟେସନର କୌଣସି ସ୍ଥାନରେ ଫଳକ ନାହିଁ । କମର୍ସିଆଲ ମ୍ୟାନେଜରଙ୍କ କହିବା ଅନୁସାରେ ମାସକୁ ଦୁଇ ତିନି ଜଣ ସଚେତନ ଯାତ୍ରୀ ଟିକଟ କାଉଂଟର ରୁ ରସିଦ ଆଣି ତାଙ୍କ କାର୍ଯ୍ୟାଳୟରେ ସାମାନ ରଖନ୍ତି । ଉଚ୍ଚଶ୍ରେଣୀ ପ୍ରତିକ୍ଷାଳୟକୁ ଲାଗିଥିବା କ୍ୟାଂଟିନରେ ସନ୍ଧ୍ୟାରେ ବିଲକୁଲ ଥଣ୍ଡା ଜଳଖିଆ ପରୋଷା ଯାଉଛି । ଜନତା ମିଲ ସାଇନବୋର୍ଡରେ ଲେଖାଥିଲେ ମଧ ତିଆରି ହେଉନାହିଁ । ଦ୍ୱିତୀୟ ଶ୍ରେଣୀ ପ୍ରତିକ୍ଷାଳୟକୁ ପଶିଲେ ନାକ ଫାଟିଯାଉଛି । ରାତ୍ରିକାଳିନ ଟ୍ରେନରେ ୨ଓ ୩ ପ୍ଲାଟଫର୍ମରେ ଇଞ୍ଜିନ କୁ ଲାଗି ଦୁଇ ତିନୋଟି ବଗି ପାଖରେ ଲାଇଟ ଜଳୁନଥିବାରୁ ଏବଂ ରେଳବାଇ ସୁରକ୍ଷା କର୍ମୀ ପ୍ରାୟ ନ ଥିବା ଯୋଗୁଁ ଯାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ବଲାଙ୍ଗିର ପ୍ରତି ରେଳବାଇ ବିଭାଗର ଏହି ବୈମାତୃକ ମନୋଭାବ ଯୋଗୁଁ ଏକ ଜନ ଆନ୍ଦୋଳନକୁ ବାଧ କରୁଛି ବୋଲି ସଭ୍ୟମାନେ ମତବ୍ୟକ୍ତ କରିଛନ୍ତି । ଦୁଇ ଦିନ ତଳେ ବନାରସ ରୁ ସମ୍ବଲପୁର ଯାଉଥିବା ଟ୍ରେନ ସଂପ୍ରସାରିତ ହୋଇ ବଲାଙ୍ଗିର ଦେଇ ଦୁଇ ଦିନ ଯିବାକୁ ଥିବାରୁ ସଂଘ ଉଭୟ ମନ୍ତ୍ରୀ ଏବଂ ସାଂସଦ ସଙ୍ଗିତା ସିଂଦେଓଙ୍କ କୃତଜ୍ଞତା ଜ୍ଞାପନ କରିଛନ୍ତି । ପରିଦର୍ଶନ ସମୟରେ ରେଳ ଉପଭୋକ୍ତା ସଂଘର ସଂପାଦକ ଦିବାକର ହୋତା, କୋଷାଧକ୍ଷ ଅଶୋକ ଚାନ୍ଦ, କାର୍ଯ୍ୟକାରିଣି ସଭ୍ୟ ସୁରେନ୍ଦ୍ର ନେଗୀ, ନରେନ୍ଦ୍ର କବାଟ, ପ୍ରଫେସର ନବ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶା ନିଶା ନିବାରଣ ସଂଗଠନର ଜିଲ୍ଲା କମିଟି ବୈଠକ

କେନ୍ଦ୍ରାପଡା,୨୯ /୦୯ (ନି.ପ୍ର): ମିଳିତ ଓଡିଶା ନିଶା ନିବାରଣ ସଂଗଠନର ଜିଲ୍ଲା କମିଟି ବୈଠକ ଜିଲ୍ଲା ଶାଖା ତରଫରୁ ସଂପାଦକ ଆଦିକନ୍ଦ ରାଉଳଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ୧୯୫୬ ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରି ରାଜ୍ୟ ସରକାର ତୁରନ୍ତ ଓଡିଶାକୁ ମଦ ମୁକ୍ତ ରାଜ୍ୟ ଭାବେ ଘୋଷଣା କରିବା ପାଇଁ ଆସନ୍ତା ଗାନ୍ଧୀ ଜୟନ୍ତୀ ଠାରୁ ଗୋପବନ୍ଧୁ ଜୟନ୍ତୀ ମଧରେ ବ୍ୟାପକ ଜନ ଜାଗରଣ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଏଥିରେ ବିରେନ୍ଦ୍ର ପଣ୍ଡା, ଦମୟନ୍ତୀ ସାହୁ, ଦିବାକର ସାହୁ, ସୁହାନା ବିବି, ସୁହାନା ବେଗମ, ଅମରେନ୍ଦ୍ର ଦାସ, ରାଜ୍ୟ କମିଟି ସଭ୍ୟ କୈଳାସ ଚନ୍ଦ୍ର ମଲିକ, ଅଧାପକ ଅଜୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ମଦମୁକ୍ତି ଆନ୍ଦୋଳନ କୁ ଆଗକୁ ନେବାପାଇଁ ଜିଲ୍ଲା ସଂଗଠନର ସମସ୍ତ କାର୍ଯ୍ୟକୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୯ଟି ବ୍ଲକର ନିଶା ନିବାରଣ ସଂଗଠନ ର ସଭାପତି, ସଂପାଦକ ଉପସ୍ଥିତ ଥିଲେ ।

# ମରଣଯନ୍ତା ପାଲଟିଛି ବାମେବାରୀ - ପଳାସପଙ୍ଗା ରାସ୍ତା

ଚମ୍ପୁଆ,୨୯/୦୯ (ନି.ପ୍ର): ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାକୁ ଓଡ଼ିଶା ରାଜ୍ୟ ରାଜକୋଷର ମେରୁଦଣ୍ଡ କୁହାଯାଉଥିବା ବେଳେ ଏହି ଜିଲ୍ଲାରେ ବସବାସ କରୁଥିବା ଲୋକ ମାନଙ୍କୁ ମୌଳିକ ସୁବିଧା ଟିକେ ମଧ ମିଳିପାରୁ ନ ଥିବା ଦେଖିବାକୁ ମିଳୁଛି । ସରକାରଙ୍କ ଯୋଜନା ଉପରେ ଯୋଜନା ରାସ୍ତା କଡରେ ଥିବା ହୋର୍ଡ଼ିଂ ଓ ବ୍ୟାନର ଭିତରେ ରହି କେନ୍ଦୁଝରବାସୀଙ୍କୁ ଉପହାସ କରୁଛି । ସ୍ଥାନୀୟ ରାଜନେତା, ପ୍ରଶାସନିକ ଅଧିକାରୀ, କମ୍ପାନୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ କାଗଜ, କଲମରେ ସମସ୍ତ ଯୋଜନା କାର୍ଯ୍ୟକାରୀ ହୋଇ ଫାଇଲ ଭିତରେ ବନ୍ଧା ହୋଇ ପଡି ରହୁଛି । ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟାକୁ ନେଇ ସାଧାରଣ ଜନତା ସ୍ୱର ଉତୋଳନ କରୁଥିଲେ ହେଁ ସ୍ଥାନୀୟ ଲୋକ ପ୍ରତିନିଧି ମାନେ ନିଜ ପଦବୀର ଅପ ବ୍ୟବହାର କରି ଖଣି ଓ କାରଖାନା ମାଲିକ ଏବଂ ଠିକାଦାର ମାନଙ୍କ ସହିତ ସାଲିସ କରି ସ୍ଥାନୀୟ ସ୍ୱର ଉତୋଳନକାରୀ ଲୋକଙ୍କ କଣ୍ଠରୋଧ କରିବାକୁ ସବୁବେଳେ ପ୍ରୟାସ କରାଯାଇଥିବା ଦେଖା ଯାଇଛି । ଯାହାକୁ ନେଇ ଗଣମାଧମରେ ଖବର ପ୍ରକାଶ ପାଉଥିଲେ ମଧ ସରକାରୀ କଳ ସ୍ଥାଣୁ ପାଲଟିଛି । ଏବେ କେନ୍ଦୁଝର ଜିଲ୍ଲାର ପଳାସପଙ୍ଗା - ବାମେବାରୀ ରାସ୍ତା ଅବସ୍ଥା ନ କହିବା ଭଲ । କେନ୍ଦୁଝର ଜିଲ୍ଲାର ପଳାସପଙ୍ଗା ଠାରୁ ବାମେବାରୀ ପର୍ଯ୍ୟନ୍ତ ଯାଇଥିବା ଏହି ରାସ୍ତାର ଦୁଇପାର୍ଶ୍ୱରେ ଅନେକ ଖଣି ଓ କାରଖାନା ରହିଥିବାରୁ ଏହି ରାସ୍ତାରେ ପ୍ରତିଦିନ ଖଣିଜ ସାମଗ୍ରୀ ପରିବହନ କରିବା ପାଇଁ ହଜାର ହଜାର ସଂଖ୍ୟାରେ ବଡ଼ ବଡ଼ ଟ୍ରକ ଓ ଟ୍ରଲର ଯିବା ଆସିବା କରୁଥିଲେ ମଧ ଏହି ରାସ୍ତାର ମରାମତି କରାଯାଉ ନ ଥିବାରୁ ଏହା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଲୋକଙ୍କ ଅସୁବିଧାକୁ ଭ୍ରୁକ୍ଷେପ ନ କରି ଏହି ଅଂଚଳର ଖଣି ଓ କାରଖାନା କମ୍ପାନୀ ଗୁଡିକ ଅଧିକରୁ ଅଧିକ ଭାରୀଯାନରେ କଂଚା ମାଲ୍ ପରିବହନ ଜାରି ରଖିଛନ୍ତି । ଯାହା ପାଇଁ କାଳିମାଟି ଅଂଚଳରେ ବାରମ୍ବାର ଅଭିଯୋଗର ସ୍ୱର ଉଠିଛି । କିନ୍ତୁ, କମ୍ପାନୀ ମାନଙ୍କ ଠାରୁ ମୋଟା ଅଙ୍କର ବଟି ଆଦାୟ କରୁଥିବା କିଛି ସ୍ୱାର୍ଥନ୍ୟସ୍ତ ଲୋକ ପ୍ରତିନିଧି ଓ ସେମାନଙ୍କ ପାଳିତ ଗୁଣ୍ଡା ସାଧାରଣ ଜନତାଙ୍କ କଣ୍ଠରୋଧ କରି କମ୍ପାନୀ ଗୁଡିକୁ ପ୍ରଶୟ ଦେଉଥିବା ଅଭିଯୋଗ ହେଉଛି । ତେବେ ବାରମ୍ବାର ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ହେବା ଦ୍ୱାରା ଏହି ରାସ୍ତାକୁ ୪ ଥାକିଆ ରାସ୍ତା କରିବା ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ରାସ୍ତା ନିର୍ମାଣ ନିମନ୍ତେ ଏହାର ଦାୟିତ୍ୱ ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ସଂସ୍ଥାକୁ ଦିଆଯାଇଥିଲା । ଟେଣ୍ଡର ପ୍ରକ୍ରିୟାରେ ନନ୍ଦ ଇନଫ୍ରା କନଷ୍ଟ୍ରକ୍ସନ ପ୍ରା.ଲିଃ. କୁ ଦିଆଯାଇଥିବା ବେଳେ ସମ୍ପୃକ୍ତ ଠିକା ସଂସ୍ଥା ଦ୍ୱାରା ରାସ୍ତା କଡରେ ଏକ ବଡ଼ ବୋର୍ଡ ମରାଯାଇଛି । ଯେଉଁଥିରେ ଖଣି ପ୍ରଭାବିତ ଅଂଚଳର ଏହି ରାସ୍ତା ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୪୯୮୨. ୫୬ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା ବେଳେ ଏହି ରାସ୍ତା କାମ ତା - ୦୧.୦୨.୨୦୨୩ ରୁ ଆରମ୍ଭ ହୋଇ ୩୧.୦୧.୨୦୨୫ ରେ ସାରିବା ନେଇ ଉଲ୍ଲେଖ ରହିଛି । ତେବେ ଏହି ବାମେବାରୀ ଠାରୁ ପଳାସପଙ୍ଗା ରାସ୍ତା ନିର୍ମାଣ ହେବ ବୋଲି ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ ପୂଜାର୍ଚ୍ଚନା କରି ନଡ଼ିଆ ପିଟି ଫଳକ ସ୍ଥାପନ କରିଥିଲେ, କିନ୍ତୁ ଏହା ଭିତରେ ୮ ମାସ ବିତି ଗଲାଣି, ହେଲେ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରୁ ନ ଥିଲେ ମଧ ବିଭାଗୀୟ ଅଧିକାରୀ ଅବା ଲୋକ ପ୍ରତିନିଧି କେହିବି ଏଥିପ୍ରତି ଦୃଷ୍ଟି ନଦେଇ ଚୁପ ହୋଇ ବସିଯିବା ଲୋକଙ୍କ ମନର ସନ୍ଦେହକୁ ଦ୍ୱିଗୁଣିତ କରୁଛି । ଫଳକ ଫଳକ ସ୍ଥାନରେ ସୁରକ୍ଷିତ ଥିବାବେଳେ ରାସ୍ତା ନିର୍ମାଣ କାର୍ଯ୍ୟର ଅଗ୍ରଗତି ଶୂନ ଥିଲେ ବି ଠିକାସଂସ୍ଥା ଉପରେ ବିଭାଗିୟ ଅଧିକାରୀଙ୍କ ଅହେତୁକ ଅନୁକମ୍ପା ଅଧିକାରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକାକୁ ପଦାରେ ପକାଇଛି । ତେବେ ପ୍ରକୃତରେ ଏହି ୪ ଥାକିଆ ରାସ୍ତା ନିର୍ମାଣ ହେବ ନା କେବଳ ରାସ୍ତା କଡରେ ଥିବା ବୋର୍ଡ ଭିତରେ ସୀମିତ ରହିଯିବ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବେ ଏହି ରାସ୍ତାର ଅବସ୍ଥା ଏମିତି ହୋଇଛି ଯେ, ସ୍କୁଲ ବସ ମଧ ଯା ଆସ କରିବା କଷ୍ଟକର, ଫଳରେ ସ୍କୁଲ ଛାତ୍ର, ଛାତ୍ରୀ ଠିକ୍ ସମୟରେ ବିଦ୍ୟାଳୟରେ ପହଂଚି ନ ପାରିବାରୁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ପାସେଞ୍ଜର ବସ ଓ ଆମ୍ବୁଲାନ୍ସ ଯିବା ଆସିବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ପାଇଁ ସ୍ଥାନୀୟ ବାସିନ୍ଦା ବାରମ୍ବାର ପ୍ରଶାଶନର ଦ୍ୱାରସ୍ଥ ହେବାପରେ ରାସ୍ତା ମଞ୍ଜୁର ହୋଇଥିଲା, ଯାହା ପାଇଁ ବର୍ଷା ଦିନେ କାଦୁଅ ଓ ଅନ୍ୟ ଦିନେ ଧୂଳି ଧୁଆଁ ରେ ଅତିଷ୍ଠ ହୋଇ କଣ୍ଡରାପଶି ଠାରେ କିଛି ମାସ ତଳେ ଅଂଚଳବାସୀ ରାସ୍ତା ଅବରୋଧ କରିଥିଲେ । ପ୍ରଶାସନର ପ୍ରତିଶୃତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା, କିନ୍ତୁ ଅବସ୍ଥା ଯଥା ପୂର୍ବଂ ତଥା ପରଂ । ପୂନର୍ବାର ଚଳିତ ମାସ କଣ୍ଡରାପଶିର ଗ୍ରାମବାସୀ ରାସ୍ତାର କଦର୍ଯ୍ୟ ଅବସ୍ଥାକୁ ନେଇ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିବା ସହ ଆନ୍ଦୋଳନର ଚେତାବନୀ ଦେଇଥିବା ଜଣାପଡିଛି । ତେବେ ଏହି ଅଂଚଳରୁ କୋଟି କୋଟି ଟଙ୍କାର ରାଜସ୍ୱ ରାଜକୋଷକୁ ଯାଉଥିବା ବେଳେ ଏହି ରାସ୍ତା ଏବେ ଲୋକଙ୍କ ପାଇଁ ପାଲଟିଛି ମରଣଯନ୍ତା । ବିଶେଷ କରି ବଡ କାଳିମାଟି, ବଳଦା, ପଳଶା, ବାମେବାରୀ ପ୍ରମୁଖ ଅଂଚଳ ବାସୀଙ୍କ ପାଇଁ ଏହି ରାସ୍ତା ପାଲଟିଛି ଅଭିଶାପ । ତେଣୁ ବିଭାଗୀୟ ଅଧିକାରୀ ତୁରନ୍ତ ଏହି ରାସ୍ତା ନିର୍ମାଣ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ ପାଳିତ

ସୁବର୍ଣ୍ଣପୁର ,୨୯/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ସ୍ଥାନୀୟ ସାହାରା ଟ୍ରଷ୍ଟ ହାଇସ୍କୁଲ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନ ପତି ଙ୍କ ଅଧକ୍ଷତା ରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିସି) ଡା. ରମେଶ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ମେଡ଼ିସିନ ସ୍ପେସିଆଲିଷ୍ଟ ଡା. ଜିତାରାମ ବିଡ, ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟମିଶନ ର ଜିଲ୍ଲା ସଂଯୋଜକ ବିଶ୍ୱମ୍ବର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥିମାନେ ବିଶ୍ୱ ଜଳାତଙ୍କ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରି ଯଦି କୁକୁର, ବିଲେଇ କାମୁଡନ୍ତି ସଙ୍ଗେ ସଙ୍ଗେ ସାବୁନ ରେ ଭଲ ଭାବରେ ଧୋଇ ଦେଇ ଶିଘ୍ର ଡାକ୍ତରଖାନା କୁ ଯାଇ ପ୍ରତିଷେଧକ ଟୀକା ନେବାକୁ ପରାମର୍ଶ ଦେଇଥିଲେ । ଯେହେତୁ ଏହା ଏକ ଭୂତାଣୁ ଜନିତ ରୋଗ ସମସ୍ତେ ସଚେତନତା ହୋଇ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ସହିତ ପରାମର୍ଶ କରି ମୃତ୍ୟୁ ମୁଖରୁ ରକ୍ଷା କରିବା ପାଇଁ ପ୍ରବର୍ତ୍ତାଇ ଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଉକ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା । ଉକ୍ତ ସଭାରେ ଏକ କ୍ୱିଜ କାର୍ଯ୍ୟକ୍ରମ କରି ୧୧ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ ।ମାଇକ୍ରୋବାଇଲୋଜିଷ୍ଟ ବଲାରୀ ଦାସ, ସୁଚିସ୍ମିତା ସାହୁ, ସହକାରୀ ଶିକ୍ଷକ ଦିଲିପ କୁମାର ପଣ୍ଡା, ଡି. ଇ. ଓ. ନାରାୟଣ ରଥ ସହଯୋଗ କରିଥିଲେ । ସଭାରେ ଶାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଓ ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଏମ ସି ପି ତରଣୀସେନ ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପାଲ୍ଲିଗୁଡା ଜଙ୍ଗଲରେ ଅବକାରି ଚଢଉ

ଜୟପୁର, ୨୯/୦୯ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ପାଲ୍ଲିଗୁଡା ଜଙ୍ଗଲରେ ଅବକାରି ବିଭାଗର ଚଢଉ । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ସେଠାରୁ ଚମ୍ପଟ ମାରିଥିବା ବେଳେ ଘଟଣାସ୍ଥଳରୁ ୫ ଶହ ଲିଟର ପୋଚ ଓ ୬୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରାଯାଇଛି । ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ଟାଉନ ପୋଲିସ ୩୮ ଗୋଟି ସିଲ ଥିବା ମୋନକଫ-ପ୍ଲସ୍ କଫ ଶିରପ ବୋତଲ ଜବତ : ୧ ଗିରଫ

ବଲାଙ୍ଗିର ,୨୯/୦୯ (ନି.ପ୍ର): ଗତ କିଛି ଦିନ ହେଲା ବଲାଙ୍ଗିର ରେ ହେଉଥିବା ବିଭିନ୍ନ ଅପରାଧ ଓ ଅପରାଧୀ ମାନଙ୍କୁ କମ କରିବା ପାଇଁ ଏସ.ପି ଙ୍କ ତତ୍ୱବଧାନରେ ଏକ ସ୍ପେଶାଲ ଟିମ ଗଠନ କରାଯାଇ ବିଭିନ୍ନ କଫ ଶିରପ ବେପାରୀ, ଗଞ୍ଜେଇ ବେପାରୀ, ଅବୈଧ ମଦ ବେପାରୀ ମାନଙ୍କୁ ଧାରାଯାଇ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ପରିପ୍ରେକ୍ଷିରେ ତା.୨୭.୦୯.୨୦୨୩ ରିଖ ସମୟ ରାତ୍ର ୦୯.୫୯ ମି. ସମୟରେ ରିପୋର୍ଟକାରୀ ମମତା ପ୍ରଧାନ(୪୪), ସ୍ୱା-ଅପ୍ରମିତ ପ୍ରଧାନ, ଏ.ଏସ.ଆଇ ଟାଉନ ଥାନା, ଜିଲ୍ଲା-ବଲାଙ୍ଗିର ଅଭିଯୋଗ କଲେ ଯେ, ତା.୨୭.୦୯.୨୦୨୩ ରିଖ ସନ୍ଧ୍ୟା ୮.୩୦ ମି ସମୟରେ ପେଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଲେ ଯେ ଅଭୟ ସାହୁ, ଠିକାଦାର ପଡା ନାମକ ଜଣେ ବ୍ୟକ୍ତି ଠିକାଦାର ପଡା ଛକ ରେ ଅବୈଧ ଭାବରେ କଫ ଶିରପ ବିକ୍ରି କରୁଛି । ଏହି ଖବର ପାଇ ସେମାନେ ଉକ୍ତ ସ୍ଥାନ କୁ ଯାଇ ରେଡ କରି ଉକ୍ତ ବ୍ୟକ୍ତି କୁ ଧରିଲେ ଓ ତା ଠାରୁ ୩୮ ଗୋଟି ସିଲ ଥିବା ମୋନକଫ-ପ୍ଲସ୍ କଫ ଶିରପ ବୋତଲ, ଗୋଟିଏ ଲୁଜ କଫ ଶିରପ ବୋତଲ ଯହିଁରେ ୬୦ମିଲି ଶିରପ, ୦୧ ଷ୍ଟ୍ରିପ ଅଲ୍ପ୍ରାଜୋଲମ୍ ଅଲଟ୍ରେ ଟାବଲେଟ (ଯହିଁରେ ୦୬ ଗୋଟି ଟାବଲେଟ ଥାଇ), ଗୋଟିଏ ପାଣି ବୋତଲ ଯହିଁରେ ପ୍ରାୟ ୭୦୦ମି.ଲି. ନାରଙ୍ଗି ରଙ୍ଗ ପାଣି ଏବଂ ଟ.୫୦୦୦/- ଯୁବକ ଠାରୁ ଜବତି କଲେ । ପରେ ତାର ନାମ ପଚାରିବାରେ ସେ ତାର ନାମ ଅଭୟ ସାହୁ(୩୮) ପି-ଘାଷିରାମ ସାହୁ, ନି–ଠିକାଦାର ପଡା, ଥାନା-ଟାଉନ, ଜିଲ୍ଲା-ବଲାଙ୍ଗୀର କହିଲା । ଏଣୁ ଉକ୍ତ ଜିନିଷ ସବୁକୁ ଏ.ଏସ.ଆଇ ମମତା ପ୍ରଧାନ ଜବତି କରି ଯୁବକ ଜଣକୁ ଥାନାକୁ ଆଣି ରିପୋର୍ଟ କଲେ । ତଦନ୍ତକାରୀ ପୋଲିସ ଅଧିକାରୀ ଏ.ଏସ.ଆଇ ବିଦ୍ୟାଧର ଭୋଇ ଏଥିର ତଦନ୍ତ କରି ଅପରାଧୀ ଅଭୟ ସାହୁ କୁ ତା.୨୮.୦୯.୨୩ ରିଖ ରେ ମାନ୍ୟବର ଅଦାଲତ ଙ୍କ ସମ୍ମୁଖ ରେ ହାଜର କରାଯାଇ ଥିବା, ଟାଉନ ଥାନା କେସ ନ-୫୦୯ ତା.୨୭.୦୯.୨୦୨୩ ରିଖ ଦଫା-୨୭୪/ ୨୭୫ ଭା.ଦ.ଆ ଟାଉନ ଥାନା ଅଧିକାରୀ, ବଲାଙ୍ଗୀର ସୂଚନା ଦେଇଛନ୍ତି ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ଓଡ଼ିଶାରେ ହିନ୍ଦୀର ସ୍ଥିତି ଓ ସମ୍ଭାବନା' ଶୀର୍ଷକ ଜାତୀୟ ସେମିନାର

ଜୟପୁର,୨୯/୦୯ (ନି.ପ୍ର): କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ଓଡ଼ିଶାରେ ହିନ୍ଦୀର ସ୍ଥିତି ଓ ସମ୍ଭାବନା' ଶୀର୍ଷକ ଦିନିକିଆ ଜାତୀୟ ଆଲୋଚନାଚକ୍ର ଗତ ୨୭ ସେପ୍ଟେମ୍ବର ୨୦୨୩ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧକ୍ଷତାରେ ଏହି ଜାତୀୟ ଆଲୋଚନାଚକ୍ରର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଫେସର ତ୍ରିପାଠୀ ହିନ୍ଦୀର ସାମ୍ପ୍ରତିକ ପରିସ୍ଥିତି ଏବଂ ଏହାର ବୈଶ୍ୱିକ ଦୃଷ୍ଟିକୋଣ ବିଷୟରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଅନୁବାଦ ମାଧମରେ ହିନ୍ଦୀକୁ ସମୃଦ୍ଧ କରିବା ସହ ହିନ୍ଦୀର ଉପଯୋଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ଓ ଛତିଶଗଡ଼ର ହିନ୍ଦୀ ବିଦ୍ୱାନ ଓ ପ୍ରଫେସରମାନେ ଓଡ଼ିଶାରେ ହିନ୍ଦୀର ସ୍ଥିତି ଓ ସମ୍ଭାବନା ସମ୍ପର୍କରେ ନିଜର ମତ ରଖିଥିଲେ । ଏହି ଅବସରରେ ଓଡ଼ିଶାର ପ୍ରଥମ ହିନ୍ଦୀ-ଓଡ଼ିଶା ସେବକ , ବିଶିଷ୍ଟ ବିଦ୍ୱାନ ସ୍ୱର୍ଗତ ପ୍ରଫେସର ଡ. ତାରିଣୀ ଚରଣ ଦାସ 'ଚିଦାନନ୍ଦ'ଙ୍କୁ ମରଣୋତ୍ତର ଭାବେ 'ଓଡ଼ିଆ-ହିନ୍ଦୀ ସେତୁ ସମ୍ମାନ-୨୦୨୩' ପ୍ରଦାନ କରାଯାଇଥିଲା । ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତାଙ୍କ ପୁଅ ଶ୍ରୀ ରବିଶଙ୍କର ଦାସ ଏହି ପୁରସ୍କାର ଗ୍ରହଣ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ଯୋଗ ଦେଇ ପ୍ରଫେସର ସୁଧାଂଶୁ କୁମାର ନାୟକ ସାହିତ୍ୟିକ ସ୍ୱର୍ଗତ ଚିଦାନନ୍ଦଙ୍କ ସାହିତ୍ୟ ଅଭ୍ୟାସ ଓ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରି ତାଙ୍କୁ ହିନ୍ଦୀର ଜଣେ ଯୁଗପୁରୁଷ ଭାବେ ଉପସ୍ଥାପିତ କରିଥିଲେ । ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପୁନରୁଦ୍ଧାର କରିବାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ସମ୍ଭାବନା ରହିଛି ବୋଲି ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର ପ୍ରଫେସର ଅରୁଣ ଭରଦ୍ୱାଜ ଆଶା ବ୍ୟକ୍ତ କରିଥିଲେ । ସରକାରୀ ଭାଷା ବିଭାଗର ସଂଯୋଜକ ପ୍ରଫେସର ହେମରାଜ ମୀନା ଜାତୀୟ ହିନ୍ଦୀ ସାକ୍ଷରତା ଅଭିଯାନକୁ ତ୍ୱରାନ୍ୱିତ କରିବା ଏବଂ ହିନ୍ଦୀ ସେବାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ହିନ୍ଦୀ ବିଭାଗର ମୁଖ୍ୟ ଡ. ଚକ୍ରଧର ପ୍ରଧାନ କୁଳପତି, ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ଓଡ଼ିଶାର ହିନ୍ଦୀ କାର୍ଯ୍ୟରତ ପ୍ରଫେସର, ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପକ, ଅଧାପକ ଓ ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ହିନ୍ଦୀ ବିଭାଗ ପକ୍ଷରୁ ହିନ୍ଦୀ ପ୍ରଥମ ବର୍ଷ ର ବିଦ୍ୟାର୍ଥୀ କୁ ଶିବାନୀ ମଂଚ ପରିଚାଳନା କରିଥିଲେ

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୁକ୍ତକୁ ଫେରାର୍ ଥାନାରେ ଏତଲା

କନ୍ଧମାଳ ,୨୯/୦୯ (ନି.ପ୍ର): ନିଜକୁ ଜଣେ ଶିକ୍ଷକର ପରିଚୟ ଦେଇ ଫସାଇଲା ନାବାଳିକାକୁ । ପରେ ଅପହରଣ କରିନେଇ ରଖିଲା ସଂପର୍କ । ବାରାମ୍ବାର ସଂପର୍କ ରଖିବା ପରେ ବସଷ୍ଟାଣ୍ଡରେ ଛାଡି ଯୁବକ ମାରିଲା ଚମ୍ପଟ ମାରିଛି । କନ୍ଧମାଳ ଜିଲ୍ଲାରେ ଘଟିଛି ଏମିତି ଘଟଣା । କୋଟଗଡ଼ ଥାନା ମାଦାଗୁଡ଼ା ଗ୍ରାମ ପଂଚାୟତର ତଳ ମଧୁଗୁଡ଼ା ଗ୍ରାମର ବସନ୍ତ ପାରାସେଟଙ୍କ ପୁଅ ନକୁଳ ପାରାସେଟ । ସେହି ଗ୍ରାମର ଜଣେ ଝିଅଙ୍କୁ ଅପହରଣ କରିଥିଲା । ସେ ଆସରାମ୍ ବାପୁଜୀ କଲେଜର ୨ ପ୍ରଥମ ବର୍ଷର ଛାତ୍ରୀ । ନିଜକୁ ଶିକ୍ଷକର ପରିଚୟ ଦେଇ ତାଙ୍କୁ ଫସାଇ ଅପହରଣ କରି ନେଇ ବାରମ୍ବାର ବଳତ୍କାର କରିଥିବା ନେଇ କୋଟଗଡ ଥାନାରେ ଅଭିଯୋଗ କରିଛନ୍ତି ନାବାଳିକା । ପରିବାର ଲୋକେ, କୋଟଗଡ଼ ପୋଲିସ କେସ ନମ୍ବର ୧୧୬/ ୨୩/ରେ ଏକ ମାମଲା ରୁଜୁ କରିଛନ୍ତି । କୋଟଗଡ଼ ଥାନା ଅଧିକାରୀ କହିଛନ୍ତି, ଅଭିଯୁକ୍ତ ନକୁଳ ପରାସେଟ ନାବାଳିକାଙ୍କୁ ବାଲିଗୁଡା ଜଗନ୍ନାଥ ମନ୍ଦିର ପାଖ ଜଣେ ସମ୍ପର୍କୀୟଙ୍କ ଘରେ ରାତିରେ ରଖି ପରଦିନ ବାଲିଗୁଡ଼ା ଠାରୁ ବ୍ରହ୍ମପୁର ନେଇ ଯାଇଥିଲେ । ବ୍ରହ୍ମପୁରରେ ୧୬ ଦିନ ରହି ବିଭିନ୍ନ ପ୍ରକାରରେ ନାବାଳିକାଙ୍କୁ ଧମକ ଚମକ ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିବା କହିଛନ୍ତି ନାବାଳିକା । ଯେଉଁ ଦିନ ଝିଅ କଲେଜରୁ ଘରକୁ ଫେରିନଥିଲା ପରିବାର ଲୋକ ନିଜ ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରିଥିଲେ । କିନ୍ତୁ ଝିଅର ସନ୍ଧାନ ମିଳି ନଥିବାରୁ କୋଟଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । କିଛି ଦିନ ପରେ କୋଟଗଡ଼ ପୋଲିସ ପହଂଚିଥିଲା ମାଦାଗୁଡ଼ା ପଂଚାୟତର ତଳ ମଧୁଗୁଡ଼ା ଗ୍ରାମ ବସନ୍ତ ପରାସେଟଙ୍କ ଘରେ । ପୋଲିସ ପଚରା ଉଚୁରା କରିଥିଲା । ପୋଲିସର ତନାଘନା ଦେଖି ପରିବାର ଲୋକ ନକୁଳଙ୍କୁ ଫୋନ ମାଧମରେ ଡାକିଥିଲେ ।

# ବ୍ଲକ କାର୍ଯ୍ୟାଳୟରୁ ଫାଇଲ ଗାଏବ : ଅଧାପନ୍ତରିଆ ଇନ୍ଦ୍ରପ୍ରସ୍ଥ ଅଙ୍ଗନୱାଡି କେନ୍ଦ୍ର : ଗଛ ମୂଳେ ପଢୁଛନ୍ତି କୋମଳମତି ଶିଶୁ

ଚମ୍ପୁଆ,୨୯/୦୯ (ନି.ପ୍ର): କୋମଳମତି ଶିଶୁଙ୍କୁ ପ୍ରାକ ଶିକ୍ଷା ସହିତ ପୃଷ୍ଟିକର ଖାଦ୍ୟ ପ୍ରଦାନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଅଙ୍ଗନୱାଡି । ଉପଯୁକ୍ତ ପରିବେଶରେ ଶିକ୍ଷା ସହିତ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଗଢା ଯିବାକଥା ଶିଶୁଙ୍କ ଭବିଷ୍ୟତ । ମାତ୍ର ଅଧିକାରୀଙ୍କ ମନମାନି ଓ ଖାମଖିଆଲି ନିତି ଯୋଗୁଁ ବର୍ଷ ବର୍ଷ ଧରି ଗଛ ମୂଳେ ପାଠ ପଢୁଛନ୍ତି କୋମଳମତି ଶିଶୁ । ଏମାନଙ୍କୁ ଜାଣି ଜାଣି ଅଣଦେଖା କରାଯାଉଛି । ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ରେ ମିଳୁନାହିଁ ଉନ୍ନୟନ କାର୍ଯ୍ୟ ର ଫାଇଲ । ଯାହାରି ପାଇଁ ପାଂଚ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ଅଧାପନ୍ତରିଆ ଭାବେ ପଡ଼ି ରହିଛି ଅଙ୍ଗନୱାଡ଼ି କେନ୍ଦ୍ର । ଘର ନ ଥିବାରୁ ପାଂଚ ବର୍ଷ ହେବ ଗଛ ମୂଳେ ପଢୁଛନ୍ତି କୁନି କୁନି ଛାତ୍ର ଛାତ୍ରୀ । ଶିଶୁ ଓ ମହିଳାଙ୍କ ପାଇଁ ମାଳ ମାଳ ଯୋଜନା ତଥା ରାଜ୍ୟ ର ସର୍ବାଙ୍ଗୀନ ବିକାଶ ର ଡିଣ୍ଡିମ ପିଟୁଥିବା ସରକାର ଙ୍କ କେନ୍ଦୁଝର ଜିଲ୍ଲା, ଚମ୍ପୁଆ ବ୍ଲକର ସରକାରୀ କାର୍ଯ୍ୟାଳୟ ରୁ ଫାଇଲ ଗାଏବ ହେବା ଏକ ସାଧାରଣ ଘଟଣା ରେ ପରିଣତ ହୋଇଛି । ଯାହା ଫଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଦେଖିବାକୁ ମିଳୁଛି । ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ୍ ସୁନାପଶି ପଂଚାୟତ ଇନ୍ଦ୍ରପ୍ରସ୍ଥ ଗ୍ରାମରେ । ୨୦୧୭ -୧୮ ଆର୍ଥିକ ବର୍ଷରେ ବ୍ଲକ୍ ଅନୁଦାନ ରେ ପ୍ରାୟ ପାଂଚ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ଇନ୍ଦ୍ରପ୍ରସ୍ଥ ଗ୍ରାମ ରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ର ନିର୍ମାଣ କାର୍ଯ୍ୟ ବିଭାଗୀୟ କାର୍ଯ୍ୟାଦେଶ ରେ ଆରମ୍ଭ କରାଯାଇଥିଲା । ସେତେବେଳେ ଦାୟିତ୍ୱ ରେ ଥିବା କନିଷ୍ଠ ଯନ୍ତ୍ରୀ ମଦନ ମୋହନ ବେହେରା ଙ୍କ ନାମରେ ଏହି କେନ୍ଦ୍ର ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଗ୍ରାମ ର ଜନୈକ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଆରମ୍ଭ ହୋଇଥଲା । ତେବେ ନିର୍ମାଣ ଆରମ୍ଭ ହେବାର ପାଂଚ ବର୍ଷ ବିତି ଯାଇଥିଲେ ମଧ ଏହି ଅଙ୍ଗନୱାଡ଼ି କେନ୍ଦ୍ର ଟି ଅଧାପନ୍ତରିଆ ଭାବେ ପଡ଼ି ରହିଛି । ଏ ଯାଏଁ କେନ୍ଦ୍ର ର ଛାତ ପଡ଼ି ପାରି ନ ଥିବା ବେଳେ ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବାରୁ କୋମଳମତି କୁନି କୁନି ପିଲା ମାନେ ସମ୍ମୁଖ ରେ ଥିବା ଏକ ଗଛ ମୂଳେ ପାଲ ପକାଇ ଖରା ବର୍ଷା ରେ ପାଠ ପଢୁଥିବା ଦେଖିବାକୁ ମିଳିଛି । ଇତି ମଧରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଙ୍କ ବଦଳି ହୋଇ ତାଙ୍କ ପରେ ପାଂଚ ରୁ ଅଧିକ କନିଷ୍ଠ ଯନ୍ତ୍ରୀ ଏହି ପଂଚାୟତ ର ଦାୟିତ୍ୱ ବହନ କରିଥିଲେ ହେଁ ବ୍ଲକ୍ କାର୍ଯ୍ୟାଳୟ ରୁ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ର ଫାଇଲ ଗାଏବ ହୋଇଯାଇଥିବାରୁ ଏହି କେନ୍ଦ୍ର ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନଥିବା ଜଣା ପଡ଼ିଛି । ଗ୍ରାମବାସୀ ଙ୍କ ତରଫରୁ ବାରମ୍ବାର ଦାବୀ ସତ୍ତ୍ୱେ ବିଭାଗ ହାତ ବାନ୍ଧି ବସି ଥିବା ବେଳେ ଏହାକୁ ନେଇ ଗ୍ରାମ ରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି କ୍ଷ ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ପାସିଘାଟ

ବୁଲିବାକୁ ଯିବା ପାଇଁ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଖୁବ୍ ସୁନ୍ଦର ସ୍ଥାନ। କାରଣ ଅନ୍ୟ ରାଜ୍ୟ ତୁଳନାରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପ୍ରଦୂଷଣମୁକ୍ତ। ତୁଳନାତ୍ମକ ଭାବେ ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟକମ୍। ଗୋଟିଏ ପଟେ ପାହାଡ଼ କୋଳରେ ଯେମିତି ମେଘମାନଙ୍କ ଭାସି ବୁଲୁଥିବାର ଦୃଶ୍ୟ ଆଖି ଏବଂ ମନ ଉଭୟଙ୍କୁ ପରିତୃପ୍ତି ଦେଇଥାଏ। ଅନ୍ୟପଟେ ଘଂଟଞ୍ଚ ସବୁଜ ଜଙ୍ଗଲ ସେମିତି ଭିଡ଼ ମଧ୍ୟରୁ ହଜିଯାଇ ନିଜକୁ ନୂଆ କରି ଖୋଜି ବାହାର କରିବାର ଆଶ୍ୱାସନା ଯୋଗାଇଥାଏ। ଉତ୍ତର ପୂର୍ବାଞ୍ଚଳ ପାସିଘାଟ ଅରୁଣାଚଳ ପ୍ରଦେଶର ଅନ୍ୟତମ ସୁସଜ୍ଜିତ ସହର। ଦେଶର ପ୍ରଥମ ୧୦୦ଟି ସ୍ମାର୍ଟ ସିଟି ତାଲିକା ମଧ୍ୟରେ ଏହି ପାସିଘାଟ। କିନ୍ତୁ ଦେଶର ଅନ୍ୟ ମହାନଗରୀଗୁଡ଼ିକ ତୁଳନାରେ ଏହି ସହରଟିକୁ ଏବେବି ଗ୍ରାସ କରିପାରିନି ପ୍ରଦୂଷଣ। ପୂର୍ବ ସିୟାଂ ଜିଲ୍ଲାର ସଦର ମହକୁମା ଭାବେ ପରିଚିତ ପାସିଘାଟ ଅରୁଣାଚଳର ପ୍ରାଚୀନ ସହରଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହି ସହରଟିକୁ କେନ୍ଦ୍ର କରି ଗଢ଼ିଉଠିଛି ଛୋଟ-ବଡ଼ ଅନେକ ପର୍ଯ୍ୟଟନସ୍ଥଳୀ।






**ଡେୟିଂ ଏରିଂ ଅଭୟାରଣ୍ୟ :** ପାସିଘାଟର ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ହେଉଛି ଏହି ଅଭୟାରଣ୍ୟ। ସାଇବେରିଆ, ମଙ୍ଗୋଲିଆ ଆଦି ଦେଶରୁ ଆସିଥିବା ଅତିଥି ପକ୍ଷୀଙ୍କ ଭିଡ଼ ଏହି ଅଭୟାରଣ୍ୟରେ ସୌନ୍ଦର୍ଯ୍ୟକୁ ବହୁ ଗୁଣରେ ବୃଦ୍ଧି କରିଥାଏ। ଏହା ସହିତ ଘନ ସବୁଜ ଜଙ୍ଗଲ ଏବଂ ବିଶାଳ ଜଳାଶୟ ଏହି ଅଂଚଳଟିକୁ ପର୍ଯ୍ୟଟକମାନଙ୍କ ପାଇଁ ଆହୁରି ଆକର୍ଷଣୀୟ କରିପାରିଛି। ସବୁଠାରୁ ମାତ୍ର ୨୦ କିମି ଦୂରତ୍ୱରେ ଅବସ୍ଥିତ ଏହି ଅଭୟାରଣ୍ୟ ପରିବେଶ କୋଳରେ ଛୁଟି କଟାଇବାର ଆଦର୍ଶ ସ୍ଥାନ।

**କେକାର ମନ୍ନିଂ :** ପାସିଘାଟ ଯାଇ ଏହି ଐତିହାସିକ ସ୍ଥଳୀକୁ ଯାଇ ନଥିବା ପର୍ଯ୍ୟଟକଙ୍କ ସଂଖ୍ୟା ହୁଏତ ହାତଗଣତି ହୋଇଥିବ। ରୋଟାଂ ପାଖରେ ଅବସ୍ଥିତ ଏହି ପାହାଡ଼ି ଅଂଚଳ ୧୯୧୧ ମସିହାରେ ବ୍ରିଟିଶମାନଙ୍କ ବିରୁଦ୍ଧରେ ହୋଇଥିବା ଏକ ଘମାଘୋଟ ଯୁଦ୍ଧର ମୁକସାକ୍ଷୀ। ତେଣୁ ଇତିହାସପ୍ରେମୀ ପର୍ଯ୍ୟଟକମାନଙ୍କ ପାଖରେ ଏହି ସ୍ଥାନ ବେଶ୍ ଗୁରୁତ୍ୱପୂର୍ଣ୍ଣ।

**ସିୟାଂ ଓ ବ୍ରହ୍ମପୁର ରିଭର ରାଫ୍ଟିଂ :** ଆପଣ ଯଦି ରୋମାଞ୍ଚପ୍ରିୟ ପର୍ଯ୍ୟଟକ ହୋଇଥାନ୍ତି ଏବଂ ପ୍ରକୃତି କୋଳରେ ଉଦ୍ଦାମ ମୁହୂର୍ତ୍ତ ସୃଷ୍ଟି କରିବାରେ ବିଶ୍ୱାସୀ ତେବେ ସିୟଂ ଏବଂ ବ୍ରହ୍ମପୁର ନଦୀରେ ରିଭର ରାଫ୍ଟିଂ କରିପାରିବେ। ସହରଠାରୁ ପାଞ୍ଚକିଲୋମିଟର ଦୂରତ୍ୱରେ ଅବସ୍ଥିତ ଏହି ଦୁଇଟି ଜଳାଶୟ ରୋମାଞ୍ଚକର ଜଳକ୍ରୀଡ଼ାପାଇଁ ଆଦର୍ଶ।

**ପାନିଗିଂ :** ପାନଗିଂକୁ କୁହାଯାଏ ଉତ୍ତର-ପୂର୍ବାଂଚଳର ପ୍ରୟାଗ। ସିୟାଂ ଏବଂ ସିୟମ ନଦୀର ମିଳନସ୍ଥଳ ପାନଗିଂରେ ଦେଖିବାକୁ ମିଳେ ସବୁଜ ଜଳରାଶିର ଅପରୂପ ସୌନ୍ଦର୍ଯ୍ୟ। ପାହାଡ଼ି ନଦୀର ଏହି ମିଳନକ୍ଷେତ୍ର ଏହାର ଅପୂର୍ବ ସୌନ୍ଦର୍ଯ୍ୟ ପାଇଁ ସବୁବେଳେ ପର୍ଯ୍ୟଟକମାନଙ୍କ ମନ ଜୟ କରିଆସିଛି।

**କିପରି ଯିବେ :** ପାସିଘାଟର ନିକଟତମ ବିମାନବନ୍ଦର ହେଉଛି ଆସାମର ଦିବ୍ରୁଗଡ଼ (ମୋହନବାରି) ଏବଂ ଗୌହାଟି। ସେଠାରୁ ପ୍ରାଇଭେଟ୍ ଗାଡ଼ି ଯୋଗେ ପାସିଘାଟ ଯିବାର ବ୍ୟବସ୍ଥା ଅଛି। ଦିବ୍ରୁଗଡ଼ ଏବଂ ଇଟାନଗରରୁ ମଧ୍ୟ ପବନହଂସର ହେଲିକପ୍ଟର ସେବା ଉପଲବ୍ଧ। ପାସିଘାଟ ନିକଟତମ ଷ୍ଟେସନ ହେଉଛି ମୁରକୋଂ ସେଲେକ ଯେଉଁଠୁ ପାସିଘାଟର ଦୂରତ୍ୱ ୩୫କିମି। ଜଣେ ଚାହିଁଲେ ଠାରୁ ବସ କିମ୍ବା ପ୍ରାଇଭେଟ ଟ୍ୟାକ୍ସି ଯୋଗେ ପାସିଘାଟ ଯାଇପାରିବ। ଗୌହାଟି, ଇଟାନଗର, ଲକ୍ଷ୍ମୀପୁର ଆଦି ସ୍ଥାନରୁ ପାସିଘାଟକୁ ନିୟମିତ ବସ୍ ଏବଂ ଅନ୍ୟାନ୍ୟ ଗାଡ଼ି ଯାତାୟତ କରିଥାଏ। ତେବେ ପାସିଘାଟ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନଙ୍କୁ ପ୍ରଥମେ ଏକ ଅନୁମତି ପତ୍ର ଯୋଗାଡ଼ କରିବାକୁ ପଡ଼ିବ ଯାହା କି ଦିଲ୍ଲୀ, କୋଲକାତା, ଗୋହାଟି ଏବଂ ଦିବ୍ରୁଗଡ଼ରେ ଅବସ୍ଥିତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଲିଆସନ ଅଫିସରମାନେ ଦେଇଥାନ୍ତି। ନଚେତ ପାସିଘାଟ ସବ ଡିଭିଜନର ଡେପୁଟି କମିଶନରଙ୍କ ଠାରୁ ଏହି ଅନୁମତି ପତ୍ର ଯୋଗାଡ଼ କରିବାକୁ ପଡ଼ିବ। ତେବେ ଅଧିକାଂଶ କ୍ଷେତ୍ରରେ ପର୍ଯ୍ୟଟକଙ୍କୁ ଏହି କଷ୍ଟ ଉଠାଇବାକୁ ପଡ଼ିନଥାଏ। କାରଣ ଟୁରିଷ୍ଟ ଗାଇଡ଼ ଓ ଟ୍ରାଭେଲ ଏଜେନ୍ସି ଗୁଡ଼ିକ ଏହି ସୁବିଧା ଉପଲବ୍ଧ କରାଇଥାନ୍ତି।

# ଅଧିକ ଚିନ୍ତା ଦାନ୍ତକୁ କ୍ଷତି ପହଂଚାଏ



ଅଧିକ ଚିନି, ମଇଦା, ଅଜିନୋମଟୋ ପାଟିକୁ ସୁଆଦିଆ ଲାଗେ। କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ। ପ୍ରତିଦିନ ଖାଦ୍ୟରେ ଚିନିର ମାତ୍ରା କମ୍ କରନ୍ତୁ। ମଇଦା ଓ ଅଜିନୋମଟୋ ଠାରୁ ଦୂରେଇ ରୁହନ୍ତୁ। କାରଣ ଏପରି ଖାଦ୍ୟର ଅଭ୍ୟାସ ଆପଣଙ୍କୁ କରିଦେବ ରୋଗାଗ୍ରସ୍ତ। ଗୋଟିଏ ଦିନରେ ଚିନିର ମାତ୍ରା ଦୁଇ ଛୋଟ ଚାମଚ ରହିବା ସ୍ୱାସ୍ଥ୍ୟ ପାଇଁ ଭଲ। ମାତ୍ର ଏହାଠାରୁ ଅଧିକ ହେଲେ ଏହା ଦାନ୍ତକୁ କ୍ଷତି ପହଁଚାଇବା ସହ ଶରୀରକୁ ମୋଟା ମଧ୍ୟ କରାଏ। ଚିନିଯୁକ୍ତ ପାନୀୟ ପଦାର୍ଥ ଏବଂ ଜଙ୍କ ଫୁଡ଼ ସ୍ୱାସ୍ଥ୍ୟ ଜନିତ ସମସ୍ୟାକୁ ଅଧିକ ବଢ଼ାଇଦିଏ। ଚିକିତ୍ସକଙ୍କ କହିବାନୁଯାୟୀ ଅଧିକ ଚିନି ସେବନ ଦ୍ୱାରା ଏହା ନିଶାରେ ପରିଣତ ହୁଏ ଏବଂ ଦାନ୍ତ ଜନିତ ସମସ୍ୟା ଉପୁଜେ। ଦାନ୍ତ ଏବଂ ଅନୁସନ୍ଧାନ ବିଭାଗର ଡାକ୍ତରଙ୍କ କହିବା ମୁତାବକ, ଦେଶରେ ୮୦ ରୁ ୯୦ ପ୍ରତିଶତ୍ ଲୋକମାନଙ୍କ ନିକଟରେ ମାଢ଼ି ଜନିତ ଓ ଡାଇବେଟିସ୍ ସମସ୍ୟା ହେବାରେ ଲାଗିଛି। ବଜାରରେ ମିଳୁଥିବା ବିଭିନ୍ନ ରକମର ଶୀତଳ ପାନୀୟ ହିଁ ଏହି ଦାନ୍ତ ଜନିତ ରୋଗ ସୃଷ୍ଟି କରେ। ବାରମ୍ବାର ପିଇବା ଦ୍ୱାରା ଲୋକେ ଏହାର ଅଭ୍ୟସ୍ତ ହୋଇପଡ଼ନ୍ତି।

# କିଡ଼ନୀ ଷ୍ଟୋନ ରୋକିପାରେ ସାଇଟ୍ରିକ୍ ଏସିଡ୍



ପ୍ରାକୃତିକ ସାଇଟ୍ରିକ ଏସିଡ୍ କିଡ଼ନୀ ଷ୍ଟୋନ୍ ରୋକିବାରେ ସହାୟକ ହୋଇପାରେ। ଏପରିକି ଷ୍ଟୋନକୁ ମିଳେଇବାରେ ମଧ୍ୟ ସକ୍ଷମ। ହାଇଡ୍ରୋକ୍ସିସାଇଟ୍ରେଟ (ଏଚସିଏ) ନାମକ ଯୌଗିକ କ୍ୟାଲସିୟମ ଅକ୍ସାଲେଟ୍ କ୍ରିଷ୍ଟାଲକୁ ମିଳେଇପାରେ, ଯାହା ମଣିଷର କିଡ୍‌ନୀ ଷ୍ଟୋନରେ ସବୁଠୁ ମୁଖ୍ୟ ଉପାଦାନ ବୋଲି ଅଧ୍ୟୟନ ସ୍ପଷ୍ଟ କରିଛି। କିଡ୍‌ନୀ ଷ୍ଟୋନ ଭଳି କଷ୍ଟଦାୟକ ସ୍ଥିତି ପାଇଁ ଅଧ୍ୟୟନ ଫଳପ୍ରଦ ଔଷଧ ପ୍ରସ୍ତୁତ କରୁଥିଲା। କିଡ୍‌ନୀ ଷ୍ଟୋନ ରୋକିବାରେ ଏଚ୍‌ସିଏ ଖୁବ୍ ଲାଭପ୍ରଦ ବୋଲି ଅନଲାଇନ୍ ଜର୍ଣ୍ଣାଲ୍ 'ନେଚର୍'ରେ ଗବେଷକମାନେ ଉଲ୍ଲେଖ କରିଛନ୍ତି। କମ୍ପ୍ୟୁଟେସନାଲ ଓ ମାନବ ଅଧ୍ୟୟନ ଦ୍ୱାରା ଏହି ତଥ୍ୟ ସଂଗ୍ରହ କରାଯାଇଥିବା ଅଧ୍ୟୟନର ମୁଖ୍ୟ ଲେଖକ ଆମେରିକାର ହଷ୍ଟନ୍ ୟୁନିଭର୍ସିଟିର ସହ ପ୍ରାଧ୍ୟାପକ ଜେଫରୀ ରିମର୍ କହିଛନ୍ତି। କିଡ୍‌ନୀ ଷ୍ଟୋନର ଆକାର ଛୋଟ। କଠିନ ଧାତୁ କିଡନୀ ମଧ୍ୟରେ ଜମା ହୋଇ ଏହା ସୃଷ୍ଟି ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ, ମେଦବହୁଳତା ଏହି ଆଶଙ୍କା ବୃଦ୍ଧି କରିଥାଏ।

# ୯୦% ଲୋକ ପ୍ରଦୂଷିତ ବାୟୁ ଗ୍ରହଣ କରୁଛନ୍ତି



ବିଶ୍ୱର ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ଜଣ ପ୍ରଦୂଷିତ ବାୟୁ ଗ୍ରହଣ କରୁଛନ୍ତି। ବାୟୁ ପ୍ରଦୂଷଣ ବାର୍ଷିକ ୬ ନିୟୁତ ଲୋକଙ୍କ ଜୀବନ ନେଉଛି ବୋଲି ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ)ର ଏକ ରିପୋର୍ଟରେ ପ୍ରକାଶ ପାଇଛି।

ଡବ୍ଲ୍ୟୁଏଚ୍‌ଓର ଜନସ୍ୱାସ୍ଥ୍ୟ ଓ ପରିବେଶ ବିଭାଗ ମୁଖ୍ୟ ମାରିଆ ନେଇରା କହିଛନ୍ତି, ଜାତିସଂଘର ସ୍ୱାସ୍ଥ୍ୟ ସମ୍ପର୍କିତ ଏହି ବିଶ୍ୱ ସ୍ତରୀୟ ସଙ୍ଗଠନର ତଥ୍ୟ ଏ ବାୟୁ ପ୍ରଦୂଷଣ ରୋକିବା ନେଇ ସଚେତନ କରିବା ପାଇଁ ପର୍ଯ୍ୟାପ୍ତ। ଏହି ସମସ୍ୟା ସହରଗୁଡ଼ିକରେ ସବୁଠୁ ଅଧିକ। କିନ୍ତୁ ଗ୍ରାମାଞ୍ଚଳରେ ମଧ୍ୟ ବାୟୁ ପ୍ରଦୂଷଣର ଭୟାବହତା କିଛି କମ ନୁହେଁ। ଅନୁନ୍ନତ ଦେଶଗୁଡ଼ିକର ବାୟୁ ବିକଶିତ ଦେଶଠାରୁ ଅପେକ୍ଷାକୃତ କମ ପ୍ରଦୂଷିତ। କିନ୍ତୁ ପ୍ରକୃତରେ ବାୟୁ ପ୍ରଦୂଷଣ ବିଶ୍ୱର ସବୁଠୁ ଦେଶର ସବୁ ସମାଜ ଉପରେ ଖରାପ ପ୍ରଭାବ ପକାଉଛି। ଏହାକୁ ଜନସ୍ୱାସ୍ଥ୍ୟ ପାଇଁ ଜରୁରିକାଳୀନ ପରିସ୍ଥିତି ବୋଲି କୁହାଯାଇପାରେ। ତେବେ ସରକାର ଯାନବାହାନ ଗୁଡ଼ିକୁ ଚଳାଚଳକୁ ଉଚିତ ଢଙ୍ଗରେ ନିୟନ୍ତ୍ରଣ, ଉନ୍ନତ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛ ରୋଷେଇ ଇନ୍ଧନକୁ ପ୍ରୋତ୍ସାହିତ କଲେ ଏ ଦିଗରେ ସୁଫଳ ମିଳିବ। ବିଶ୍ୱର ୩,୦୦୦ରୁ ଉର୍ଦ୍ଧ୍ୱ ସହରରୁର ସଂଗୃହୀତ ତଥ୍ୟକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ୯୨% ଲୋକ ଏଭଳି ପରିବେଶରେ ରହୁଛନ୍ତି, ଯେଉଁଠି ବାୟୁର ସ୍ତର ଡବ୍ଲ୍ୟୁଏଚଓ ଦ୍ୱାରା ନିର୍ଦ୍ଧାରିତ ଗୁଣବତ୍ତା ଠାରୁ ନିମ୍ନରେ ରହିଛି। ଘରୋଇ ଓ ବାହ୍ୟ ବାୟୁ ପ୍ରଦୂଷଣ ଯୋଗୁଁ ବିଶ୍ୱରେ ବାର୍ଷିକ ୬ ନିୟୁତ ଲୋକ ପ୍ରାଣ ହରାଉଛନ୍ତକି। ଚାଇନା, ମାଲେସିଆ ଓ ଭିଏତନାମ ସମେତ ଦକ୍ଷିଣ ଏସିଆ ଓ ପର୍ଶ୍ଚିମ ପ୍ରଶାନ୍ତମହାସାଗରୀୟ ଅଂଚଳରେ ସ୍ଥିତି ସବୁଠୁ ଉଦବେଗଜନକ ବୋଲି ଏଥିରେ କୁହାଯାଇଛି।



# ସାମ୍ନାକୁ ଆସିଲା ଡାଇବେଟିସର ନୂଆ ଲକ୍ଷଣ: ଜଣାପଡିଲେ ତୁରନ୍ତ କରାନ୍ତୁ ପରୀକ୍ଷା



କେବେ କେବେ ମଧୁମେହ ବା ଡାଇବେଟିସ୍ ରୋଗର ଲକ୍ଷ୍ୟଣକୁ ଜାଣିବା ସହଜ ହେଉନଥିଲେ ବି ଅଧିକ ଥର ଭୋକ ଲାଗିବା, ହାଲିଆ ଲାଗିବା ଭଳି ଲକ୍ଷଣ ଦେଖାଗଲେ ଲୋକେ ସାଧାରଣତଃ ଡାକ୍ତର ପରାମର୍ଶ କରିଥାନ୍ତି । ହେଲେ ଏବେ ଆଉ ଏକ ନୂଆ ଲକ୍ଷଣ ସାମନାକୁ ଆସିଛି ଯାହାକୁ ନେଇ ବିଶେଷଜ୍ଞମାନେ ଦାବି କରୁଛନ୍ତି, ତାହା ହେଉଛି ପାଟିରୁ ବାହାରୁଥିବା ଗନ୍ଧ । ଦିନକୁ ଦିନ ଆମ ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏଥିରୁ ଅଧିକାଂଶ ଟାଇପ୍ -୨ ଡାଇବେଟିସ୍ । ଏହାର କିଛି ସାଧାରଣ ଲକ୍ଷଣ ଜଣାପଡିଥିଲେ ବି ଏବେ ଆଉ ଏକ ଲକ୍ଷଣ ସାମ୍ନାକୁ ଆସିଛି ବୋଲି ଦାବି କରିଛନ୍ତି ବିଶେଷଜ୍ଞ । ଯଦି ଆପଣଙ୍କ ମୁହଁରୁ ଆସାମାନ୍ୟ ଗନ୍ଧ ବାହାରୁଛି ଏହାର ଅର୍ଥ ଆପଣଙ୍କ ବ୍ଲଡ ସୁଗାର ଅଧିକ ହୋଇପାରେ । ଅନ୍ୟ ଅର୍ଥରେ ଆପଣଙ୍କୁ ଡାଇବେଟିସ୍ ହେବାର ଏହା ହେଉଛି ଆଉ ଏକ ଲକ୍ଷଣ । ଆପଣଙ୍କ ପାଟିରୁ ଫଳର ଗନ୍ଧ ଆସିଲେ ଏହା 'ଡାଏବେଟିକ୍ କିଟୋଏସିଡୋସିସ୍'ର ଲକ୍ଷଣ ହୋଇପାରେ, ଯାହା ମଧୁମେହର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ ବୋଲି କହିଛନ୍ତି । ୱେଟୱଚର୍ସଙ୍କ ଅନୁସାରେ, 'ଡାଏବେଟିକ୍ କିଟୋଏସିଡୋସିସ୍' ଶରୀର ମଧରେ ହେଉଥିବା ଏକ ପ୍ରକ୍ରିୟା, ଯେଉଁଥିରେ ଇନସୁଲିନ୍ ମାତ୍ରା କମିଯାଏ, ଫଳରେ ରକ୍ତ କଣିକାରେ ହାନିକାରକ କିଟୋନ୍ସ ସୃଷ୍ଟି ହୁଏ । ଫଳରେ ଡାଇବେଟିସ୍ ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ପାଟିରୁ ଏଭଳି କିଛି ଗନ୍ଧ ବାହାରିଲେ ଡେରି ନକରି ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ କରିବାକୁ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି ।

# ବୟସ ବଢ଼ାଏ ଗର୍ଭନିରୋଧକ ଔଷଧ



ପରିବାର ନିୟୋଜନ ପାଇଁ ଯଦି ଆପଣ ଗର୍ଭନିରୋଧକ ଔଷଧ ସେବନ କରୁଛନ୍ତି, ତେବେ ଆପଣଙ୍କର ପରିବାର ନିୟୋଜନ ସହ ଆହୁରି ଏକ ଫାଇଦା ହେବ। ଏବେ ବୈଜ୍ଞାନିକମାନେ ଗବେଷଣା କରି କହିଛନ୍ତି ଯେ, ଏହି ଗର୍ଭନିରୋଧକ ଔଷଧ ସେବନ କରିବା ଦ୍ୱାରା କେବଳ ପରିବାର ନିୟୋଜନକରେ ସାହାଯ୍ୟ ହେଉନାହିଁ, ବରଂ ଏହା ଲମ୍ବା ଆୟୁଷ ପାଇଁ ମଧ୍ୟ ସହାୟକ ହୋଇଥାଏ । 'ଦ ଟାଇମ୍ସ'ରେ ପ୍ରକାଶିତ ତଥ୍ୟାନୁସାରେ ରୟାଲ କଲେଜ ଅଫ୍ ଜେନେରାଲ ଫିଜିସିଆନ ଏହି ଗବେଷଣାକୁ ପରୀକ୍ଷାମୂଳକ ପ୍ରମାଣ କରିବା ପାଇଁ ବ୍ରିଟେନ୍‌ରେ ୪୦ ବର୍ଷରୁ ଅଧିକ ବର୍ଷର ୪୬ ହଜାର ମହିଳାଙ୍କୁ ସାମିଲ କରିଥିଲେ । ପ୍ରାୟତଃ ଯୁବା ମହିଳାମାନଙ୍କ ମଧ୍ୟରେ ଥିବା ହୃଦ୍‌ରୋଗ, ହାର୍ଟଷ୍ଟ୍ରୋକ୍ ଓ ସ୍ତନ କ୍ୟାନସର ଭଳି ରୋଗମାନ ଏହି ଗର୍ଭନିରୋଧକ ଔଷଧ ସେବନ କରିବା ପରେ କମ୍ ହୋଇଛି । ଏହି ଗର୍ଭନିରୋଧକର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୁହୁଳୁଥିବା କ୍ରୋଧ...

ଜଣେ ସୁସ୍ଥ ସବଳ ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ପାଇଁ କର୍ମ କରିବା ହେଉଛି ଜୀବନର ଏକ ମାନଦଣ୍ଡ । ଏହି କର୍ମ ବଳରେ ସେ ନିଜର ଶକ୍ତି ଓ ସାମର୍ଥ୍ୟକୁ ପ୍ରତିପାଦିତ କରିବା ସହିତ ନିଜର ପରିବାର ପୋଷଣ କରିଥାଏ ଏବଂ ସମାଜ ପ୍ରତି ତା'ର ଅବଦାନ ରଖିଥାଏ। ଯେ କୌଣସି ବ୍ୟକ୍ତି ସଂଗଠିତ କ୍ଷେତ୍ରରେ କାମ କରନ୍ତୁ ବା ଅସଂଗଠିତ କ୍ଷେତ୍ରରେ, ତା' ଅପେକ୍ଷା ଅଧିକ ମହତ୍ତ୍ୱ ରଖିଥାଏ ତାଙ୍କର କର୍ମନିଯୁକ୍ତି ଏବଂ ସମଗ୍ର ଦେଶରେ ଏକ ବ୍ୟାପକ ସହମତି ରହିଛି ଯେ କର୍ମନିଯୁକ୍ତି ସୃଷ୍ଟି କରିବା ହେଉଛି ଭାରତର କେନ୍ଦ୍ରୀୟ ଅର୍ଥନୀତିକ ଆହ୍ୱାନ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇଥିବାରୁ ଅବଶ୍ୟ ସରକାର ବିଭିନ୍ନ ଯୋଜନା ଜରିଆରେ ଏହାର ସମାଧାନ କରିବାକୁ ଉଦ୍ୟମ କରି ଆସିଛନ୍ତି ଓ କରୁଛନ୍ତି । ତଥାପି ବର୍ଦ୍ଧିତ ଜନସଂଖ୍ୟା ସହିତ ତାଳଦେଇ ବଢ଼ି ଚାଲିଥିବା ବେକାରୀ ସଂଖ୍ୟା ସମସ୍ୟାକୁ ଅଧିକରୁ ଅଧିକ ବଢ଼ାଇ ଚାଲିଛି । ତେଣୁ ଏହି ସମସ୍ୟାକୁ ସମାଧାନ କରିବା, ଏହାକୁ ଉତ୍‌ଥାପନ କରିବା ଅପେକ୍ଷା ଅଧିକ କଷ୍ଟକର ସାବ୍ୟସ୍ତ ହୋଇ ଆସିଛି । ଏହାର କାରଣ, ଭାରତୀୟ ଅର୍ଥନୀତି, ଏବଂ ଏହାକୁ ଆଉ ଟିକେ ସମ୍ପ୍ରସାରିତ କରି କହିଲେ ଏହାର ଶ୍ରମ ବଜାର ହେଉଛି ଅତ୍ୟଧିକ ମାତ୍ରାରେ ବିବିଧତାଭରା ଏବଂ ଜଟିଳ, ଏବଂ ଏହା ସଂଗଠନିକ ତଥା ଚକ୍ରୀୟ କାରକଗୁଡ଼ିକ ଦ୍ୱାରା ପ୍ରଭାବିତ । ଗୋଟିଏ ସ୍ତରରେ ଏଭଳି ଯୁକ୍ତି ଦର୍ଶାଯାଇପାରେ ଯେ କୃଷି କ୍ଷେତ୍ରରେ କର୍ମନିଯୁକ୍ତିର ଅଂଶକୁ କମାଇବାରେ ବିଫଳତା ହେଉଛି ଭାରତର ସର୍ବବୃହତ୍ ଶ୍ରମ ବଜାର ପାଇଁ ଆହ୍ୱାନ । ଅପର ପକ୍ଷରେ ଅନ୍ୟ ସ୍ତରରେ ଏକଥା ମଧ୍ୟ ଯୁକ୍ତି କରାଯାଇପାରେ ଯେ ଅଣ-କୃଷିକ୍ଷେତ୍ରଜନିତ କର୍ମନିଯୁକ୍ତିର ଗୁଣବତ୍ତା, ଶ୍ରମ ବଜାରରେ ଜାତି-ଆଧାରିତ ଅସମାନତା ଏବଂ କର୍ମନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ଧରଣର ଲିଙ୍ଗଗତ ଅନ୍ତର ହେଉଛି ସେତିକି ବଡ଼ ଚିନ୍ତାର କାରଣ, ଯେତିକି ବଡ଼ ଚିନ୍ତାର କାରଣ ହେଉଛି ଶ୍ରମିକମାନଙ୍କର କୃଷିକ୍ଷେତ୍ର-ରୁ-ଅଣ-କୃଷିକ୍ଷେତ୍ରକୁ ପାରଗମନର ଅସମାପ୍ତ କାର୍ଯ୍ୟ । ନିକଟ ଅତୀତରେ ମହାମାରୀ କୋଭିଡ୍-୧୯ର ଆଗମନ ପରିପ୍ରେକ୍ଷୀରେ ଭାରତୀୟମାନେ ପ୍ରତ୍ୟକ୍ଷ କରିଥିବା ଶ୍ରମିକମାନଙ୍କ ଦୁର୍ଦ୍ଦଶା ଏଯାଏଁ ଭୁଲି ନଥିବେ ନିଶ୍ଚୟ । ଶ୍ରମ ବଜାରରେ ରହିଥିବା ଆହ୍ୱାନଗୁଡ଼ିକ ହିଁ ଏହାର ଏକ ପ୍ରମୁଖ କାରଣ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଅତଏବ, ସ୍ଥୂଳ ଅର୍ଥନୀତି ଯେତେବେଳେ ଏକ ମହାମାରୀ ବା ସରକାରୀ ନୀତି ନିୟମଜନିତ ବଳ ପ୍ରୟୋଗପୂର୍ବକ ଆନୁଷ୍ଠାନିକୀକରଣ ଯଥା ବିମୁଦ୍ରାକରଣ କି ସାମଗ୍ରୀ ଓ ସେବା ଟିକସ ଇତ୍ୟାଦିକୁ କାର୍ଯ୍ୟକାରୀ କରାଇବା ଜରିଆରେ ବ୍ୟାଘାତ ସୃଷ୍ଟି ହେବା ଭଳି ସମସ୍ୟାର ସମ୍ମୁଖୀନ ହୁଏ, ଉପରୋକ୍ତ ଦୀର୍ଘ-କାଳୀନ ଆହ୍ୱାନଗୁଡ଼ିକ ବିଭିନ୍ନ ରୂପ ପରିଗ୍ରହ କରିପାରେ । ଏହାର ପ୍ରକୃତ ସମାଧାନ ପାଇଁ ତେଣୁ ଉପରୋକ୍ତ ସମସ୍ତ କାରକଗୁଡ଼ିକୁ ବିଚାରକୁ ନେଇ ଉପାୟ ବାହାର କରାଯାଇପାରେ, ଠିକ୍ ଯେମିତି ହୋଇଥାଏ ପ୍ରାୟତଃ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ । ଏହି କାର୍ଯ୍ୟ ଉପଯୁକ୍ତ ଭାବରେ ସମ୍ପାଦନ କରିବାକୁ ହେଲେ ଏକ ପ୍ରାଥମିକ ସର୍ତ୍ତ ଭାବରେ ଭାରତୀୟ ଶ୍ରମ ବଜାରରେ ଧାରାଗୁଡ଼ିକ ଉପରେ ଏକ ଆନୁଷ୍ଠାନିକ ଶୈକ୍ଷିକ ନିୟୋଜନର ଆବଶ୍ୟକତା ରହିଛି । ଏହା ଭାରତର ଶ୍ରମ ବଜାରର ବିବର୍ତ୍ତନ ସମ୍ପର୍କରେ ଏକ ବିଶଦ ବିବରଣୀ ପ୍ରଦାନ କରିବା ସହିତ ଏହି ବଜାର ଯାହା କିଛି ବି ହୋଇଥାଉ, ସ୍ପଷ୍ଟ ରୂପରେ ଏହା ଭଲ କି ଖରାପ, ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟମାନ ଉପସ୍ଥାପନ କରିଛି । ଏହି ରିପୋର୍ଟ ଦେଶର ଅର୍ଥନୀତି କିପରି ଆନ୍ତଃପିଢ଼ିଗତ ଊର୍ଦ୍ଧ୍ୱମୁଖୀ ଗତିକୁ ପରିଲକ୍ଷିତ କରିଛି, କାମକୁ ନେଇ ରହିଥିବା ଜାତି-ଆଧାରିତ ବର୍ଗୀକରଣରେ ହ୍ରାସ ଘଟିଛି ଏବଂ ବେତନପ୍ରାପ୍ତ ଶ୍ରମିକମାନଙ୍କ ଅଂଶ କ୍ଷେତ୍ରରେ ଉନ୍ନତି ଘଟିଛି, ସେସବୁକୁ ଦର୍ଶାଇଛି, କିନ୍ତୁ ସଙ୍ଗେ ସଙ୍ଗେ ଏହା ମଧ୍ୟ ସୃଷ୍ଟି ହେଉଥିବା ବେତନଭୋଗୀ କର୍ମଗୁଡ଼ିକର ଗୁଣାତ୍ମକ ମାନରେ ଅବନତି ଘଟିବା ସହିତ ଶିକ୍ଷିତ ଯୁବ ଶ୍ରମିକମାନଙ୍କ ନିମନ୍ତେ ଉଚ୍ଚ ବେକାରୀ ସ୍ତର ସମ୍ପର୍କରେ ମଧ ଉଲ୍ଲେଖ କରିଛି, ଯାହା ଏକ ଯୁବ ବର୍ଗଙ୍କ ଦେଶ ଭାବରେ ପରିଚିତ ଦେଶ ପାଇଁ କୌଣସି ଦୃଷ୍ଟିରୁ ଶୁଭ ସୂଚନା ବୋଲି କ୍ୱଚିତ୍ କୁହାଯାଇ ପାରିବ । ଏତଦ୍ ବ୍ୟତୀତ ଏହି ରିପୋର୍ଟ ସାମାଜିକ ଗୋଷ୍ଠୀମାନଙ୍କ ମଧ୍ୟରେ ଶୈକ୍ଷିକ ସମ୍ମେଳନ ବା ଉଦ୍ୟୋଗୀମାନଙ୍କ ମଧ୍ୟରେ ଜାତି-ୱାରୀ ଅସମାନତା, ବିଳମ୍ବିତ ବା ଆଦୌ ତଥ୍ୟଗୁଡ଼ିକ ଉପଲବ୍ଧ ନହେବା ଭଳି କେତେକ ବ୍ୟାପାର ଦେଶର ସାମ୍ପ୍ରତିକ କର୍ମ ବଜାରରେ କେଉଁ ଧରଣର ବାସ୍ତବ ସ୍ଥିତି ରହିଛି, ଯାହା ସମ୍ପର୍କରେ ଆମେ ବୁଝିବା କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରୁଛି, ସେସବୁ ଉପରେ ଆଲୋକପାତ କରିଛି । ଏହି ପରିପ୍ରେକ୍ଷୀରେ ଏଥି ସମ୍ପର୍କିତ ଏକ ପ୍ରଶ୍ନ ସ୍ୱତଃ ମୁଣ୍ଡ ଟେକିଥାଏ। କର୍ମନିଯୁକ୍ତି ବାବଦରେ ଆମ ନିକଟରେ ଯେତିକି ତଥ୍ୟ ଉପଲବ୍ଧ ହୋଇଥାଏ, ସେ ବାବଦରେ ରାଜନୀତିକ ନେତୃବୃନ୍ଦ ଅବଗତ ଅଛନ୍ତି ତ ନା ଏଭଳି ଏକ ଜଟିଳ କାର୍ଯ୍ୟକୁ ହାତକୁ ନେଇ ସେଗୁଡ଼ିକର ସମାଧାନ କରିବା ନିମନ୍ତେ ସେମାନେ ଅନିଚ୍ଛକ ? ମୋଟାମୋଟି, ଭାରତର କର୍ମନିଯୁକ୍ତି ଆହ୍ୱାନ ଉପରେ ଶୈକ୍ଷିକ ସ୍ପଷ୍ଟତା ଏକ ଆବଶ୍ୟକୀୟ ସର୍ତ୍ତେ ଏବଂ ଏହାର ସଫଳ ସମାଧାନ ନିମନ୍ତେ ଏକ ପର୍ଯ୍ୟାପ୍ତ କାର୍ଯ୍ୟ ବୋଲି କଦାଚିତ୍ କହିହେବ । ତେବେ ଦେଶ ପାଇଁ କର୍ମନିଯୁକ୍ତି ଓ ଏକ ସନ୍ତୁଳିତ ଶ୍ରମ ବଜାର ରହିବା ଅପରିହାର୍ଯ୍ୟ ।

# ବଜ୍ର ଆଣୁଛି ବିପର୍ଯ୍ୟୟ

### ବୈଷ୍ଣବ ମେହେର



ଗତ କିଛି ବର୍ଷ ହେଲା ଆମ ରାଜ୍ୟରେ ବଜ୍ରପାତ ମାତ୍ରା ବଢ଼ିବାରେ ଲାଗିଛି । ଫଳରେ ବଜ୍ରପାତ ଜନିତ ମୃତ୍ୟୁ ଓ ଆହତଙ୍କ ସଂଖ୍ୟା ମଧ୍ୟ ଅଧିକ ପରିଲିକ୍ଷିତ ହେଉଛି । ନିକଟରେ ଗୋଟିଏ ଦିନରେ ଓଡ଼ିଶାରେ ୬୨ ହଜାର ୩୫୦ ଥର ବିଜୁଳି ମାରିଥିବା ବେଳେ ସେଥିମଧ୍ୟରୁ ୨୫ ହଜାର ୭୫୩ଟି ବିଜୁଳି ମାଟିକୁ ଛୁଇଁଛି । ଫଳରେ ଉକ୍ତ ଗୋଟିଏ ଦିନରେ ୧୨ ଜଣ ମଣିଷର ଅକାଳ ଜୀବନ ଯାଇଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି । ଏଥିରେ ଅନେକ ଗୃହପାଳିତ ପଶୁଙ୍କ ମଧ୍ୟ ଜୀବନହାନି ଘଟିଛି । କ୍ଲାଇମେଟ୍ ରେଜିଲିଏଣ୍ଟ ଅବଜର୍ଭିଂ ସିଷ୍ଟମ ପ୍ରମୋସନ କାଉନସିଲ ତରଫରୁ ଜାରି ବାର୍ଷିକ ବଜ୍ରପାତ ତଥ୍ୟ ଅନୁସାରେ ୨୦୦୧ରୁ ୨୦୨୧ ମଧ୍ୟରେ ମଧ୍ୟପ୍ରଦେଶରେ ସର୍ବାଧିକ ୬୮୦୫ ଓ ମହାରାଷ୍ଟ୍ରରେ ୫୩୭୨ ଜଣଙ୍କର ବଜ୍ରପାତଜନିତ ମୃତ୍ୟୁ ଘଟିଛି । ଏହି ଅବଧି ମଧ୍ୟରେ ଓଡ଼ିଶାରେ ୫୧୬୪ ଜଣଙ୍କ ବଜ୍ରପାତ ମୃତ୍ୟୁ ଘଟିଥିବା ବେଳେ ଏହା ଦେଶରେ ତୃତୀୟ ସର୍ବାଧିକ । ଚଳିତ ୨୦୨୨-୨୩ ବର୍ଷରେ ଦେଶରେ କୋଡ଼ିଏ ନିୟୁତରୁ ଅଧିକ ବଜ୍ରପାତ ହୋଇଥିବା ବେଳେ କ୍ଲାଉଡଟୁ ଗ୍ରାଉଣ୍ଡ ବଜ୍ରପାତ ମଧ୍ୟପ୍ରଦେଶରେ ସର୍ବାଧିକ ୯୪୧୬୬୩, ମହାରାଷ୍ଟ୍ରରେ ୬୮୫୮୯୩ ଓ ଓଡ଼ିଶାରେ ୬୦୨୯୫୮ ଥର ଘଟିଛି । ୨୦୧୯ ମସିହାରୁ ବର୍ତ୍ତମାନ ଯାଏଁ ଦେଶରେ କ୍ଲାଉଡ ଟୁ ଗ୍ରାଉଣ୍ଡ ବଜ୍ରପାତ ସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଘଟିବା ନିଶ୍ଚିତ ଚିନ୍ତାର ବିଷୟ । ୨୦୨୨ରେ ୪୫୦ ଜଣଙ୍କ ଜୀବନ ଯାଇ ବଜ୍ରପାତ ମୃତ୍ୟୁ ସଂଖ୍ୟାରେ ଆମ ରାଜ୍ୟ ଦେଶରେ ଶୀର୍ଷରେ ରହିଥିଲା ।

ବଜ୍ରପାତଜନିତ ମୃତକଙ୍କ ମଧ୍ୟରୁ ବଡ଼ଭାଗ ଗ୍ରାମାଂଚଳର ହୋଇଥାନ୍ତି । ଅପରପକ୍ଷେ ବର୍ଷର ୮୫ ପ୍ରତିଶତ ବଜ୍ରପାତ ମୃତ୍ୟୁ କେବଳ ମଇରୁ ସେପ୍ଟେମ୍ବର ମାସ ମଧ୍ୟରେ ଘଟୁଥିବା ବେଳେ ଏହି ଅବଧି ପ୍ରାୟତଃ ଚାଷବାସର ହୋଇଥାଏ । ତେଣୁ ଗ୍ରାମାଂଚଳରେ ଲୋକେ ଏହି ସମୟରେ ଖୋଲାଆକାଶରେ ବିଲବାଡ଼ିରେ କାମ କରୁଥିବା ବେଳେ ବଜ୍ରପାତର ଶିକାର ହୋଇଥାନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଜ୍ରପାତ ମୃତକଙ୍କ ମଧ୍ୟରୁ ୭୧ ପ୍ରତିଶତ ଗଛ ତଳେ ଆଶ୍ରୟ ନେଇଥିବା ବେଳେ ଓ ୨୫ ପ୍ରତିଶତ ଖୋଲା ଆକାଶରେ ଥିବା ବେଳେ ଏହି ବିପତ୍ତିର ଶିକାର ହୁଅନ୍ତି । ଏଥିରେ ଦ୍ୱିମତ ନାହିଁ ଯେ, ଅସନ୍ତୁଳିତ ପ୍ରାକୃତିକ ପରିବେଶ କାରଣରୁ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭଳି ବଜ୍ରପାତ ମଧ୍ୟ ଧୀରେଧୀରେ ମଣିଷ ସମାଜ ପାଇଁ ଭୟଙ୍କର ହେଉଛି । ଅଂଶୁଘାତ ସତର୍କତା ପାଇଁ ଯେଉଁ ସବୁ ପଦକ୍ଷେପ ନିଆଯାଉଛି, ସେହିଭଳି ବଜ୍ରପାତ ପାଇଁ ମଧ୍ୟ ଧ୍ୟାନ ଦେବା ଜରୁରୀ । ପ୍ରତ୍ୟେକ ଘରକୁ ବଜ୍ରପାତ ନିରୋଧକ ବ୍ୟବସ୍ଥା କରାଯିବା ସହ ଖୋଲାସ୍ଥାନ ମାନଙ୍କରେ ନିରାପଦ ଆଶ୍ରୟସ୍ଥଳ ନିର୍ମାଣ କରାଗଲେ ବାହାରେ ଥିବା ଲୋକେ ବଜ୍ରପାତ ସମୟରେ ନିଜକୁ ସୁରକ୍ଷିତ ରଖିପାରିବେ । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବଜ୍ରପାତର ଶିକାର ହୋଇଥିବା ବ୍ୟକ୍ତିକୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଉପଲବଧ ନିମନ୍ତେ ପ୍ରତି ସ୍ୱାସ୍ଥ୍ୟ କେଂନ୍ଦ୍ରରେ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ରହିବା ଉଚିତ । ବଜ୍ରପାତକୁ ନେଇ ସାଧାରଣରେ ସଚେତନତା ସୃଷ୍ଟି ବର୍ତ୍ତମାନ ପାଇଁ ଜରୁରୀ ହୋଇଥିବା ବେଳେ, ଏ ଦିଗରେ ପ୍ରଶାସନ ସମାଜସେବୀ, ଯୁବକ ସଂଘ, ମହିଳା ଗୋଷ୍ଠି, ଛାତ୍ରଛାତ୍ରୀ ଆଦିଙ୍କୁ ସାମିଲ କରି ବିଭିନ୍ନ କାର୍ଯ୍ୟକ୍ରମ କଲେ ଏହା ଅଧିକ ଫଳପ୍ରଦ ହେବ । ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ଆମ ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ୪୦ରୁ ଅଧିକ ରହିଥିଲା ବେଳେ ଏବର୍ଷ ଆରମ୍ଭରୁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ଯୋଗୁଁ ଚଳିତ ବର୍ଷ ଏଯାଏଁ ବଜ୍ରପାତରେ ଜିଲ୍ଲାରେ ମାତ୍ର ତିନି ଜଣଙ୍କ ମୃତ୍ୟୁ ଘଟିବା ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ । ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ ଟ୍ରପିକାଲ୍ ମେଟ୍ରୋଲୋଜି ଦ୍ୱାରା 'ଦାମିନୀ' ନାମକ ଏକ ଆପ୍ ର ଉଦ୍ଭାବନ କରାଯାଇଛି ଯାହା ବଜ୍ରପାତ ଘଟିବାର ୩୦/୪୦ ମିନିଟ୍ ପୂର୍ବରୁ ଏନେଇ ସତର୍କ କରିଥାଏ ବୋଲି କୁହାଯାଉଛି । ଏଭଳି ଉପକାରୀ ଆପ୍‌ର ବହୁଳ ପ୍ରଚଳନ ପାଇଁ ସୁଯୋଗ ଓ ସଚେତନତା ସୃଷ୍ଟି କରାଗଲେ ଭଲ ହେବ । ସବୁରି ମୂଳରେ ବ୍ୟକ୍ତିଗତ ସଚେତନତା ହିଁ ବଜ୍ରପାତ ବିପତ୍ତିରୁ ଅଧିକ ସୁରକ୍ଷିତ ରଖିପାରିବ । ତେଣୁ ପାଣିପାଗର ଅବସ୍ଥିତିକୁ ଦେଖି ସମ୍ଭାବ୍ୟ ବଜ୍ରପାତକୁ ଏଡ଼ାଇବାକୁ ନିଜକୁ ସୁରକ୍ଷିତ କରିନେଲେ ଅନେକାଂଶରେ ଅମୂଲ୍ୟ ଜୀବନକୁ ରକ୍ଷା କରିବାରେ ସମ୍ଭବ ହୋଇପାରିବ ।

+ସିନାପାଲି,ନୂଆପଡ଼ା

ମୋ: ୯୭୭୭୭୫୩୯୩୫

# ପୁନାଚୁକ୍ତି ଓ ସାମ୍ବିଧାନିକ ସଂରକ୍ଷଣ

### ଅଧ୍ୟାପକ ଗୋପବନ୍ଧୁ



ସମ୍ବିଧାନରେ ସ୍ଥାନିତ ହୋଇଥିବା ସଂରକ୍ଷଣ ବ୍ୟବସ୍ଥାର ଦୀର୍ଘ ପୃଷ୍ଠଭୂମି ରହିଛି। ଏହା କୌଣସି ତତ୍କାଳୀକ ସିଦ୍ଧାନ୍ତ ନୁହେଁ। ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ସର୍ବପ୍ରଥମେ କୋଲ୍‌ହାପୁର ରାଜ୍ୟରେ ୧୯୦୨ ମସିହାରେ ସରକାରୀ ସିଦ୍ଧାନ୍ତ ରୂପେ ଚାକିରୀ କ୍ଷେତ୍ରରେ ଅନଗ୍ରସର ଜାତିସମୂହଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇଥିଲା। ତତ୍କାଳୀନ କୋଲ୍‌ହାପୁର ମହାରାଜା ଶାହୁଜୀ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଏହା କାର୍ଯ୍ୟକାରୀ ହୋଇଥିଲା। ତେଣୁ ଶାହୁଜୀ ମହାରାଜଙ୍କୁ ସଂରକ୍ଷଣର ଜନକଭାବେ ସମ୍ବୋଧିତ କରାଯାଏ। ପ୍ରକାଶ ଥାଉକି ସେ ସମୟରେ ଏସଟି, ଏସସି ଓ ଓବିସି ପରି ଗୋଷ୍ଠୀର ଉଦ୍ରେକ ହୋଇନଥିଲା। ଏମାନେ ସମସ୍ତେ ଡିପ୍ରେସ୍ଡ କ୍ଲାସ୍ ବା ଅନଗ୍ରସର ଜାତି ସମୂହ ଭାବେ ପରିଚିତ ହେଉଥିଲେ। କେତେକ କ୍ଷେତ୍ରରେ ଏମାନେ ଶୂଦ୍ର ବା ଅସବର୍ଣ୍ଣ ଭାବେ ପରିଚିତ ହେଉଥିଲେ। ସେ ଏମାନଙ୍କୁ ସରକାରୀ ଚାକିରୀରେ ଶତକଡା ୫୦ ଭାଗ ସଂରକ୍ଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସମାଜର ତଳ ଜାତିର ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେଇଥିଲେ। ଏହି କ୍ରମରେ ସେ ଡକ୍ଟର ବି. ଆର୍. ଆମ୍ବେଦକରଙ୍କୁ ଉଚ୍ଚଶିକ୍ଷା ଲାଭପାଇଁ ସାହାଯ୍ୟ କରିଥିଲେ। ପରେ ଡକ୍ଟର ଆମ୍ବେଦକର ସମାଜ ସଂସ୍କାର ଦିଗରେ ଶାହୁଜୀ ମହାରାଜଙ୍କ ମୁଖ୍ୟ ସହଯୋଗୀ ହୋଇଥିଲେ। ୧୯୨୨ ମସିହାରେ ଶାହୁଜୀଙ୍କ ଦେହାନ୍ତ ପରେ ଏ ଆନ୍ଦୋଳନର ଦାୟିତ୍ୱ ଡକ୍ଟର ଆମ୍ବେଦକରଙ୍କୁ ବହନ କରିବାକୁ ପଡିଥିଲା। ସେତେବେଳେକୁ ମୁସଲିମ୍ ଲିଗ୍ ମୁସଲମାନ ମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଦାବୀ ଆରମ୍ଭ କରିଦେଇଥିଲା। ଆମ୍ବେଦକରଙ୍କ ନେତୃତ୍ୱରେ ଅନଗ୍ରସର ଜାତିସମୂହ ସଂଗଠିତ ହୋଇ ସମାନ ସାମାଜିକ ଅଧିକାର ପାଇଁ ଲଢୁଥାନ୍ତି ଓ ନିଜର ସ୍ଥିତିକୁ ଜାହିର କରିସାରିଥାନ୍ତି। ଏହା ସହିତ ଏମାନଙ୍କ ଶିକ୍ଷାଗତ ଓ ଆର୍ଥିକ ବିକାଶ ପାଇଁ ପଦକ୍ଷେପ ନେବା ପାଇଁ ବ୍ରିଟିଶ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଥାନ୍ତି। ସେ ସମୟରେ ଭାରତବର୍ଷର ଶାସନ ଇଂଲଣ୍ଡରୁ ଚାଲିଥାଏ। ଭାରତର ଶାସନ ନିୟମ ଇଂଲଣ୍ଡରେ ତିଆରି ହେଉଥାଏ। ୧୯୧୯ ରେଗୁଲେସନ ଆକ୍ଟ ଅନୁଯାୟୀ ଶାସନ ଚାଲିଥାଏ। ଭାରତୀୟମାନଙ୍କୁ ଅଧିକ କ୍ଷମତା ପ୍ରଦାନ ପାଇଁ କଂଗ୍ରେସ ଦାବୀ କରୁଥାଏ। ୧୯୧୯ ଆକ୍ଟର ସଂଶୋଧନ ଓ ଅଧିକ କ୍ଷମତା ପ୍ରଦାନ ପାଇଁ ବ୍ରିଟିଶ ସରକାର ସାର୍ ଜନ୍ ସାଇମନଙ୍କ ନେତୃତ୍ୱରେ ୧୯୨୮ ମସିହାରେ ଏକ କମିଶନ ଅନୁଧାନ ପାଇଁ ପଠାନ୍ତି। କଂଗ୍ରେସ ଏହାକୁ ବିରୋଧ କରେ। କିନ୍ତୁ ଡକ୍ଟର ଆମ୍ବେଦକର ବହିଷ୍କୃତ ହିତକାରିଣୀ ସଭା ତରଫରୁ ସାଇମନ କମିଶନକୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରନ୍ତି। ଯେଉଁଥିରେ ସେ ଦଳିତ ଓ ସମାଜର ତଳ ସ୍ତରର ଲୋକମାନଙ୍କ ଦୁରାବସ୍ଥାକୁ ଉଲ୍ଲେଖ କରି ଏମାନଙ୍କ ପାଇଁ ନିର୍ବାଚନ ମଣ୍ଡଳୀରେ, ମନ୍ତ୍ରୀମଣ୍ଡଳରେ ତଥା ଚାକିରୀ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦାବୀ କରନ୍ତି। ଏହାହିଁ ଥିଲା ସମ୍ବିଧାନିକ ସଂରକ୍ଷଣର ପ୍ରଥମ ପଦକ୍ଷେପ। ସାଇମନ କମିଶନଙ୍କ ରିପୋର୍ଟ ଆଧାରରେ ବିଭିନ୍ନ ରାଜନୈତିକ ସଂଗଠନ ମଧ୍ୟରେ ସହମତି ଆଣିବା ପାଇଁ ୧୯୩୦ ମସିହାରେ ଇଂଲଣ୍ଡରେ ପ୍ରଥମ ଗୋଲଟେବୁଲ୍ ବୈଠକ ଅନୁଷ୍ଠିତ ହୁଏ। କଂଗ୍ରେସ ଏହି ବୈଠକକୁ ପ୍ରତ୍ୟାଖାନ କରେ। ଡକ୍ଟର ଆମ୍ବେଦକର ଏହି ବୈଠକରେ ଯୋଗଦିଅନ୍ତି। ସେଠାରେ ସେ ଘୃଣ୍ୟ ଜାତିବ୍ୟବସ୍ଥାର ଶୀକାର ହୋଇ ଆସିଥିବା ଦଳିତ ଓ ସମାଜର ତଳ ଜାତିର ଲୋକମାନଙ୍କର ସ୍ୱତନ୍ତ୍ର ମାନ୍ୟତା ଦାବି କରନ୍ତି ଓ ଏମାନଙ୍କ ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ନୀତିର କର୍ଯ୍ୟକାରୀ ପାଇଁ ଦାବି କରନ୍ତି। ପୁଣି ୧୯୩୧ ମସିହାରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ବସେ। ଏଥିରେ କଂଗ୍ରେସ ସମେତ ସମସ୍ତ ସଂଗଠନ ଯୋଗ ଦିଅନ୍ତି। ଆଲୋଚନା କାଳରେ ମୁସଲିମ୍ ଲିଗ୍ ସମେତ ଅନେକ ଗୋଷ୍ଠୀ ନିଜର ସ୍ୱାର୍ଥ ସପକ୍ଷରେ ମତ ଦିଅନ୍ତି ଓ ନିଜର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି। ଡକ୍ଟର ଆମ୍ବେଦକର ମଧ ସମସ୍ତ ଦଳିତ ଓ ଅନଗ୍ରସର ସମାଜର ସ୍ୱତନ୍ତ୍ର ମାନ୍ୟତା ଓ ସମାନୁପାତିକ ଅଧିକାର ଉପରେ ଗୁରୁତ୍ୱ ଦିଅନ୍ତି। ଏ ବିଷୟକୁ ନେଇ ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କ ମତାନ୍ତର ହୋଇଥିଲା। ମହାତ୍ମା ଗାନ୍ଧୀ ବର୍ଣ୍ଣବ୍ୟବସ୍ଥାକୁ ସ୍ୱୀକାର କରୁଥିଲେ। ତେଣୁ ଦଳିତ ଓ ଅନଗ୍ରସର ଜାତିମାନଙ୍କୁ ହିନ୍ଦୁ ସମାଜ ବ୍ୟବସ୍ଥାର ଅଂଶବିଶେଷ ବୋଲି ଗ୍ରହଣ କରୁଥିଲେ। କିନ୍ତୁ ଡକ୍ଟର ଆମ୍ବେଦକରଙ୍କ ଯୁକ୍ତି ଥିଲା ବର୍ଣ୍ଣବ୍ୟବସ୍ଥା ଯୋଗୁଁ ଦଳିତ ଓ ସମାଜର ତଳ ସ୍ତରର ଲୋକମାନେ ଅସମାନତା, ଘୃଣା ଓ ନିର୍ଯ୍ୟାତନାର ଶୀକାର ହେଉଛନ୍ତି। ତେଣୁ ଏମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ମିଳିବା ଦରକାର। ଯଦି ସଂଖ୍ୟାଲଘୁ ମାନଙ୍କ ସ୍ୱାତନ୍ତ୍ରତାକୁ ସ୍ୱୀକାର କରାଯାଇ ପାରିବ, ତେବେ ଦଳିତମାନଙ୍କ ସ୍ୱାତନ୍ତ୍ରତାକୁ ସ୍ୱୀକାର କରାଯିବ ନାହିଁ କାହିଁକି ? ଏହାପରେ ୧୯୩୨ ରେ ତୃତୀୟ ଗୋଲଟେବୁଲ ବୈଠକ ବସିଥିଲା ଓ ସେଥିରୁ ମଧ୍ୟ କୋଣସି ନିର୍ଯ୍ୟାସ ଆସିପାରି ନଥିଲା। ଏଥିରେ କଂଗ୍ରେସ ସମେତ ମୁଖ୍ୟ ସଂଗଠନଗୁଡିକ ଯୋଗଦେଇ ନଥିଲେ। କିନ୍ତୁ ଡକ୍ଟର ଆମ୍ବେଦକର ଯୋଗଦେଇ ଦଳିତ ଓ ଅନଗ୍ରସର ଜାତିମାନଙ୍କ ବିକାଶ ଓ ସମାନ ପ୍ରତିନିଧିତ୍ୱ କଥା ଦୋହରାଇ ଥିଲେ।

ସାଇମନ କମିଶନଙ୍କ ରିପୋର୍ଟ ଓ ଗୋଲଟେବୁଲ ବୈଠକର ନିର୍ଯ୍ୟାସ ଉପରେ ବ୍ରିଟିଶ ସରକାରଙ୍କ ଦ୍ୱାରା ୧୯୩୨ ମସିହାରେ କମ୍ୟୁନାଲ ଏୱାର୍ଡ ପ୍ରକାଶ ପାଇଥିଲା। ଏହା ଥିଲା ଏକ ପ୍ରକାର ସଂରକ୍ଷଣ ବ୍ୟବସ୍ଥା। ଏଥିରେ ପ୍ରତ୍ୟେକ କମ୍ୟୁନିଟି ପାଇଁ ରାଜନୈତିକ ସଂରକ୍ଷଣର ବ୍ୟବସ୍ଥା ଥିଲା। ଅର୍ଥାତ୍ ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ୍, ଆଙ୍ଗ୍ଲୋ ଇଣ୍ଡିଆନ୍ ସମେତ ଦଳିତ ବର୍ଗ (ଡିପ୍ରେସ୍ଡ କ୍ଲାସ) ମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ଆସନର ବ୍ୟବସ୍ଥା କରାଯାଇ ଥିଲା। ମହାତ୍ମା ଗାନ୍ଧୀ ସଂଖ୍ୟାଲଘୁ ସଂରକ୍ଷଣକୁ ବିରୋଧ କରି ନଥିଲେ। କିନ୍ତୁ ଦଳିତ (ଡିପ୍ରେସ୍ଡ) ବର୍ଗଙ୍କ ସଂରକ୍ଷଣକୁ ବିରୋଧ କରି ଆମରଣ ଅନଶନ ଆରମ୍ଭ କରିଥିଲେ। କମ୍ୟୁନାଲ ଏୱାର୍ଡ ମୁତାବକ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ ଟି ପୃଥକ ସଂରକ୍ଷିତ ଆସନ ପ୍ରଦାନ କରାଯାଇ ଥିଲା। ସେ ସମୟରେ ସେ ୟାରଧା ଜେଲରେ ବନ୍ଦୀ ଥିଲେ। ସେ ବର୍ଣ୍ଣବ୍ୟବସ୍ଥାର ସମର୍ଥକ ଥିଲେ। ହିନ୍ଦୁଧର୍ମ ମଧ୍ୟରେ ଜାତିଭିତ୍ତିକ ସଂରକ୍ଷଣ ଦ୍ୱାରା ଏହା ଭାଗଭାଗ ହୋଇଯିବ ଓ ଏକତା ନଷ୍ଟ ହୋଇଯିବ ବୋଲି ତାଙ୍କ ଆଶଙ୍କା ଥିଲା। ଅନଶନ ଦୀର୍ଘଦିନ ଧରି ଚାଲିଲା। କ୍ରମେ ତାଙ୍କ ସ୍ୱାସ୍ଥାବସ୍ଥା ଜଟିଳ ହେବାକୁ ଲାଗିଲା। ଚାରିଆଡୁ ଆମ୍ବେଦକରଙ୍କ ଉପରେ ଚାପ ସୃଷ୍ଟି କରାଗଲା ସ୍ୱତନ୍ତ୍ର ସଂରକ୍ଷିତ ଆସନ ଦାବିରୁ ଓହରି ଯିବା ପାଇଁ। ବହୁ ଆଲୋଚନା ପରେ ଆମ୍ବେଦକର ରାଜି ହେଲେ ଦୈତ୍ୟ ସଂରକ୍ଷଣ ବ୍ୟବସ୍ଥା ପାଇଁ। ଏହି ବ୍ୟବସ୍ଥା ଅନୁଯାୟୀ ସଂରକ୍ଷିତ ଆସନରୁ ଦୁଇଜଣ ପ୍ରତିନିଧିତ୍ୱ କରିବେ। ଜଣେ ସାଧାରଣ ବର୍ଗରୁ ଓ ଜଣେ ଦଳିତ(ଡିପ୍ରେସ୍ଡ) ବର୍ଗରୁ। ଏହି ବ୍ୟବସ୍ଥାରେ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ ଟି ଆସନ ବଦଳରେ ୧୪୭ ଟି ଆସନ ମିଳିବାର ସହମତି ହେଲା। ଏହି ନୀତିକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ସେପଟେମ୍ବର ୨୪ ତାରିଖ, ୧୯୩୨ ମସିହାରେ ଯେଉଁ ସ୍ୱାକ୍ଷର ହୋଇଥିଲା ତାହା ହିଁ ପ୍ରସିଦ୍ଧ ପୁନା ପ୍ୟାକ୍ଟ ବା ପୁନା ଚୁକ୍ତି ନାମରେ ଖ୍ୟାତ। ଏହାକୁ ସ୍ୱାଧୀନ ଭାରତର ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଗ୍ ସମ୍ବିଧାନୀକ ଚୁକ୍ତି ବୋଲି କୁହାଯାଇ ପାରେ। ଏହି ଚୁକ୍ତି ଡକ୍ଟର ଆମ୍ବେଦକାରଙ୍କ ଇଚ୍ଛାମତେ ହୋଇନଥିଲେ ବି ଏହା ଦ୍ୱାରା କିଛି ପାଇବାର ଶୁଭାରମ୍ଭ ହୋଇଥିଲା। ପ୍ରଚଳିତ ଉଚ୍ଚ ଜାତିବାଦୀ ବ୍ୟବସ୍ଥା ଅନଗ୍ରସର ଜାତି ସମୂହକୁ କିଛି ଅଧିକାର ଦେବା ପାଇଁ ରାଜି ହୋଇଥିଲ। ତେଣୁ ସମତା ଆନ୍ଦୋଳନର ଏହା ଏକ ଯୁଗାନ୍ତକାରୀ ସୋପାନ ଭାବେ ବିବେଚନା କରାଯାଏ।

ପରବର୍ତ୍ତୀ କାଳରେ ଏହି ଚୁକ୍ତିର ଗୁରୁତ୍ୱ ବ୍ରିଟିଶ ଶାସନ ବ୍ୟବସ୍ଥାରେ ପ୍ରତିଫଳିତ ହେବାକୁ ଲାଗିଲା। ସମ୍ବିଧାନ ରଚନା କାଳରେ ଡ୍ରାଫ୍ଟିଂ କମିଟିର ଚେୟାରମ୍ୟାନ ଭାବେ ଡକ୍ଟର ଆମ୍ବେଦକର ସାମାଜିକ ସମତା ଆନ୍ଦୋଳନର ସମସ୍ତ ଅଭିଜ୍ଞତାକୁ ଏଥିରେ ସ୍ଥାନିତ କରିଥିଲେ। ପୁନାଚୁକ୍ତି ଦ୍ୱାରା ପ୍ରାପ୍ତ ହୋଇଥିବା ଅନଗ୍ରସର ଜାତିଙ୍କର ସ୍ୱତନ୍ତ୍ର ମାନ୍ୟତାକୁ ସେ କାମରେ ଲଗାଇ ଥିଲେ। ସାମାଜିକ ସ୍ଥିତି ଓ ବିକାଶର ତାରତମ୍ୟକୁ ଦେଖି ଏମାନଙ୍କୁ ତିନି ଗୋଷ୍ଠୀରେ ବିଭକ୍ତ କରିଥିଲେ। ତାହା ହେଉଛି ଅନୁସୂଚିତ ଜାତି, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗ। ଏମାନଙ୍କ ବିକାଶ ନିମିତ୍ତ ସମ୍ବିଧାନରେ ସେ ସମସ୍ତ ପ୍ରକାର ବ୍ୟବସ୍ଥା କରିଯାଇଛନ୍ତି। ବିଭିନ୍ନ କ୍ଷେତ୍ରରେ ଏମାନଙ୍କ ବିକାଶ ପାଇଁ ସଂରକ୍ଷଣର ବ୍ୟବସ୍ଥା କରି ଯାଇଛନ୍ତି। ତେଣୁ ସ୍ୱାଧୀନତା ପରର ସାମ୍ବିଧାନିକ ସଂରକ୍ଷଣ ପୁନାଚୁକ୍ତିର ପ୍ରସାରିତ ଓ ପରିବର୍ତ୍ତିତ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ।

ବାରିପଦା, ମୟୂରଭଞ୍ଜ,

ମୋ: ୭୦୦୮୯୭୬୧୮୦




## ନୂତନ ଭାରତ ନୂତନ ସଂସଦ

### ରମେଶ ଚନ୍ଦ୍ର ନାୟକ



ନୂତନ ଭାରତେ ନୂତନ ସଂସଦ
ଉଦ୍ଘାଟନ କଲେ ପ୍ରଧାନମନ୍ତ୍ରୀ,
ରାଷ୍ଟ୍ର ଉଦ୍ଦେଶ୍ୟରେ ହେଲା ସମର୍ପଣ
ଘୋଷଣା କରିଲେ ନରେନ୍ଦ୍ର ମୋଦି।

କରୁଛୁ ସ୍ୱାଗତ ହୋଇ ଆନନ୍ଦିତ
ଦେଶ ଗଣତନ୍ତ୍ର ନୂଆ ମନ୍ଦିର,
ବିଦାୟ ନେଇଛି ପୁରୁଣା ସଂସଦ
ନୂଆ ସଂସଦକୁ କରି ଜୁହାର ।

ସବ୍ କା ବିକାଶ ସବ୍ କା ସାଥ୍
ମନ୍ତ୍ରରେ ମନ୍ତ୍ରିତ ଥିଲା ସଂସଦ,
ସର୍ବଦା ଗର୍ବର ସହିତ କହିବ
ତିନି ଶ' ସତୁରୀ ଧାରା ଉଚ୍ଛେଦ ।

ଇତିହାସ ହେଲା ପୁରୁଣା ସଂସଦ
ଦେଶ ସ୍ୱାଧୀନତା ଯିଏ ଦେଖିଛି,
ଚନ୍ଦ୍ରୟାନ - ତିନି ଚନ୍ଦ୍ରକୁ ପଠାଇ
ନୂଆ ସଂସଦକୁ ଶିକ୍ଷା ଦେଇଛି ।

ଅତି ଆଧୁନିକ ସୁବିଧା ସୁଯୋଗ
ସବୁ ଆୟୋଜନ କରା ଯାଇଛି,
ତ୍ରିକୋଣିଆ ଢାଞ୍ଚା ଗଠନ ଶଇଳୀ
ଅଗଣାରେ ବରଗଛ ଲାଗିଛି ।

ଲୋକସଭା ଯା'ର ମୟୂର ଆକାର
ମୁଖ୍ୟ ଦ୍ୱାରେ ଅଛି ଚକ୍ର ଅଶୋକ,
ଅନ୍ୟ ତିନି ଦ୍ୱାରେ ଜ୍ଞାନ ଶକ୍ତି କର୍ମ
ଜଗିଛନ୍ତି ସତେ ଦେଶ ସେବକ ।

ଭାରତୀୟ କଳା ସଂସ୍କୃତି ଝଲକ
ଆଧୁନିକ ଯୋଗାଯୋଗ ବ୍ୟବସ୍ଥା,
ଅଡିଓ ଭିଡିଓ ସାଥେ ପାଠାଗାର
ଆହୁରି ରହିଛି କେତେ ସୁବିଧା ।

ଅଗ୍ନି ପ୍ରଭାବିତ ଅବା ଭୂମିକମ୍ପେ
ହେବ ନାହିଁ ତା'ର କିଛି କ୍ଷତିରେ,
ନୂତନ ଭବନ ଦେଉଛି ସନ୍ଦେଶ
ଦେଶ ବିକାଶକୁ ଦେବା ଧ୍ୟାନରେ ।

କେଶରପୁର, ବକ୍ସି ବଜାର, କଟକ

ମୋ : ୭୯୭୮୧୫୧୭୧୦

## ତୁ ନୋହୁ ବୋଝ

### ରତ୍ନପ୍ରଭା ବାଇ



ନାରୀ, ସର୍ବ ଶକ୍ତିର ଅଧିକାରିଣୀ ତୁ,
ସବୁଠି ରହିଛୁ ପୂରି ।
ତୁ, ସୃଷ୍ଟିର ଶ୍ରେଷ୍ଠ ପରିକଳ୍ପନା
ତୁ କରିପାରୁ ପୁଣି ସର୍ଜନା।

ତୁ, ଭଗିନୀ, ସେନେହର ସଞ୍ଜିବନୀ
ତୁ, ଜନନୀ, ମମତାର ମନ୍ଦାକିନୀ,
ତୁ,ଜାୟା, ପ୍ରୀତିର ପରଶ ମଣି ।

ତୁ,ନୋହୁ, ଅବଳା ଦୁର୍ବଳା
ତୁ, ଦୟା କ୍ଷମା ଧର୍ଯ୍ୟଶିଳା,
ତୁ,ରାଣୀ ଲକ୍ଷ୍ମୀ ବାଇ
ତୁ, ରାଣୀ ଶୁକ ଦେଇ,
ଶକ୍ତି ସ୍ୱରୂପିଣୀ
ରୋଷେଇ ଶାଳରୁ ରଣାଙ୍ଗନ ଯାଏ
ଶୁଭିଲାଣି ତୋର ପାଦଧ୍ୱନୀ।

ତୁ, ଝିଅଟିଏ ବୋଲି
ବାଟ ଘାଟ,ଘର ବାହାର
ସବୁସ୍ଥାନ ଅସୁରକ୍ଷିତ
କେତେବେଳେ,
କେଉଁଠି ପାଲଟି ଯାଉ
ଦରପୋଡା ଅଙ୍ଗାର ତ
କେଉଠି ମଶାଣୀ ପାଉଁଶ।

ତୁ, ସୃଷ୍ଟିର ମୂଳାଧାର
ମାଟି ଆଉ ମଞ୍ଜିର, ସଂପର୍କର
ସମାହାର।
ଏଥର ନିଜକୁ ବୁଝ
ସବୁ ପ୍ରଶ୍ନର ଉତ୍ତର ଖୋଜ,
ପ୍ରତିବାଦ କରି ସମାଜ ସମ୍ବିଧାନରୁ
ଲିଭାଇ ଦିଅ କୋଠରୀ ଶବ୍ଦକୁ
ବାପା, ମାଆଙ୍କର, କି ଏଇ ସମାଜର
ତୁ,ନୋହୁ ବୋଝ।

ତୁ,ନାରୀ, ତୋ ଭିତରେ
ସକଳ ଶକ୍ତିର ଉତ୍ସ
ରହିଛି ଭରି,
ଦିବ୍ୟ ଚେତନାରେ ନିଜକୁ ନିରେଖି,
ତୁ, ହିଁ ଦିଶୁଛୁ ଦେବୀଟିଏ ପରି ।

ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ, ତାଳଚେର, ଅନୁଗୁଳ।

ମୋ -୯୩୩୭୯୭୨୭୪୯

## ଯାଯାବର ଜହ୍ନ

### ପ୍ରିୟା ସାହୁ



ନିଜକୁ ଖୋଜେ
ଅନେକ କୁହୁକ ରାତିରେ
ହଜାରେ ସ୍ୱପ୍ନ ଗଢ଼ିସାରିଲା ପରେ
ଭାଦ୍ରବର ସୁନେଲି ଆକାଶେ
ଦୂର ଜହ୍ନ ର ହୃଦୟକୋଣେ
ନିଜକୁ ଖୋଜେ !

ମୁଁ କେବେ ନିଜକୁ ପାଇଛି ଯେ
ଆଜି ଅବା ଏଇ କୁହୁକ ରାତିର
ସଜନୀ ସାଜିବି ?
ଜହ୍ନତ ସମ୍ପୂର୍ଣ୍ଣ ଉଜ୍ଜ୍ୱଳମୟ
ମୁଁ କାଇଁ ତାକୁ
ମୋ ରଙ୍ଗେ କଳଙ୍କି ଦେବି
ଅନେକ ପ୍ରଶ୍ନ ପରେ ବି
ମୁଁ ନିଜକୁ ଖୋଜେ !

ଏଇ ପ୍ରକୃତିର ବୁକୁରେ
ପ୍ରେମ ପଥ କଡ଼ରେ
କେଉଁଠି ଅବା କାହାରି
ଗେଲ୍ଲୀ ହୋଇ ରହିଯାଇଥିବି
ସ୍ନେହ ସାଗରେ ନିଜକୁ ହଜେଇ
ମୁକ୍ତା ସବୁ ଗୋଟାଉଥିବି ଭାବି
ନିଜକୁ ଖୋଜେ
ଏଇ ଖୋଜିଲା ଭିତରେ
ମୁଁ ଆହୁରି ହଜିଯାଏ
କିନ୍ତୁ ହାର ନ ମାନି
ମୁଁ ପୁଣି ଆଉ ଥରେ
ଯାଯାବର ହୋଇ
ନିଜକୁ ଖୋଜେ

ସୁନ୍ଦରଗଡ଼







# ପ୍ରକୃତିର ହିନ୍ଦୀଭାଷା ପ୍ରୀତି



ନଗେନ୍ଦ୍ର ନାଥ ପଟ୍ଟନାୟକ



ଦଶ ବର୍ଷର ଝିଅ ପ୍ରକୃତି ଖୁବ୍ ବୁଦ୍ଧିମତୀ । ପାପା-ମାମା ତାର ବହୁବର୍ଷ ଧରି ଦରିଆପାରି ଦେଶ ଆମେରିକାରେ ରହିବା ପରେ ନିଜ ଦେଶ ଭାରତକୁ ଫେରିଆସିଥିଲେ । ଓଡିଶାର ରାଜଧାନୀ ଭୁବନେଶ୍ୱରରେ ଥିବା ନିଜ ଘରେ ରହିବାକୁ ଲାଗିଲେ । ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମ ବେସରକାରୀ ସ୍କୁଲରେ ତାର ନାମ ଲେଖା ଯାଇଥିଲା । ପ୍ରଥମକରି ସେ ଯେତେବେଳେ ସ୍କୁଲରେ ପାଦ ଥାପିଲା ତା ଶ୍ରେଣୀର ପଢୁଆ ସାଥୀମାନେ ଜାଣିବାକୁ ପାଇଲେ ପ୍ରକୃତି କୁଆଡେ ଆମେରିକାରୁ ଓଡିଶାକୁ ଫେରି ଆସିଛି । ଶ୍ରେଣୀର ସବୁପିଲା ମଧ୍ୟ ତା ଦ୍ୱାରା ବେଶ୍ ପ୍ରଭାବିତ ହୋଇ ଇଂରାଜୀ ଭାଷାରେ କଥାବାର୍ତ୍ତା କରିବାକୁ ଲାଗିଲେ । ସେମାନେ ଠଉରେଇ ନେଲେ ପ୍ରକୃତିକୁ ବୋଧହୁଏ ଓଡିଆ ଓ ହିନ୍ଦୀ ଭାଷା ବୋଲିବା ଜଣାନଥିବ । କିନ୍ତୁ ସୁଧା ଗୁରୁମା ଯେତେବେଳେ ଶ୍ରେଣୀକକ୍ଷରେ ପ୍ରବେଶ କଲେ ପ୍ରକୃତିକୁ ତାର ପ୍ରକୃତ ପରିଚୟ ଦେବାକୁ କହିଲେ । ଉଭୟ ହିନ୍ଦୀ ଓ ଓଡିଆ ଓ ହିନ୍ଦୀ ଭାଷାରେ ପ୍ରକୃତି ନିଜର ପରିଚୟ ଦେବା ଦେଖି ଗୁରୁମା ଖୁବ୍ ଆଚମ୍ବିତ ହୋଇଗଲେ । ସେ ମଧ୍ୟ ଖୁବ୍ ପ୍ରଭାବିତ ହେଲେ । ପ୍ରକୃତି ନିର୍ଭୟରେ କହିଲା –ଗୁରୁମା, ମୋ ପାପା – ମାମା କହନ୍ତି ବିଦେଶରେ ରହି ମଧ୍ୟ ଆମେ ନିଜ ଦେଶର ସଂସ୍କୃତି , ମାତୃଭାଷା ଓ ରାଷ୍ଟ୍ରଭାଷାକୁ ଭୁଲିଯିବା ଅନୁଚିତ । ସୁଧା ଗୁରୁମା ହସିହସି କହିଲେ -ଏଟା ତ ବହୁତ ବଢିଆ କଥା । ଆଚ୍ଛା ପ୍ରକୃତି, ଆସନ୍ତା ସପ୍ତାହରେ ହିନ୍ଦୀ ଦିବସ ,ତୁମେ କଣ ହିନ୍ଦୀ ଦିବସ ପାଳନ ସମାରୋହରେ ଅଂଶଗ୍ରହଣ କରିବ ନାହିଁ । ହଁ ଗୁରୁମା , ମୁଁ ନିଶ୍ଚିତ ରୂପେ ଯୋଗଦେବି । ସତକୁ ସତ ସେପ୍ଟେମ୍ବର ଚଉଦ ତାରିଖ ଦିନ ସ୍କୁଲର ପ୍ରଧାନଗୁରୁଜୀ, ଅନ୍ୟ ଗୁରୁଜୀ-ଗୁରୁମାମାନେ ଓ ସବୁ ଛାତ୍ର-ଛାତ୍ରୀଗଣ ସ୍କୁଲର ପ୍ରେକ୍ଷାଳୟରେ ଏକଜୁଟ ହେଲେ । ଅଧିକାଂଶ ପିଲା ଭବ୍ୟ କାର୍ଯ୍ୟକ୍ରମରେ ନିଜର ବକ୍ତୃତା ପ୍ରଦାନ କରିବାକୁ ଲାଗିଲେ । ସୁଧା ଗୁରୁମା ମଂଚାସୀନ ହୋଇ କହିଲେ –ଆମ ଦେଶ ଭାରତ ସ୍ୱାଧୀନ ହେବାର ବହୁବର୍ଷ ପରେ ମଧ୍ୟ ଅଧିକାଂଶ ଲୋକ ଇଂରାଜୀ ଭାଷାକୁ ମହତ୍ୱ ପ୍ରଦାନ କରନ୍ତି । ଇଂରାଜୀ ଭାଷାରେ କଥାବାର୍ତ୍ତା କରି ଗର୍ବ ଅନୁଭବ କରନ୍ତି । ମୁଁ ଖୁସିରେ ତମମାନଙ୍କୁ କହିବାକୁ ଚାହେଁ ଯେ ବିଦେଶରେ ଜନ୍ମ ଓ ଲାଳନପାଳନ ହୋଇ ଏମିତି ପିଲାମାନେ ଅଛନ୍ତି ଯୋଉମାନେ ନିଜ ଦେଶର ରାଷ୍ଟ୍ରଭାଷା ଆଉ ସମୃଦ୍ଧ ସଂସ୍କୃତିକୁ କେବେବି ପାସୋରି ଯାଆନ୍ତି ନାଇଁ । ସୁନାଝିଅ ପ୍ରକୃତି ଆଡେ ଇସାରା କରି ସୁଧା ଗୁରୁମା କହିଲେ – ହେଇ ଦେଖ ପ୍ରକୃତିକୁ । ସେ ଗତ ହପ୍ତାହରେ ଆମେରିକାରୁ ଫେରି ଆସିଛି । ଆଜିକାର କାର୍ଯ୍ୟକ୍ରମରେ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରିଛି । ପ୍ରକୃତି ସୁସଜ୍ଜିତ ମଂଚ ଉପରକୁ ଉଠିଆସିବା ମାତ୍ରେ ଉପସ୍ଥିତ ଛାତ୍ର-ଛାତ୍ରୀମାନେ ତାଳିମାରି ତାକୁ ସ୍ୱାଗତ କଲେ । ପ୍ରକୃତି କହିଲା – ସମ୍ମାନନୀୟ ପ୍ରଧାନଗୁରୁଜୀ,ଗୁରୁଜୀ-ଗୁରୁମାଗଣ ଆଉ ମୋର ପ୍ରିୟ ସାଥୀମାନଙ୍କୁ ମୋର ଅଭିବାଦନ, ଚଉଦ ସେପଟ୍ଟେମ୍ବର ୧୯୪୯ ମସିହାରେ ହିନ୍ଦୀକୁ ରାଜଭାଷାର ମାନ୍ୟତା ପ୍ରଦାନ କରାଯାଇଥିଲା । ସେବେଠୁ ଏ ଦିବସକୁ ଆମେ ହିନ୍ଦୀ ଦିବସ ରୂପେ ପାଳନ କରିଆସିଛୁ । ଏଇ ଦିବସକୁ ବେଶ୍ ଜାକଜମକରେ ପାଳନ କରାଯାଏ । ସ୍କୁଲ କଲେଜ ଓ ସବୁ ଅଫିସ୍‌ରେ ଗଠନାତ୍ମକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୁଏ । କିନ୍ତୁ ଏସବୁ ଦ୍ୱାରା କଣ ଆମର କର୍ତବ୍ୟ ପୂରା ହୋଇଯାଏ ? ହିନ୍ଦୀ ଆମର ରାଷ୍ଟ୍ରଭାଷା, ଆମେ ଏହାକୁ ସମ୍ମାନ କରିବା ଉଚିତ । ଅଧିକରୁ ଅଧିକ ଏହାକୁ ବ୍ୟବହାର କରିବା ନିହାତି ଜରୁରୀ । ବିଦେଶରେ ଅବସ୍ଥାନ କରି ମଧ୍ୟ ଭାରତୀୟମାନେ ଯେତେବେଳେ ନିଜ ମାତୃଭାଷା ଓ ରାଷ୍ଟ୍ରଭାଷାକୁ ମହତ୍ୱ ପ୍ରଦାନ କରୁଛନ୍ତି ଆମେ କାହିଁକି କରିପାରିବା ନାହିଁ ? ସର୍ବୋପରି ଆମେ ସମସ୍ତେ ଭାରତୀୟ – ଏକଥା ଆମେ ବିସୋରି ଯିବା ଅନୁଚିତ । ଆଉ ଆମେ ସବୁ ନିଜ ରାଷ୍ଟ୍ରଭାଷା ହିନ୍ଦୀକୁ ନେଇ ଗର୍ବ କରିବା ଉଚିତ ମନେହେବ । ଏତିକି କହି ପ୍ରକୃତି

ତୁନି ପଡିଯିବାରୁ ଉପସ୍ଥିତ ଶ୍ରୋତାଙ୍କ ଘନଘନ ତାଳିମାଡ ଶବ୍ଦରେ ପ୍ରେକ୍ଷାଳୟ କମ୍ପି ଉଠିଲା ପ୍ରଧାନଗୁରୁଜୀ ପ୍ରକୃତି ପିଠିକୁ ଆଉଁଶି ଦେଇ କହିଲେ ସାବାସ୍ ଝିଅ । ଏହାପରେ ପ୍ରକୃତିକୁ ପ୍ରଥମ ପୁରସ୍କାର ପ୍ରଦାନ କରାଗଲା । ସ୍କୁଲର ଛାତ୍ରଛାତ୍ରୀମାନେ ପ୍ରକୃତିକୁ ତାରିଫ କରିବାକୁ ଲାଗିଲେ ।

+ ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ଗୁଣିଆକୁ ଲାଗିଲା ନିଆଁ ଭୁତ

ସନ୍ତୋଷ କୁମାର ଅଦାବର



ପଥରପାଲି ନାମରେ ଗାଁ ଟିଏ। ତାହା ପାଖାପାଖି ଚାଳିଶ ପଚାଶ ପରିବାର ରହୁଥିବା ଗାଁ । ସେ ଗାଁରେ ରଘୁ ପଧାନର ଘର। ଏଇ ଗତକାଲିଠୁ ତା'ର ପନ୍ଦର ବର୍ଷର ପୁଅ ମଧୁକୁ କ'ଣ ହୋଇଛି କେଜାଣି ସେ କେବଳ ବାଉଳି ଚାଉଳି ହେଉଛି। ତାଙ୍କ ଗାଁ ର ଗୁଣିଆ କୁ ଦେଖାଇବାରୁ ସେ କହିଲା,' କୁଆଡ଼େ ତାକୁ ତାଙ୍କ ଗାଁ ମୁଣ୍ଡରେ ଥିବା ବରଗଛରେ ରହୁଥିବା ପ୍ରେତ ଲାଗିଛି। ପ୍ରେତ ଛଡ଼ାଇବାକୁ ସେ ଗୁଣିଆ ଜଣକ ନଡ଼ିଆ,ଧୂପକାଠି ଆଦିର ଗୋଟିଏ ଲମ୍ବା ତାଲିକା ରଘୁ ପଧାନର ହାତେ ଦେଲା। ଯଥାବିଧିରେ ପ୍ରେତ ଦୂରୀକରଣ ପାଇଁ ଚେଷ୍ଟା କଲା। କିନ୍ତୁ ଅସଫଳ ହେଲା। ତା'ପରେ ଜଣେ ନାମକରା ଗୁଣିଆ ଖବର ପାଇ ଆସିଲା। ସେ ପରଖି ଦେଖି କହିଲା- 'ମଧୁକୁ ତାଙ୍କ ଗାଁର ଡାହାଣୀ ଲାଗିଛି। ସେ ଡାହାଣୀକୁ ସମସ୍ତଙ୍କର ସମ୍ମୁଖରେ ଗୁଣିଆଟି ଛିଡ଼ା କରିଦେବ ବୋଲି କଥା ଦେଲା। ରଘୁ ପଧାନ ଘରେ ଲୋକ ଗହଳି ଲାଗିଥାଏ। ସେଇ ପଥରପାଲି ଗାଁ ର ସୁରେଶ ମହାନ୍ତି ଏଇ କିଛି ମାସ ହେବ ଡାକ୍ତର ହୋଇ ପାଖ ସହରରେ ଚାକିରି କରୁଥାନ୍ତି। ଛୁଟିରେ ତାଙ୍କ ପଥରପାଲି ଗାଁ କୁ ଆସିଥାନ୍ତି। ରଘୁ ପଧାନ ଘରେ ଲୋକ ଗହଳି ଦେଖି ଜଣକୁ ସେ କ'ଣ ହୋଇଛି ବୋଲି ପଚାରିବାରୁ,ସବୁ ଜାଣିବାକୁ ପାଇଲେ । ସେଠାକୁ ଯାଇ ସେ କିଛି ସମୟ ମଧୁକୁ ଲକ୍ଷ୍ୟ କରୁଥାନ୍ତି। ଏହି ସମୟରେ ଗୁଣିଆଟିର ପିନ୍ଧିଥିବା ବସ୍ତ୍ରରେ ସେଠାକାର ପୂଜାର୍ଚ୍ଚନାର ନିଆଁ ଲାଗିଯିବାରୁ ନିଜ ଜୀବନ ବିକଳରେ ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କଲା। କିଛି ଲୋକ ତାକୁ ସେଥିରୁ ଠିକ୍ କରିଦେଲେ। ନିଜ ଜୀବନ ଭୟରେ ଆସନ୍ତା କାଲି ଏ ଡାହାଣୀକୁ ବାହାର କରିବା କହି ସେଠାରୁ ସେ ଚାଲିଗଲା।

ଡାକ୍ତର ସୁରେଶ ଏଥର ମଧୁ ପାଖକୁ ଗଲେ ଏବଂ ନାଡ଼ି ପରଖି ଦେହର ଖଇଫୁଟା ତାପରୁ ଜାଣି ପାରିଲେ ଯେ ମଧୁକୁ ମ୍ୟାଲେରିଆ ବା ଆଉକିଛି ଜ୍ୱର ସଂବନ୍ଧିତ ରୋଗ ହୋଇଛି। ତେଣୁ ତା'ର ବାପାକୁ କାଳ ବିଳମ୍ବ ନକରି ନିକଟସ୍ଥ ଡ଼ାକ୍ତରଖାନାକୁ ନେଇଯିବାକୁ କହିଲେ। କିନ୍ତୁ ରଘୁ ପଧାନ ଅମଙ୍ଗ ହେଲେ। ଡାକ୍ତର ସୁରେଶ ବୁଝାଇଲେ, ମଧୁର ଏ ଯାହା ଲକ୍ଷଣ ହେଉଛି ଏହା କୌଣସି ଭୁତ,ଡାହାଣୀ କିଛି ନୁହେଁ। ଏହା କିଛି ଗୋଟାଏ ରୋଗର ଲକ୍ଷଣ। ଯଦି ସେ ଗୁଣିଆ ମଧୁକୁ ଭଲ କରିପାରିଥାନ୍ତା, କାହିଁକି ସେ ନିଜକୁ ନିଆଁରୁ ବଞ୍ଚେଇ ପାରିଲା ନାହିଁ। ଏଣୁ ଏ ସବୁ ଅନ୍ଧ ବିଶ୍ୱାସ ପଛରେ ନ ପଡ଼ି ଅତି ଶୀଘ୍ର ଡାକ୍ତରଖାନାରେ ପହଞ୍ଚାଅ। ନଚେତ୍ ଏହାର ଅବସ୍ଥା ଯାହା କିଛି ବି ଘଟିପାରେ। ତା'ପରେ ରଘୁ ପଧାନ ବୁଝିପାରି ଡାକ୍ତରଖାନାକୁ ନେଲେ। ରକ୍ତ ପରୀକ୍ଷାରୁ ଜଣାପଡିଲା ତାକୁ ମସ୍ତିଷ୍କ ମ୍ୟାଲେରିଆ ହୋଇଛି। ସେଥିପାଇଁ ସେ ବାଉଳି ଚାଉଳି ହେଉଛି। ଉପଯୁକ୍ତ ଚିକିତ୍ସା ପରେ ମଧୁ ଆରୋଗ୍ୟ ହୋଇ ଗାଁ କୁ ଫେରିଲା। ଭୁତ ପ୍ରେତ ଡାହାଣି ଭଳି ଅନ୍ଧ ବିଶ୍ୱାସ ରଘୁ ପଧାନ ତଥା ପଥରପାଲି ଗାଁର ସମସ୍ତଙ୍କର ମନରୁ ଦୂରହେଲା। ଡାକ୍ତର ସୁରେଶ ମ୍ୟାଲେରିଆ ରୋଗର କାରଣ ଏବଂ ନ ହେବା ପାଇଁ କ'ଣ ସବୁ କରାଯିବ ସବୁ ଲୋକମାନଙ୍କୁ ବୁଝାଇଲେ। ସେ ଗାଁ ର ଲୋକମାନେ ମଧ୍ୟ ସବୁ ଅନ୍ଧ ବିଶ୍ୱାସ ଦୂରକରି ଖୁସିରେ ବଞ୍ଚିଲେ ।

+ ବୀରମହାରାଜପୁର, ଜି-ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ନାତିର ଚୋରି ଜେଜେ ଧରିଲେ



ଶ୍ରୀ ସୁବ୍ରତ ମଲିକ

ଗୋବିନ୍ଦପୁର ପଡ଼ିଆ। ଏଠାରେ ସପ୍ତାହକୁ କେବଳ ଗୋଟିଏ ଦିନ ହାଟ ବସେ । ତାହା ପୁଣି ସରକାରୀ ଛୁଟି ରବିବାରରେ । ପନିପରିବାଠାରୁ ଆରମ୍ଭ କରି ତେଲ ସଉଦା ପର୍ଯ୍ୟନ୍ତ ସବୁ ନିତିଦିନିଆ ଦରକାରୀ ଜିନିଷର ବିକ୍ରିବଟା ସେହି ଦିନ ହୁଏ । ଛୋଟ ବଡ଼ ଚାଷୀଙ୍କଠାରୁ ଆରମ୍ଭ କରି ବେପାରୀମାନଙ୍କ ଗହଳି ହୁଏ। ଆଖପାଖ ମୌଜାର ପାଖାପାଖି କୋଡ଼ିଏ ଖଣ୍ଡ ଗାଁର ଲୋକମାନଙ୍କ ଭିଡ଼ ଜମେ। ଦୂରରୁ ଦେଖିଲେ ମେଳାଟିଏ ପରି ଲାଗେ । ତେଣୁ ଏଠାରେ ହାଟ ଦିନ ସୋରିଷ ପଡିବାକୁ ଛୁଞ୍ଚିରେ ଛୁଞ୍ଚିଏ ବି ଜାଗା ନ ଥାଏ ।

ଏହି ଗୋବିନ୍ଦପୁର ପଡ଼ିଆଠାରୁ ତିନି ଚାରି କୋଶ ଦୂରରେ ପାରିପଦା ଗାଁ । ଏହି ଗାଁରେ ସୁଦାମାର ଘର । ସେ ଗାଁ ଚାଟଶାଳୀକୁ ପାଠ ପଢିବାକୁ ଯାଏ । ଚାଟଶାଳୀ ଛୁଟି ହେଲେ ଘରେ ବହି ବସ୍ତାନୀ ରଖି କ'ଣ ଦିଇଟା ବେଗିବେଗି ଖାଇଦିଏ। ଖାଇସାରି ସାଙ୍ଗମାନଙ୍କ ସହ ଖେଳିବା ପାଇଁ ଘରୁ ବାହାରିଯାଏ । ସଞ୍ଜ ହେଲେ ଫେରେ। ଗୋଡ଼ ହାତ ମୁହଁ ଧୋଇ ହୋଇସାରି ପ୍ରାର୍ଥନା କରେ । ତା ପରେ ପଢି ବସେ । ପଢ଼ା ସରିଗଲେ ଜେଜେଙ୍କ ପାଖକୁ ଯାଏ । ତାଙ୍କ ସହିତ ଗେଲ ହୁଏ । ଖାଇବା ପାଇଁ ମାଆ ଡାକଦେଲେ ଜେଜେ ନାତି ଦୁହେଁ ଖାଇବା ପାଇଁ ଯାଆନ୍ତି । ଖାଇ ସାରିବା ପରେ ସୁଦାମା ଜେଜେଙ୍କ ସହିତ ଶୋଇବାକୁ ଯାଏ । ଶୋଇବା ଆଗରୁ ଗପ ଶୁଣିବା ପାଇଁ ଜେଜେଙ୍କୁ ଅଳି କରେ । ଜେଜେ କେବେକେବେ ମଜାରେ ଗପ କହିବେନି ବୋଲି ମନା କଲେ ପାଖରେ ସପ ତକିଆ ଯାହା ପାଏ, ଖୋପଡ଼ା ଖୋପଡି କରେ । ତାହାର ଏ ଅଝଟପଣକୁ ଦେଖି ଜେଜେ ବହୁତ ହସନ୍ତି । ଜେଜେଙ୍କର ହସ ଦେଖି ନାତି ଟୋକା ଜୋରରେ କାନ୍ଦି ଉଠେ । ତାକୁ ତୁନି କରିବାକୁ ଯାଇ ଜେଜେ ଗପ କହିବା ଆରମ୍ଭ କରନ୍ତି । ଗପ ଆରମ୍ଭ ହେବା ଶୁଣି ସେ ଆପଣାଛାଏଁ କାନ୍ଦିବା ବନ୍ଦ କରିଦିଏ। ଏହିପରି ନିତିଦିନ ଚାଲେ ।

ଜେଜେ ପ୍ରତି ରବିବାର ଦିନ ଗୋବିନ୍ଦପୁର ହାଟକୁ ଯାଆନ୍ତି । ଘର ପାଇଁ ଯାହା ଦରକାର ତାହାର ଏକ ଚିଠା ଆଗ ଦିନ ତିଆରି କରି ରଖିଦେଇଥାନ୍ତି । ଗଲାବେଳେ ସେହି ଚିଠାକୁ ସାଥିରେ ନିଅନ୍ତି । ଚିଠା ଅନୁସାରେ କିଣାକିଣି କରନ୍ତି । ହାଟରୁ ଫେରିଲାବେଳେ ସୁଦାମା ପାଇଁ ଭଳିକି ଭଳି ସୁଆଦିଆ ଖାଇବା ଜିନିଷ ନେଇକି ଆସିବାକୁ କେବେବି ଭୁଲନ୍ତି ନାହିଁ। ସେଥିପାଇଁ ସୁଦାମା ସପ୍ତାହର ସବୁ ବାର ରବିବାର ହୋଇଯାଉ ବୋଲି ମନେ ମନେ ଇଚ୍ଛା କରେ । ଯଦି କେବେ ସେ କୁହୁକ ମଣି ପାଇଯାଆନ୍ତା, ତେବେ ତାର ଏହି ଇଚ୍ଛାକୁ ପୂରଣ କରିବା ପାଇଁ କୁହନ୍ତା। ହେଲେ ତା ଏତେ ସପନକୁ ରାତିବା କାହିଁ ! ଏଥର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ସୁଦାମା ଦେବ । ପରୀକ୍ଷା ପାଖେଇ ଆସୁଥାଏ। ତେଣୁ ସେ ଜେଜେଙ୍କ ପାଖରେ ବସି ପାଠ ପଢୁଥାଏ । ହଠାତ କ'ଣ ହେଲା କେଜାଣି ସେ ଏଥର ଆସୁଥିବା ରବିବାରରେ ଜେଜେଙ୍କୁ ତାଙ୍କ ସହିତ ହାଟକୁ ନେଇଯିବା ପାଇଁ ଅଳି କଲା । ବୃତ୍ତି ପରୀକ୍ଷାରେ ସଫଳ ହେଲେ ତୋ'ର ଏହି ଅଳି ରଖିବି ବୋଲି ସର୍ତ୍ତ ରଖି ଜେଜେ ତା କଥାରେ ରାଜି ହେଲେ।

ନିର୍ଦ୍ଧାରିତ ସମୟରେ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହେଲା । ତାହାର କିଛି ଦିନ ପରେ ପରୀକ୍ଷା ଫଳାଫଳ ବାହାରିଲା ।ପରୀକ୍ଷାରେ ସୁଦାମା ଭଲ ନମ୍ବର ରଖି ବୃତ୍ତି ପାଇବାକୁ ଯୋଗ୍ୟ ହୋଇଥିବା ଜଣାପଡ଼ିଲା । ଏଥିପାଇଁ ବିଦ୍ୟାଳୟରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ସବୁଆଡ଼େ ଖୁସିର ଲହଡ଼ି ଖେଳିଗଲା। ସମସ୍ତେ ସୁଦାମାକୁ ଶୁଭେଚ୍ଛା ଜଣାଇଲେ । ବଡ଼ ମଣିଷଟେ ହେଉ ବୋଲି ଆଶୀର୍ବାଦ କଲେ ।

ସବୁଦିନ ପରି ସେଦିନ ବି ସୁଦାମା ଜେଜେଙ୍କ ସହିତ ଖାଇସାରି ଶୋଇବାକୁ ଗଲା। ଜେଜେ ଗପ ଶୁଣାଇବାକୁ ଆରମ୍ଭ କରନ୍ତେ, ସୁଦାମା ମଝିରେ ଫାଳ ପୂରେଇଦେଲା । କହିଲା ,' ମୁଁ ତୁମ ସର୍ତ୍ତ ପୂରଣ କରିଛି । ଏବେ ତୁମ ପାଳି । ନିଜ କଥା ରଖି ତୁମେ ଏଥର ମୋତେ ହାଟକୁ ବୁଲାଇବାକୁ ନେବ ବୋଲି କୁହ । ନ ହେଲେ ଗପ ଶୁଣିବି ନାହିଁ । ନିଜେ ଶୋଇବିନି କି ତୁମକୁ ବି ଶୁଆଇ ଦେବିନି । ଆଉ ଯଦି ଏଥର ହସିବ ,ତେବେ ମୁଁ ତୁମ ଉପରେ ସୁସୁ କରିଦେବି ।'

ସୁଦାମାର ଏପରି ଜିଦ୍ଦି ଦେଖି ଜେଜେ ତା କଥାରେ ରାଜି ହୋଇଗଲେ । ନ ହେବେ ବା କେମିତି । ନାତି ଟୋକା ଯଦି ସତରେ ସୁସୁ କରିଦିଏ,ଏ ରାତିରେ କିଏବା ଆଉ ଥରେ ଗାଧୋଇବ । ସାର୍ଟ ପ୍ୟାଣ୍ଟ ପୁଣି ପିନ୍ଧିବ।

ରବିବାର ଆସି ପହଞ୍ଚିଲା । ସୁଦାମାର ପାଦ ଖୁସିରେ ମାଟିରେ ପଡୁନଥାଏ । ସତେ ଯେମିତି ଡେଣା ହଳେ ତା ଦେହରେ ଆଜି ପାଇଁ ଲାଗିଯାଇଛି , ଆଉ ସିଏ ଆକାଶରେ ଉଡୁଛି । ହାଟକୁ ଯିବ । ଅନେକ ଦୋକାନ ବଜାର ଦେଖିବ । କିଣାବିକା କେମିତି ହୁଏ ଜାଣିବ । ନିଜ ପସନ୍ଦର ଜିନିଷ ନିଜେ ପାଖରୁ ଥାଇ କିଣିବ। ଏମିତି କେତେ କ'ଣ ତା ଭାବନାରେ କ୍ଷଣ କ୍ଷଣକରେ ଆସୁଥାଏ ଆଉ ଯାଉଥାଏ ।

ଖରା ଟିକେ ଗଡ଼ିଗଲା । ଜେଜେ ହାଟକୁ ଯିବା ପାଇଁ ଡାକଟିଏ ଛାଡ଼ିଲେ । ଜେଜେଙ୍କ ଗୋଟିଏ ଡାକରେ ସୁଦାମା ପବନ ବେଗରେ ଆସି ହାଜର ହୋଇଗଲା । ଜେଜେ ମୁଣିଟିକୁ ସୁଦାମା ହାତକୁ ବଢାଇ ଦେଲେ । ସୁଦାମା ଗୋଟିଏ ହାତରେ ମୁଣିଟିକୁ ଧରିଲା । ଆର ହାତରେ ଜେଜେଙ୍କ ହାତ । ଏବେ ଜେଜେ ନାତି ଦୁହେଁ ହାଟମୁହାଁ ହେଲେ ।

ହାଟରେ ପହଞ୍ଚି ଜେଜେ ଆଗେ ଗଉରା ପାଖକୁ ଗଲେ। ଜେଜେ ପ୍ରଥମେ ତା'ରି ପାଖରୁ ପ୍ରତି ହାଟ ବାରିରୁ ପରିବା କିଣନ୍ତି । ତା ପରେ ଅନ୍ୟଠି । ସୁଦାମକୁ ଚୁପଚାପ ଠିଆ ହେବା ପାଇଁ କହି ସେ ଏଥର ପରିବା ବାଛିଲେ । ଏହି ସମୟରେ ସୁଦାମା ଇଆଡ଼େ ସିଆଡେ ଟିକେ ଚାହିଁ ଧରିଥିବା ମୁଣିରେ ଦୁଇ ଚାରିଟା ବାଇଗଣ ଲୁଚାଇ ରଖିଦେଲା । ଭିଡ଼ ଯୋଗୁଁ ବେପାରୀ ଜଣକ ଏକଥା ଜାଣିପାରିଲା ନାହିଁ । ଜେଜେ କିନ୍ତୁ ସୁଦାମାର ଏପରି କାମକୁ ଦେଖିନେଇଥିଲେ ।

ତେଣୁ ସେ ସୁଦାମାକୁ ମୁଣିରେ ରଖିଦେଇଥିବା ବାଇଗଣକୁ କାଢି ଯେଉଁଠି ଥିଲା , ସେଇଠି ରଖିଦେବା ପାଇଁ କହିଲେ । ସେ ବି ସେମିତି କଲା । କିନ୍ତୁ ଜେଜେ ଦେଖିଦେଇଥିବା ଜାଣି ସୁଦାମା ବରଡ଼ା ପତ୍ର ପରି ଗୋଟା ପଣେ ଥରିବାକୁ ଲାଗିଲା । ତା'ର ଆଖିରେ ଆଖିଏ ଲୁହ ବହି ଆସିଲା । ଜୋରରେ କାନ୍ଦିବାକୁ ଲାଗିଲା । ଏହା ଦେଖି ଜେଜେ ସୁଦାମା ଆଖିରୁ ଲୁହ ପୋଛିଦେଲେ । ତା'କୁ ତୁନି କରିସାରି ଏପରି କାମ କରିବାର କାରଣ ପଚାରିଲେ ।

' ହାଟକୁ ପଶିଲାବେଳେ ପିଲାଟିଏ ମୁଣିଟିଏ ଧରି ଏପରି କରୁଥିଲା । ଦେଖିଦେଇଥିଲି । ତେଣୁ ଭାବିଲି ମୁଁ ବି ଏମିତି କରିବି । ' ବୋଲି ସୁଦାମା ଉତ୍ତର ଦେଲା ।

' ଏପରି କାମକୁ ଚୋରି କୁହାଯାଏ । ଯାହା ପାଖରୁ ପରିବା କିଣୁଥିଲି , ସେ ଜଣେ ଚାଷୀ । ଅନ୍ୟ ମୁଖେ ଆହାର ଦେବାକୁ ଯାଇ ଚାଷୀଟିଏ ଖରା ବର୍ଷା ଶୀତ ସବୁକୁ ସହେ। ଫସଲ ଭଲ ହେଲେ, ଅଭାବୀ ବିକ୍ରିକୁ ସାମ୍ନା କରେ । ବହୁତ କମ ଦରରେ ଫସଲ ବିକେ । ମୂଳଧନ ବି ପାଏନି । ଆଉ ଯେବେ ଫସଲ ଭଲ ନ ହୁଏ , ସେବର୍ଷ ସେ ସାହୁକାର, ମହାଜନ ପାଖରେ ହାତ ପାତେ । ଜମି ବନ୍ଧକ ରଖି ଋଣ ଆଣି ଚାଷ କରେ । ବନ୍ୟା , ବାତ୍ୟା କିମ୍ବା ରୋଗପୋକ ଆଦି କୌଣସି କାରଣ ଯୋଗୁଁ ସେହି ଫସଲ ଯଦି ନଷ୍ଟ ହୋଇଗଲା,ତେବେ କଥା ସରିଲା । ଋଣ ଶୁଝିନପାରି ସେ ନିଜ ସାତ ପୁରୁଷ ଅମଳ ଜମିର ମାଲିକାନା ହରାଏ। ଜମି ବିନା ଚାଷୀ ଚାଷ କେମିତି ବା କରିବ । ତେଣୁ ଶେଷରେ ସେ ବାଧ ହୋଇ ଆତ୍ମହତ୍ୟା କରେ । କେବେ ବେକରେ ଦଉଡ଼ି ଦିଏ ତ କେବେ କୀଟନାଶକ ପିଏ । ସରକାର ବି ସେମାନଙ୍କ କଥା ବୁଝେନି । ଓଲଟି ତା ମରିବାର କାରଣ ପାରିବାରିକ ଅଶାନ୍ତି , ମାନସିକ ଚାପ ବୋଲି ଟିଭି ଖବରକାଗଜରେ କହିବୁଲେ । କ୍ଷତିପୂରଣ ଦେବାରୁ ମୁକ୍ତି ମିଳିଯିବ ବୋଲି । ଏମିତିରେ ତୋ ପରି ସଭିଏଁ ଯଦି ତା'ର କଷ୍ଟ ଅର୍ଜିତ ଫସଲକୁ ଚୋରି କରିବେ, ତେବେ ସେ ବିକିବ କ'ଣ । ନିଜ ପରିବାର ପୋଷିବ କିପରି । ତୁ ବି କ'ଣ ତା ମରିବାର ଗୋଟିଏ କାରଣ ହେବାକୁ ଚାହୁଁ । ' ଜେଜେ କହିଲେ ।

ଜେଜେଙ୍କ ପାଖରୁ ସୁଦାମା ଚାଷୀ ଭାଇର ଦୁଃଖ ବିଷୟରେ ଜାଣିଲା । ନିଜ କାମ ପାଇଁ ଭୁଲ ମାଗିଲା । ସେ ବଡ଼ ହୋଇ କୃଷି ବୈଜ୍ଞାନିକ ହେବ । ବିଜ୍ଞାନକୁ ଆଧାର କରି କୃଷକ ଭାଇର ଦୁଃଖ ସବୁ ଦିନ ପାଇଁ ଦୂର କରିବ ବୋଲି ଜେଜେଙ୍କୁ କଥା ଦେଲା । ନାତି ଟୋକାର କଥା ଶୁଣି ଜେଜେ ବହୁତ ଖୁସି ହେଲେ । ଜେଜେ ନାତି ଦୁହେଁ ପୁଣି ଏଥର କିଣାକିଣିରେ ମାତିଗଲେ ।



+କୋରୁଆ , ଅସୁରାଳି , ଭଦ୍ରକ
ମୋ: ୭୦୦୮୩୧୫୯୧୬

କବିତା
ତୁମ ପାଇଁ

## ଲେହା ଓ ବଣି

ସୁଧାକର ସେଠୀ



ଗଛ ଡାଳରେ ବସିଣ ବଣି
ହେଉଛି ଭାରି ଖୁସି
ଲେହା ତାହାର ରୁପକୁ ଦେଖି
ମୁରୁକି ଦେଲା ହସି ।
ଫଡଫଡ ସେ କରଇ ଡେଣା
ଗାଏ କିଚିରି ମିଚିରି
ଲେହାର ଖୁସି ଦେଖିବ କିଏ
ଦେଖି ହସଇ କିରିକିରି।
ମାଆ ଡାକିଲେ ଖାଇବୁ ଆ
କରିଛି ଶେଉଳମାଛ ଝୋଳ
ଲେହା ଅଝଟ ବଣି ଆସିଲେ
ତା ସହ ଆଗେ କରିବି ଖେଳ ।
ମାଆ ଶେଷରେ ଭାତ ମାଛକୁ
ଆସିଲେ ଥାଳିରେ ଧରି
ବଣିକୁ ଦେଖେଇ ଦେଲେ ଲେହାକୁ
ଖାଇଲା ପେଟ ଭରି।
ମାଆ ଛେଉଣ୍ଡ ବଣିକୁ ଦିନେ
ଆଣିଥିଲା ରୁନି ପାଇ
ଆଜି ସେ ବଣି ଲେହାର ସାଙ୍ଗ
ଖୁସିରେ ଦିନ ବିତଇ ।
ବଢିଲା ବଣି ଦିନକୁ ଦିନ
ଲଭି ସଭିଙ୍କ ଆଦର
ମଣିଷ ସମାଜେ ବଣିଟି ରହି
ହେଲା ସଭିଙ୍କ ନିଜର ।
ରଖେନା ତାକୁ ପିଞ୍ଜରାରେ କେହି
ବୁଲେ ସେ ମୁକ୍ତଗଗନେ
ଭୋକ ଲାଗିଲେ ଆସଇ ଉଡି
ବସି ପଡଇ ମଉନେ।
ଅଝଟ ହେଲେ ଅବା କାନ୍ଦିଲେ
ବଣିବି ହୁଏ ଅଧୀର
ଡେଣା ହଲେଇ କେତେ ରଂଗରେ
ନାଚେ ଲେହା ଆଗର ।
ବିପଦଘଡି ଆସିଲା ମାଡି
କଳାଭୁଆଟେ ଆସିଲା ଲୁଚିଲୁଚି
ଲେହାର ଖୁସି ବଣିକୁ ନେଇ
ଗଲା କୁଆଡେ ସେ ଛପି।
ସେବେଠୁ ଲେହା ମନଦୁଃଖରେ
ଝୁରୁଛି ତା ବଣିକୁ
ଶବଦ କିଛି ଶୁଣିଲେ ସିଏ
ଧାଇଁ ଆସେ ବାହାରକୁ।
ଗଛ ଡାଳରେ ବଣି ଦେଖିଲେ
ଡାକେ ସେ ହାତ ଠାରି
ବଣି ଆସେନା ଡାକ ଶୁଣେନା
ଉଡିଗଲେ କାନ୍ଦେ ସେ ରାହାଧରି।
ଏମିତି ବିତେ ଲେହାର ଦିନ
ସାଥି ବଣିର ବିନା
ମାଆକୁ ପଚାରେ ଆମ ବଣିଟା
କାହିଁକି ଆଉ ଆସେନା ।
ଲେହା କଥାଶୁଣି ମା'ଆଖିରୁଲୁହ
ଆସେ ଜକେଇ
କଣବା କହି ଭୁଲାଇବ ସିଏ
ବୁଝି ସେ ନପାରଇ ।

+ଜୟେଶ୍ୱରପୁର,ବାଲେଶ୍ୱର
ମୋ: ୯୩୩୭୬୮୧୫୨୪

# ‘ସଇବର ଲ’ ଉପରେ ଆଇନ ସଚେତନତା ଶିବିର

କେନ୍ଦ୍ରାପଡା,୨୯/୦୯ (ନି.ପ୍ର): ଜିଲ୍ଲା ଅଇନସେବା ପ୍ରାଧିକରଣ ଆନୁକୁଲ୍ୟ ରେ ‘ସଇବର ଲ’ ଉପରେ ଏକ ଆଇନ ସଚେତନତା ଶିବିର ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂନ୍ଧ୍ୟା ମହା ବିଦ୍ୟାଳୟରେ ଆୟୋଜିତ ଏହି ଶିବିରରେ ଉପସ୍ଥିତ ଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ କିପରି ସାଇବର ଠକାମୀ କରାଯାଏ ଓ ଠକାମୀ ରୁ କିପରି ବର୍ତି ପାରିବେ ସେନେଇ ଅଧିନିୟମ କଣ ସବୁ ଅଅଇନ ରହିଛି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଡିଏସପି ଜ୍ୟୋତି ରଂଜନ ସାମନ୍ତରାୟ, ବିଦ୍ୟାଳୟର ଅଧକ୍ଷ ମଧୁସୁଦନ କାମିଲା, ଶିଶିରକାନ୍ତ ମହାପାତ୍ର ପ୍ରମୁଖ ଏହି ଶିବିରରେ ଉପସ୍ଥିତ ଥିଲେ ।

# ବଲାଙ୍ଗିର ଜିଲ୍ଲା ସିନିୟର ନକଆଉଟ ଫୁଟବଲ ପଂଚମ ଦିବସ

ବଲାଙ୍ଗୀର,୨୯ /୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ୧୧ ଗୋଟି ପଡିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି । ସୁଜିଆ ପଡିଆରେ ସୁଜିଆ ୩-୦ ଗୋଲରେ ମନହୀରା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ଜିଲ୍ଲା କ୍ରୀଡାଧିକାରୀ ପରାସର ବାଗ, ପୂର୍ବ ଆର୍ମି ଜଗଦିଶ ଚନ୍ଦ୍ର ବିଭାର ଓ କ୍ରୀଡାବିତ୍ ଅଭିମନ୍ୟୁ ପାଣ୍ଡେ ଯୋଗ ଦେଇଥିଲେ । ଖେଳକୁ ସଂଜିବ ତରିଆ, ଜିତେନ୍ଦ୍ର ପାତ୍ର, ମହେଶ୍ୱର ତ୍ରିପାଠି ଓ ଜ୍ୟୋର୍ତିମୟ ରାଉତ ପରିଚାଳନା କରିଥିଲେ । ଲୋଇସିଂହା ମନି ଷ୍ଟଡିୟମ ଠାରେ ଏପିଜେ ଲୋଇସିଂହା ୪-୨ ଗୋଲରେ ଯୋଗିସର୍ଡାକୁ ହରାଇ ବିଜୟୀ ହୋଇଛି । ଖେଳକୁ କରୁଣାକର ପ୍ରଧାନ, ଦାମୋଦର ପ୍ରଧାନ, ଅଞ୍ଜନ ବେସ୍ରା ଓ ବିଜୟ ରଣା ପରିଚାଳନା କରିଥିଲେ । ଖୁଜେନପାଲି ପଡିଆରେ ଖୁଜେନପାଲି ୧-୦ ଗୋଲରେ ମଲମୁଣ୍ଡା କୁ ହରାଇ ବିଜୟୀ ହୋଇଛି । ଖେଳକୁ ଦେବାଶିଷ ବାଗ, ଶୁଭ୍ରାଂଶୁ ରାଉତ, ଜ୍ୟୋତି ମହାନନ୍ଦ ଓ ସୁଦୟ ବାରିକ ପରିଚାଳନା କରିଥିଲେ । ପଲ୍ଲିଶ୍ରୀ ଷ୍ଟଡିୟମ ସଦାଇପାଲି ଠାରେ ଗେର୍ଡି ୬-୧ ଗୋଲରେ ଚାଂଟିମୁଣ୍ଡାକୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ନରସିଂ ଅଧକ୍ଷା ଲୋପାମୁଦ୍ରା ମିଶ୍ର ଯୋଗ ଦେଇଥିଲେ । ଖେଳକୁ ସୁଧାଂଶୁ ସେଠ, ସଞ୍ଜିବ ମହାରଣା, ସୁଦର୍ଶନ ସେଠ ଓ ସୁରେଶ ନାଏକ ପରିଚାଳନା କରିଥିଲେ । କଂଟାବାଞ୍ଜି ରେଲଓ୍ୱେ ପଡିଆରେ ବଙ୍ଗୋମୁଣ୍ଡା ୪-୦ ଗୋଲରେ ବିଚ୍ଛୁବାହାଲିକୁ ହରାଇ ବିଜୟୀ ହୋଇଛି । ଖେଳକୁ ରାଜେନ୍ଦ୍ର ଧରୁଆ, ଉପେନ୍ଦ୍ର ଚନ୍ଦନ, ଗୌରହରି ପୁଟେଲ ଓ ବିଜୟ ଖମାରୀ ପରିଚାଳନା କରିଥିଲେ । ହଲଦି ପଡିଆରେ ମୁରିବାହାଲ ଟ୍ରାଇବ୍ରେକର ୩-୨ ଗୋଲରେ ତେତେଲପଡାକୁ ହରାଇ ବିଜୟୀ ହୋଇଛି । ଖେଳକୁ ଆଶିର୍ବାଦ ସା, ପ୍ରତାପ ଭୁକ୍ତା, ଅଶ୍ୱିନୀ ଭୁକ୍ତା ଓ ପାଣ୍ଡବ ବିଶି ପରିଚାଳନା କରିଥିଲେ । ଜରାସିଂହା ମିନି ଷ୍ଟାଡିୟମ ଠାରେ ରାଏପାଲି ୩-୦ ଗୋଲରେ ସାଗରପାଲିକୁ ହରାଇ ବିଜୟୀ ହୋଇଛି । ଦ୍ୱିତୀୟ ଖେଳରେ କରେଲଧୁଆ ୧-୦ ଗୋଲରେ ନାଇକେନସିରାକୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ଜରାସିଂହା ସମବାୟ ବ୍ୟାଙ୍କ ମ୍ୟାନେଜର ଦେବଦତ୍ତ ନେଗୀ ଯୋଗ ଦେଇଥିଲେ । ଖେଳକୁ ସଂଜନ କୁଦେଇ, କୈଳାସ ଚନ୍ଦ୍ର କର୍ଣ୍ଣ, କୁନ୍ତେ ମେହେର, ଶ୍ରୀବତ୍ସ ମେହେର ଓ ଲକ୍ଷ୍ମୀଧର ମହାନ୍ତି ପରିଚାଳନା କରିଥିଲେ । ଟିଟିଲାଗଡ ସିଟି ସ୍କୁଲ ପଡିଆରେ ଚିକିନିବାହାଲି ଟ୍ରାଇବ୍ରେକର ୭-୬ ଗୋଲରେ ସହିଦ ଜିମ୍ନାସିୟମକୁ ହରାଇ ବିଜୟୀ ହୋଇଛି । ଖେଳକୁ ବିନୋଦ ପ୍ରଧାନି, ଲବ ସୁନାନି, କୁଶ ଆଡଜୁଏଡ ଓ ରାଜେଶ ସ୍ୱାଇଁ ପରିଚାଳନା କରିଥିଲେ । ଖୋଲାନ ପଡିଆରେ କୁରସୁଡ ୪-୦ ଗୋଲରେ ଖୋଲନ ବି କୁ ହରାଇ ବିଜୟୀ ହୋଇଛି । ଖେଳକୁ ମଳୟ ଘିଭେଲା, ଗୋପାଳ ଘିଭେଲା, କର୍ଣ୍ଣ ଭୋଇ ଓ ପ୍ରମୋଦ ରଣା ପରିଚାଳନା କରିଥିଲେ । ପାଟଣାଗଡ ହାଇସ୍କୁଲ ପଡିଆରେ ନକଟାସର ୨-୦ ଗୋଲରେ ଖୁଂଟ ସମଲେଇ କୁ ହରାଇ ବିଜୟୀ ହୋଇଛି । ଖେଳକୁ ରାଜେନ୍ଦ୍ର ସେଠ, ତ୍ରିନାଥ ଚନ୍ଦନ, ଚୈତନ୍ୟ ସାହୁ ଓ ଖୁସିରାମ ମଲ୍ଲିକ ପରିଚାଳନା କରିଥିଲେ । ଟାଉନ ହାଇସ୍କୁଲ ବଲାଙ୍ଗିର ପଡିଆରେ ମହିମୁଣ୍ଡା ୭-୦ ଗୋଲରେ ସେଞ୍ଚୁରିଆନ ଇଗଲ କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ସିଏଚ୍ସି ଚୁଡାପାଲି ଡା. ଗଜାନନ ପଟେଲ, ଇଂ. ମକୁନ୍ଦ କିଶାନ, ନାରାୟଣ ନାଥ ଓ କ୍ରିଡା ସଂସଦର ସଦସ୍ୟ ଶରତ କୁମାର ନନ୍ଦ ଯୋଗ ଦେଇଥିଲେ । ଖେଳକୁ ଶୁଶାନ୍ତ ନାଥ, ବିକି ବିଶି, ଶ୍ରବଣ ବାଗ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ ।

# ଅତି ନିମ୍ନମାନର ଚାଲିଛି ଫାଇଭ-ଟି ଅଧିନସ୍ଥ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ: କାମ ବନ୍ଦ କଲେ ସ୍ଥାନୀୟ ବୁଦ୍ଧିଜିବୀ

ହରିଚନ୍ଦନପୁର,୨୯/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଠାରେ ସରକାରଙ୍କ ରାଜସ୍ୱରୁ କୋଟି କୋଟି ବ୍ୟୟ ଅଟକଳରେ ନୂତନ ଭାବେ ନିର୍ମାଣ ହେଉଛି ବସଷ୍ଟାଣ୍ଡ । ଉକ୍ତ ବସଷ୍ଟାଣ୍ଡ କାର୍ଯ୍ୟ ଅତି ନିମ୍ନମାନର ଚାଲିଥିବା ବାରମ୍ବାର ଅଭିଯୋଗ ସତ୍ୱେ ପ୍ରଶାସନର ନିଦ ଭାଙ୍ଗିଲା ନାହିଁ, ବାଧ ହୋଇ ଗୁରୁବାର ଦିନ କାର୍ଯ୍ୟ ବନ୍ଦ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ।

ସୂଚନା ମୁତାବକ, ଏଠାରେ ବସଷ୍ଟାଣ୍ଡ ନଥିବା କାରଣରୁ ଲୋକଙ୍କ ସମେତ ବସ୍ ଗୁଡ଼ିକ ରହିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଯାହାକୁ ନେଇ ଫାଇଭ-ଟି ଅଧିନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଟେଣ୍ଡର ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ସତ ହେଲେ ଏହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିର୍ମାଣ କାର୍ଯ୍ୟରେ ସରକାରୀ ବାବୁଙ୍କ ଦର୍ଶନ ମିଳୁନଥିବା ବେଳେ ଠିକାଦାର ମନମୁଖି ଭାବେ ବାଲିରେ କମ୍ ମାତ୍ରାରେ ସିମେଂଟ ମିଶାଇ କାର୍ଯ୍ୟ ଶେଷ କରିବାକୁ ବସିଛି । ଅନ୍ୟପଟେ ଠିକାଦାର ଲାଭବାନ ହେଉଥିବା ବେଳେ ଆଗାମୀ ଦିନରେ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗିବେ । ବସଷ୍ଟାଣ୍ଡ ମଧରେ ବସ୍ ପ୍ରବେଶ ନକରିବା ପୂର୍ବରୁ ଭିତରେ ଲାଗିଥିବା ସିମେଂଟ ଟାଇଲ୍ସ ଦବି ଗଲାଣି, ତ କେଉଁ ସ୍ଥାନରୁ କଂକ୍ରିଟ ଫାଟି ଧୋଇ ହୋଇଗଲାଣି । ସିମେଂଟ ଭାଗ କମ୍ ଦେଇ ମେଂଟାଲ ଓ ଚିପ୍ସ ସହ ଅଧିକ ମାତ୍ରାରେ ବାଲି ମିଶାଇ କଂକ୍ରିଟ କରିଥିବା ବେଳେ ଉକ୍ତ ଢଳେଇ ଭାଙ୍ଗିବାକୁ ବସିଲାଣି । ବସଷ୍ଟାଣ୍ଡ ମଧରେ ହୋଇଥିବା ସମସ୍ତ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ବେଳ ଥାଉ ଏହାର ସଠିକ୍ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ଆଗାମୀ କାଲିରେ ବିପଦକୁ ରୋକା ଯାଇପାରିବ । ନଚେତ୍ ବସଷ୍ଟାଣ୍ଡ ଶୁଭ ଉଦ୍ଘାଟନ ପରେ କ’ଣ ଯେ ହେବ ତାହା କାର୍ଯ୍ୟକୁ ଦେଖିଲେ ଅନୁମେୟ କରି ହେଉଛି ।

# ପାଣିକୋଇଲି ଅଂଚଳରେ ମହମ୍ମଦ ଜୟନ୍ତୀ

କୋରେଇ,୨୯ /୦୯ (ନି.ପ୍ର): ମହାପୁରୁଷ ମହମ୍ମଦ ଜୟନ୍ତୀ ଅବସରରେ ପାଣିକୋଇଲି ଅଂଚଳରେ ମହାଆଡମ୍ବରେ ପାଳିତ ହୋଇଛି । ପାଣିକୋଇଲି, ଶଗଡି, ବଇଚିରା ଆଦି ଗ୍ରାମରେ ମହମ୍ମଦ ଜୟନ୍ତୀ ପାଳିତ ହୋଇଥିଲା । ଏହି ଅବସରରେ ପ୍ରତ୍ୟୁଷରୁ କାର୍ଯ୍ୟକ୍ରମ କରାଯାଇଥିଲା । ଏକ ଶୋଭାଯାତ୍ରାରେ ପ୍ରଭାତ ଫେରି (ଜୁଲୁସ) ବାହାର କରାଯାଇଥିଲା । ପରେ ମହମ୍ମଦଙ୍କ ଜିବନୀ ଉପରେ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା । ମଧ୍ୟାନରେ ସମୂହ ମଧ୍ୟାନ୍ନ ଭୋଜନ ପରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରାଯାଇଥିଲା । ସନ୍ଧ୍ୟାରେ ସମୂହ ନମାଜ ପାଠ କରାଯାଇଥିବା ବେଳେ ମସଜିଦ କମିଟିର ସଭାପତି ମୁଜିବର ରହେମାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ପାଣିକୋଇଲି ପୁଲିସ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା ।

# ସାଇବର ଠକେଇରୁ ସୁରକ୍ଷା ପାଇଁ ହେବ ବ୍ୟାପକ ଅଭିଯାନ

କେନ୍ଦ୍ରାପଡା,୨୯/୦୯ (ନି.ପ୍ର): ସାଇବର ଠକେଇ ସାରା ରାଜ୍ୟରେ ବଢୁଥିବା ବେଳେ କେନ୍ଦ୍ରାପଡାରେ ଦିନକୁ ଦିନ ସାଇବର ଠକେଇ ବଢିବାରେ ଲାଗିଛି । ଏନେଇ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକର ଙ୍କ ଦ୍ୱାରା ସାମ୍ବାଦିକ ସମ୍ମିଳନୀ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯଅଇଛି । ଏଥିରେ ଜିଲ୍ଲାପାଳ ଅମ୍ରିତ ରତୁରାଜ ଯୋଗ ଦେଇ ସାଇବର ଠକେଇକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ସଚେତନତା ର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ କରିଥିଲେ । ରାଜ୍ୟରେ ବର୍ଷକୁ ପ୍ରାୟ ୮ କୋଟି ଟଙ୍କା ସାଇବର ଠକେଇ ହେଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ୨୦୧୯ ମସିହାରେ ୩୦ଟି, ୨୦୨୦ ମସିହାରେ ୩୯ଟି, ୨୦୨୧ ମସିହାରେ ୫୦ଟି, ୨୦୨୨ ମସିହାରେ ୬୦ ଟି ଏବଂ ୨୦୨୩ ମସିହା ଅଗଷ୍ଟ ଶେଷ ସୁଦ୍ଧା ୫୯ଟି ସାଇବର ଠକେଇ ହୋଇଛି ବୋଲି ସୂଚନା ଦିଆଯାଇଛି । ଏଥିରେ ସାଧାରଣ ଲୋକ କୋଟି କୋଟି ଟଙ୍କା ହରାଇଉ ଥିବାରୁ ଏନେଇ ଏକ ପାଇଲଟ ପୋଜେକ୍ଟ କରାଯାଇ ଜନ ସାଧାରଣଙ୍କୁ ସଚେତନ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ଅକ୍ଟୋବର ୨ ତାରିଖ ଠାରୁ ଏକ ସଚେତନତା ରଥର ଶୁଭ ଉଦ୍ଘାଟନ କରିବେ ବୋଲି ଜଣାପଡିଛି । ଏଥିପାଇଁ ରାଜ୍ୟ ସ୍ତରରେ ସାଇବର ସୁରକ୍ଷା ଜନିତ ଲୋଗୋ, ମାସ୍କଟ, ସୁରକ୍ଷା ଅଭିଯାନ ପୋଷ୍ଟର, ସଚେତନତା ଭିତିକ ସଙ୍ଗୀତ ଓ ଭିଡିଓ ମାଧମରେ ଲୋକ ମାନଙ୍କୁ ସାଇବର ଠକେଇ ବିଷୟରେ ସଚେତନ କରାଇବା ସହ କିପରି ଠକେଇର ଶିକାର ନହେବେ ସେଥିପାଇଁ ପରାମର୍ଶ ଦିଆଯିବ । ବର୍ତମାନର ଡିଜିଟାଲ ଯୁଗରେ ଛାତ୍ର, ଶିକ୍ଷକ, ବରିଷ୍ଠ ନାଗରିକ, ସଧାରଣ ଲୋକ ଏପରିକି ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କୁ ସାଇବର ଠକ ମାନେ ଟାର୍ଗେଟ କରି ଆଖି ପିଛୁଳାକେ ସେମାନଙ୍କ ସଂଚିତ ଅର୍ଥକୁ ହଡପ କରି ନେଉଥିବା ଘଟଣା ଆତଙ୍କ ଖେଳାଇ ଦେଇଛି । ଏଥିପାଇଁ ସମସ୍ତେ ଶିକ୍ଷିତ ଓ ସଚେତନ ହେଲେ ସାଇବର ଠକମାନେ ଆଉ ଶିକାର କରିପାରିବେ ନାହିଁ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜଳନ୍ଧର ଜାଲି, ଏସଡିପିଓ ଦେବେନ୍ଦ୍ର ମଲିକ, ଡିଏସପି ଜ୍ୟୋତି ରଂଜନ ସାମନ୍ତରାୟ,ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ପରାମର୍ଶ ଦେଇଥିଲେ ।

# ଏଆଇଟିୟୁସି ଜାତୀୟ ପରିଷଦ ସେବା କାଗଜ କଳ ଶ୍ରମିକଙ୍କ ପିଏଫ୍ ଜମା ରାଶି ତୁରନ୍ତ ଦେବା ପାଇଁ ଦାବି କରିଛି

ଜୟପୁର,୨୯/୦୯ (ନି.ପ୍ର): ସମ୍ପ୍ରତି ତାମିଲନାଡୁ ରାଜ୍ୟର ତିରିପୁର ଠାରେ ଅନୁଷ୍ଠିତ ଏଆଇଟିୟୁସି ଜାତୀୟ ପରିଷଦ ବୈଠକ ରେ ସେବା କାଗଜ କଳ ଓ ଶ୍ରମିକ ମାନଙ୍କ ସମସ୍ୟା ଉପରେ ଆଲୋକପାତ କରି ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା କହିଛନ୍ତି ଯେ ପାଖାପାଖି ପ୍ରାୟ ଚାରି ବର୍ଷ ହେଲାଣି ଓଡ଼ିଶାର କୋରାପୁଟ ଜିଲ୍ଲାର ଜୟପୁର ଠାରେ ଥିବା ସେବା କାଗଜ କଳର ଶ୍ରମିକ ମାନେ ସେମାନଙ୍କ କଷ୍ଟାର୍ଜିତ ପିଏଫ ଜମା ଟଙ୍କା ଫେରସ୍ତ ପାଇପାରୁ ନାହାନ୍ତି । ଆଗରୁ କରମ୍ ଚାନ୍ଦ୍ ଥାପର ପି ଏଫ୍ ଟ୍ରଷ୍ଟ ରେ ପିଏଫ ଟଙ୍କା ଜମା ରହୁଥିଲା ବେଳେ ୨୦୨୦ ଫେବୃଆରୀ ୨୬ ରେ କାରଖାନା ବିକ୍ରି ହେଲା ପରେ ୨୭ ତାରିଖରୁ ନୂଆ କମ୍ପାନୀ ର ଏକାଉଂଟ ବ୍ରହ୍ମପୁର ଆଂଚଳିକ ପିଏଫ୍ କମିଶନ ଅଫିସ୍‌କୁ ଶ୍ରମିକ ମାନଙ୍କ ପିଏଫ୍ ଜମା ହେଲା । କିନ୍ତୁ କେସିଟି ଟ୍ରଷ୍ଟ ରୁ ଜମା ଟଙ୍କା ବ୍ରହ୍ମପୁର ପି ଏଫ୍ ଅଫିସ୍ କୁ ନ ଆସିପାରିବା ଫଳରେ ଶ୍ରମିକ ମାନେ ସେମାନଙ୍କ କଷ୍ଟାର୍ଜିତ ପିଏଫ ଜମା ଟଙ୍କା ଫେରସ୍ତ ପାଇପାରୁ ନାହାନ୍ତି , ଏପରିକି ରୋଗଗ୍ରସ୍ତ ହୋଇ ଅନେକ ଶ୍ରମିକ ମରିଗଲେଣି । ଅବସରପ୍ରାପ୍ତ ଶ୍ରମିକ ମାନେ ପେନସନ ପାଇ ପାରୁ ନାହାଁନ୍ତି । ଏଣୁ କେନ୍ଦ୍ର ପି ଏଫ୍ କମିଶନରେ ସେଂଟ୍ରାଲ ବୋର୍ଡ଼ ଅଫ୍ ଟ୍ରଷ୍ଟି ବା ସିବିଟି ରେ ଏଆଇଟିୟୁସି ର ସର୍ବଭାରତୀୟ ପ୍ରତିନିଧି ପି ଏଫ୍ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ନିବେଦନ କରିଥିଲେ । ଏହାକୁ ସର୍ବଭାରତୀୟ ସାଧାରଣ ଅନୁମୋଦନ କରି ତୁରନ୍ତ ସିବିଟି ମେମ୍ବର ସୁକୁମାର ଡାମଲେ ଏକ ଚିଠି କେନ୍ଦ୍ର ପି ଏଫ୍ କମିଶନ ଓ କଲିକତା ଆଂଚଳିକ ପିଏଫ୍ କମିଶନକୁ ଚିଠି ଲେଖି ଅତି ସରଳ କିନ୍ତୁ କଡ଼ା ଭାଷାରେ ଲେଖିଛନ୍ତି ଯେ ନାଲି ଫିତା ତଳେ ଶ୍ରମିକ ମାନଙ୍କ ନ୍ୟାର ?ୟ ଅଧିକାର କୁ ଚାପି ନଦେଇ ସେମାନଙ୍କ କଷ୍ଟାର୍ଜିତ ଅର୍ଥ ଫେରିବା ଦିଗରେ ପଦକ୍ଷେପ ତ୍ୱରାନ୍ୱିତ କରାଯାଉ । ଆଶା କରାଯାଉଛି ଯେଉଁ ସବୁ ଆଇନଗତ ପ୍ରତିବନ୍ଧକ ଅଛି ତାହା ଦୂର ହୋଇ ତୁରନ୍ତ ପି ଏଫ୍ ସମସ୍ୟା ସମାଧାନ ହେବ । ଏଥିପାଇଁ ସେବା କାଗଜ କଳ ଶ୍ରମିକ ସଂଘ ର ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଓ ଜାତୀୟ ସମ୍ପାଦକ ଶ୍ରୀ ସୁକୁମାର ଡାମଲେଙ୍କୁ ସାଧୁବାଦ ଜଣାଇଛନ୍ତି ।

# ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳନ

କେନ୍ଦ୍ରାପଡା,୨୯/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳନ ହୋଇଯାଇଛି । ମାତୃ ମୃତୃହାର ହ୍ରାସ କରିବା, ଅବାଂଛିତ ଗର୍ଭ ଧାରଣରୁ ରକ୍ଷା ପାଇବା ଓ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟାରୁ ସୁରକ୍ଷିତ ରହିବା ପାଇଁ ଗର୍ଭପାତ ଆବଶ୍ୟକ ହେଉଥିଲେ ତାହା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଦାୟିତ୍ୱରେ ଥିବା ପ୍ରସୂତି ବିଶେଷଜ୍ଞ ଓ ବ୍ଲକ ସ୍ତରରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ସହ ପରାମର୍ଶ କରି ଗର୍ଭପାତ କରାଯାଇ ପାରିବ । ଏହା ଦ୍ୱାରା ମାତୃ ମୃତ୍ୟୁହାର ରୋକି ହେବା ସହ ରୋଗୀ ସୁସ୍ଥ ରହିପାରିବ । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅନିତା ପଟ୍ଟନାୟକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପ୍ରସୂତି ବିଶେଷଜ୍ଞ ଡ଼ଃ ଚିନ୍ମୟୀ ବେହେରା, ଡିଏମଆରସିଏଚ କୃଷ୍ଣଚନ୍ଦ୍ର ଲୋହା, ଭାରତୀ ସ୍ୱାଇଁ, ଶାନ୍ତିଲତା ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ଜଳାତଙ୍କ ଦିବସ ପାଳନ

ପୁରୀ,୨୯/୦୯ (ନି.ପ୍ର): ଜିଲ୍ଲା ସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ ୨୦୨୩ ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୮ ସେପ୍ଟେମ୍ବର ରେ ପାଳନ କରାଯାଇଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଜାତା ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଶ୍ୱ ଜଳାତଙ୍କ ଦିବସ ପାଳନର ପ୍ରକୃତ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । କିପରି ଭାବରେ ପଶୁ କାମୁଡ଼ିବା ଦ୍ୱାରା ଏହି ଜଳାତଙ୍କ ରୋଗ ଭୟଙ୍କର ହୋଇପାରେ ଏବଂ ଠିକ ସମୟରେ ଚିକିତ୍ସା ନକଲେ ଏହା ଦ୍ୱାରା ରୋଗୀ ମୃତ୍ୟୁ ମୁଖରେ ମଧ ପଡିଥାଏ ସେ ବିଷୟରେ ଆଲୋଚନା କରିଥିଲେ । ଏଥି ସହିତ ପୋଷା ପଶୁ ମାନଙ୍କ ଯୋଗୁଁ ଜଳାତଙ୍କରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ଟୀକା ନେଇଯିବା ଉଚିତବୋଲି କହିଥିଲେ । ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ଼ାକ୍ତର ମନୋଜ କୁମାର ମହାନ୍ତି ବୁଲା କୁକୁର ବା ପୋଷା କୁକୁର କାମୁଡ଼ିଲେ ସଂଗେ ସଂଗେ ଉକ୍ତସ୍ଥାନକୁ ଭଲଭାବରେ ସାବୁନରେ ଧୋଇ ଦେବା ଉଚିତ ଏବଂ ଯଥା ଶୀଘ୍ର ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇବା ବୋଲି କହିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ ମଧ ଜଳାତଙ୍କ ରୋଗର ଭୟାବହତା ବିଷୟରେ ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ । ଉକ୍ତ ସଭାରେ ଶ୍ରୀ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡାକ୍ତର ଦୀପକ କୁମାର ସାହୁ ଜଳାତଙ୍କ ରୋଗର ନିରାକରଣ, ପ୍ରତିକାର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜ଼ିଲ୍ଲା ସ୍କୁଲ ରେ ଏକ ରଚନା ପ୍ରତିଯୋଗିତା କରାଯାଇଥିଲା । ସେଥିରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଡାକ୍ତର ସୁଜାତା ମିଶ୍ର ପୁରସ୍କୃତ କରିଥିଲେ । ଏହି ଆଲୋଚନା ରେ ଜିଲା ପ୍ରକଳ୍ପ ପରିଚାଳକ ଟି ନାରାୟଣ ରାଓ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଡାଟା ମ୍ୟାନେଜେର ଦୀପକ କୁମାର ମହାପାତ୍ର ଏବଂ ସହକାରୀ ପରିଚାଳକ (ଆଶା) ଶ୍ରୀ ଅଶୋକ କୁମାର ସାହୁ ଉପସ୍ଥିତ ଥିଲେ । ଶେଷରେ ସହକାରୀ ପରିଚାଳକ (ତାଲିମ) ମନୋଜ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଡୁମୁଲୁଗୁମ୍ମାଠାରେ ଆୟୁଷ୍ମାନ ଭବଃ ସ୍ୱାସ୍ଥ୍ୟ ସେବା ମେଳା ଓ ରକ୍ତଦାନ ଶିବିର ଅନୁଷ୍ଠିତ

ମାଲକାନଗିରି,୨୯/୦୯ (ନି.ପ୍ର): ଆଜାଦି କା ଅମୃତ ମହୋତ୍ସବ ଅବସରରେ, ସ୍ୱାସ୍ଥ୍ୟ ସେବା ପାଖୁଡା ପାଳନ ନିମନ୍ତେ କୁଡୁମୁଲୁଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ, ଜିଲ୍ଲା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ଆୟୁଷ୍ ବିଭାଗ ତରଫରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ମେଳା ସହିତ ଏକ ମେଗା ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ସ୍ୱାସ୍ଥ୍ୟ ମେଳା ଓ ରକ୍ତଦାନ ଶିବିର କୁ ଅନୁଷ୍ଠାନିକ ଭାବେ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ଃ ସନ୍ତୋଷ କୁମାର ଷଡ଼ଙ୍ଗୀ ଉଦଘାଟନ କରିଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧରେ କୁଡୁମୁଲୁଗୁମ୍ମା ବିଏସଏଫ ୧୫୫ (ଡେଲ୍ଟା) ବାଟାଲିୟନ ର ଇନ୍ସପେକ୍ଟର ସିବରାମ୍ ସିଂ ମୀନା , ମେଡିସିନ ବିଶେଷଜ୍ଞ ଡ଼ଃ ମହେଶ୍ ପାଢ଼ୀ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡ଼ଃ ରୋହିତ ରାଜ୍ ହେମ୍ବ୍ରମ୍, ଡ଼ଃ ମହେଶ ପ୍ରସାଦ ପତି , ଡ଼ଃ ସୈମ୍ୟ ରଞ୍ଜନ ସାମଲ, ବିପିଏମ୍ ପ୍ରଦିପ୍ତ ମୋହନ ଗୌଡ଼ , ଫାର୍ମାସିଷ୍ଟ ସଞ୍ଜୟ କୁମାର ପୃଷ୍ଟି, ଲ୍ୟାବ୍ ଟେକନିସିଆନ୍ ପଦ୍ମ ଚରଣ ପଣ୍ଡା, ରଞ୍ଜନ କୁମାର ନାୟକ,ତନ୍ମୟ ବାର୍ଛ, ସମୀର ଚନ୍ଦ୍ର ବେପାରୀ ଓ ସନ୍ତୋଷ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଏହି ଆୟୁଷ୍ମାନ ଭବଃ ସ୍ୱାସ୍ଥ୍ୟ ସେବା ମେଳାରେ ପାଖାପାଖି ୧୫୨ ଜଣ ରୋଗୀଙ୍କ ଚିକିତ୍ସା ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଜରିଆରେ କରାଯାଇଥିଲା । ସେହିପରି ସ୍ଥାନୀୟ ୯ ଜଣ ବିଏସଏଫ ରକ୍ତଦାତା ଯବାନ ଙ୍କ ସମେତ ସମୁଦାୟ ରକ୍ତଦାନ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବିଷୟରେ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ଃ ଷଡ଼ଙ୍ଗୀ ସୁଚନା ଦେଇଛନ୍ତି । ଏହି ସ୍ୱାସ୍ଥ୍ୟ ମେଳା କାର୍ଯ୍ୟକ୍ରମ ରେ ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀ ବହୁ ସଙ୍ଖ୍ୟାରେ ଯୋଗଦେଇ ଚିକିତ୍ସିତ ହୋଇଥିଲେ !

# ପ୍ରଫେସର ସ୍ୱାମୀନଥନ୍‌ଙ୍କର ଦେହାନ୍ତ: ଶ୍ରଦ୍ଧାଂଜଳି ସଭା

ଜୟପୁର,୨୯/୦୯ (ନି.ପ୍ର): ସବୁଜ ବିପ୍ଲବି ପ୍ରଫେସର ଏମ.ଏସ ସ୍ୱାମାନାଥନ ଙ୍କ ଆଜି ଦେହାନ୍ତ ହୋଇଛି । ଏନେଇ ଆଜି ବିଜୁ ପଟ୍ଟନାୟକ ଗବେଷଣା କେନ୍ଦ୍ର ରେ ଶ୍ରଦ୍ଧାଂଚଳି ସଭା ଅନୁଷ୍ଠିତ ହୋଇଛି । ଏହି ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ ପରିଡା, ପୂର୍ବତନ ନିଦ୍ଦେଷକ ଏସ.ଭି ରମଣ ସହ ଅନୁଷ୍ଠାନର କର୍ମଚାରି ମାନେ ଉପସ୍ଥିତ ଥିଲେ । ମନକମ୍ବୁ ସମ୍ଭାଶିଭନ୍ ସ୍ୱାମୀନାଥନ୍, ଯିଏ ଏମ୍.ଏସ୍. ସ୍ୱାମୀନାଥନ୍ ଭାବରେ ସୁପରିଚିତ, ତଥା ଖ୍ୟାତନାମା କୃଷି ବୈଜ୍ଞାନିକ ତଥା ଭାରତୀୟ ସବୁଜ ବିପ୍ଳବର ଜନକଙ୍କ ଆଜି ତାଙ୍କ ବାସଭବନ ଚେନ୍ନାଇ ଠାରେ ଦେହାନ୍ତ ହୋଇଛି । ପ୍ରଫେସର ସ୍ୱାମୀନାଥନ୍ ଜଣେ ଉଦ୍ଭିଦ ଜେନେଟିକ୍ ବୈଜ୍ଞାନିକ ଏବଂ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ଚେୟାରମ୍ୟାନ୍ ତଥା ମୁଖ୍ୟ ପରାମର୍ଶଦାତା ଥିଲେ । ସିଏ ଚିରନ୍ତନ କୃଷି ପଦ୍ଧତି ତଥା ‘ସବୁଜ ବିପ୍ଳବ’ ରୁ ‘ଚିର ସବୁଜ ବିପ୍ଳବ’ ପଥରେ ଆଗେଇଯିବା ନିମନ୍ତେ ଦେଶକୁ ପ୍ରୋତ୍ସାହିତ କରି ବିଶ୍ୱ ଖାଦ୍ୟ ପ୍ରଣାଳୀର ସ୍ଥାୟିତ୍ୱ ସହ ସମସ୍ତଙ୍କ ପାଇଁ ଖାଦ୍ୟ ଏବଂ ପୋଷଣ ନିରାପତା ନିଶ୍ଚିତତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେ କୃଷକ ନିମନ୍ତେ ଭାରତ ସରକାରଙ୍କ ଜାତୀୟ କୃଷକ ଆୟୋଗର ଚେୟାରମ୍ୟାନ୍ ବିଜ୍ଞାନ ଏବଂ ବିଶ୍ୱ ବ୍ୟାପାର ପଗଓ୍ୱାସ୍ କନଫରେନ୍ସର ସଭାପତି, ବିଶ୍ୱ ଖାଦ୍ୟ ସୁରକ୍ଷା କମିଟି (ସିଏଫ୍ଏସ୍) ର ଉଚ୍ଚ ସ୍ତରୀୟ ବିଶେଷଜ୍ଞ ପ୍ୟାନେଲ୍ ଚେୟାରମ୍ୟାନ୍ ଓ ସଦସ୍ୟ ଭାବରେ କାର ?ୟ ତୁଲାଇଥିଲେ । ସେ ଭାରତୀୟ ସଂସଦର (ରାଜ୍ୟସଭା) ର ସଦସ୍ୟ ଥିଲେ । ସେ ମଧ କୃଷି ଅନୁସନ୍ଧାନ ଏବଂ ଆନ୍ତର୍ଜାତୀୟ ଧାନ ଅନୁସନ୍ଧାନ ପ୍ରତିଷ୍ଠାନର ପୂର୍ବ ମହାନିର୍ଦ୍ଦେଶକ ଥିଲେ । ସେ ପ୍ରଥମ ବିଶ୍ୱ ଖାଦ୍ୟ ପୁରସ୍କାର ସହିତ ଅନ୍ୟାନ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରୀୟ ପୁରସ୍କାର ପ୍ରାପ୍ତ କରିଥିଲେ । ତାଙ୍କର କୃଷି ଏବଂ ଖାଦ୍ୟ ସୁରକ୍ଷାରେ ଅନୁଦାନ ଓ ନେତୃତ୍ୱ ନିମନ୍ତେ ‘ପଦ୍ମ ବିଭୂଷଣ’ ଓ ରମଣ ମେଗାସୟାୟ ପୁରସ୍କାର ପାଇଥିଲେ । ସେ ତାଙ୍କର ତିନିଟି ଝିଅ ଡ଼ଃ. ସୌମ୍ୟା ସ୍ୱାମୀନଥନ୍ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରମୂଖ ବୈଜ୍ଞାନିକ ତଥା ନିର୍ଦ୍ଦେଶିକା), ଶ୍ରୀମତୀ ମଦୁରା ସ୍ୱାମୀନାଥନ୍ ଏବଂ ପ୍ରଫେସର ନିତ୍ୟା ରାଓ ଏବଂ ତାଙ୍କ ପତ୍ନୀ ମୀନା ସ୍ୱାମୀନଥନ୍ (ଭାରତୀୟ ଶିକ୍ଷାବିତ୍ ଏବଂ ମହିଳା ଓ ଶିଶୁ ବିକାଶ ଯୋଜନାର ପ୍ରମୂଖ) ଙ୍କୁ ଦେଶର ପ୍ରଗତିରେ ଅବଦାନ କରିବା ନିମନ୍ତେ ପ୍ରଭାବିତ କରିଥିଲେ । ସେ ଅଗଷ୍ଟ ୭ ତାରିଖ ୧୯୨୫ ରେ ପିତା ଡଃ. ଏମ୍. କେ. ସ୍ୱାମୀନାଥନ୍ (ଜଣେ ସର୍ଜନ୍) ଓ ପାର୍ବତୀ ଥାଙ୍ଗମାଲ ଙ୍କ କୋଳରେ କୁମ୍ଭାକନମ୍ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ସେଠାରେ ତାଙ୍କର ଭବ ବିଦ୍ୟାଳୟ ଶିକ୍ଷା ପ୍ରାପ୍ତ ହୋଇଥିଲେ । କୃଷି ବିଜ୍ଞାନ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଏବଂ ସ୍ୱାଧିନତା ଅନ୍ଦୋଳନରେ ପିତାଙ୍କ ଅଂଶଗ୍ରହଣ ଏବଂ ମହାତ୍ମା ଗାନ୍ଧୀଙ୍କ ପ୍ରଭାବ ତାଙ୍କୁ ଏହି ବିଷୟରେ ଭବ ଅଧ୍ୟୟନ କରିବାକୁ ପ୍ରେରଣା ଦେଇଥିଲ । ସେ କୋଏମ୍ବାଟୁର୍ ତାମିଲ୍ନାଡୁ କୃଷି ବିଶ୍ୱ ବିଦ୍ୟାଳୟ ଓ କୃଷି ମହାବିଦ୍ୟାଳୟରୁ ଦୁଇଟି ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ ।

# ମିଶନ ଇନ୍ଦ୍ର ଧନୁଷ ୫.୦ ର ପ୍ରଚାର ପ୍ରସାର ପାଇଁ ଲୋକ କଳାକାର ମାନଙ୍କ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ

ବଲାଙ୍ଗିର,୨୯/୦୯ (ନି.ପ୍ର): ଆଜି ଜିଲ୍ଲା ସ୍ତରୀୟ ମିଶନ ଇନ୍ଦ୍ର ଧନୁଷ ୫.୦ ର ପ୍ରଚାର ପ୍ରସାର ପାଇଁ ଲୋକ କଳାକାର ମାନଙ୍କ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ଶିବିର ଏବଂ ୟୁନିସେଫ ସହଭାଗିତାରେ ବିଭିନ୍ନ ବ୍ଲକ ରୁ ୫୦ଜଣ କଳାକାରଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଛି । କଳାକାର ମାନେ ନିଜସ୍ୱ ଢଙ୍ଗରେ କବିତା ଲେଖି ୫ବର୍ଷରୁ କମ ବୟସ୍କ ପିଲାମାନଙ୍କର ଟିକାକରଣ ପାଇଁ ସଚେତନତା ସୃଷ୍ଟି କରିବେ । ଏହା ଦ୍ୱାରା ଅଭିଭାବକମାନେ ଟିକାକରଣର ଗୁରୁତ୍ୱ ବାବଦରେ ଶିକ୍ଷଣୀୟ ହେବେ । ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତଙ୍କ ସଭାପତିତ୍ୱ ରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଛି । ମିଶନ ଇନ୍ଦ୍ର ଧନୁଷ ୫.୦ ଦ୍ୱାରା ରାଜ୍ୟର ୩୧୪ ବ୍ଲକ ରେ ୧,୦୪,୨୬୧ ଜଣ ଏବଂ ୧୯,୮୯୬ ଜଣ ପ୍ରସୂତିଙ୍କୁ ଟୀକା ଦିଆଯିବ । ଏହି କାର୍ଯ୍ୟକ୍ରମ ଜିଲ୍ଲା ରେ ୩ଟି ପର୍ଯ୍ୟାୟରେ ଚାଲିବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୧୧ ତାରିଖ ରୁ ୧୬ ତାରିଖ ରେ ଶେଷ ହେଇଛି । ପରବର୍ତୀ ଧାର୍ଯ୍ୟ କାର୍ଯ୍ୟକ୍ରମ ଅକ୍ଟୋବର ୦୯ ତାରିଖ ରୁ ୧୪ ତାରିଖ ଏବଂ ନଭେମ୍ବର ୬ ତାରିଖ ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଟୀକାକରଣ ହେବ । ଜନ୍ମ ରୁ ୨ ବର୍ଷ ଯାଏଁ ୫୪୩୮ଜଣ , ୨ ରୁ ୫ ବର୍ଷ ଯାଏଁ ଶିଶୁଙ୍କୁ ୫୦୩ ଜଣ ଏବଂ ଗର୍ଭବତୀ ମହିଳାଙ୍କୁ ୧୦୦୯ ଜଣଙ୍କୁ ଟୀକା ଦେବାକୁ ଲକ୍ଷ ରକ୍ଷା ଯାଇଛି । ଜିଲ୍ଲାର ୩୪ ଟି ଅଂଚଳରେ ଏହି କାର୍ଯ୍ୟକ୍ରମ କରାଯିବ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଧା ବାର୍ଲା, ଡାକ୍ତର ସୁଗତା ରୟ, ଡାକ୍ତର ଅନିଲ ପଟ୍ଟନାୟକ, ଚକ୍ରଧର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ସାଇକେଲ ଚୋର କୋର୍ଟ ଚାଲାଣ

ଧର୍ମଶାଳା,୨୯/୦୯ (ନି.ପ୍ର): ବ୍ରହ୍ମବରଦା ଥାନା ଅନ୍ତର୍ଗତ ରାଉତରାପୁର ପଂଚାୟତ କୁଣ୍ଡପାଟଣା ଗ୍ରାମରୁ ସାଇକେଲ ଚୋରି କରିବା ଘଟଣାରେ ପୋଲିସ ଅଭିଯୁକ୍ତକୁ କେସ୍ ନଂ ୧୧୭/୨୩ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ଜଣାପଡିଛି । ଅଭିଯୁକ୍ତ ଜଣକ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ଉତରପ୍ରତାପ ଅଂଚଳର ଅର୍ଜ୍ଜୁନ ମଲ୍ଲିକଙ୍କ ପୁଅ ଅଭିମନ୍ୟୁ ବୋଲି ଜଣାପଡିଛି । ଅଭିମନ୍ୟୁ ଗତ କିଛି ଦିନ ଧରି ସ୍ଥାନୀୟ ଅଂଚଳରେ ସାଇକେଲ ଚୋରି କରି ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଥିଲା । ସୂଚନା ମୁତାବକ, ଉତରପ୍ରତାପ ଗ୍ରାମର ବାବାଜୀ ପାତ୍ରଙ୍କ ଝିଅର ସାଇକେଲକୁ ଅଭିମନ୍ୟୁ କୌଶଳ କ୍ରମେ ଚୋରି କରି ନେଇ ଫେରାର ହେବା ସମୟରେ କୁଣ୍ଡପାଟଣା ଗ୍ରାମର ପ୍ରଶାନ୍ତ ସାହୁଙ୍କ ନଜରରେ ପଡିଥିଲା । ଏନେଇ ପ୍ରଶାନ୍ତ ଗ୍ରାମବାସୀଙ୍କୁ ଜଣାଇଥିଲା । ଉକ୍ତ ସାଇକେଲଟି ବାବାଜୀଙ୍କର ବୋଲି ଜଣାପଡିବା ପରେ ପରିବାର ପକ୍ଷରୁ ବ୍ରହ୍ମବରଦା ଥାନାରେ ଏତଲା ଦିଆଯାଇଥିଲା । ଅଭିଯୋଗ କ୍ରମେ ପୋଲିସ ଅଭିମନ୍ୟୁକୁ ଗିରଫ କରିବା ସହିତ ଆଜି ତାକୁ କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଶରତ କୁମାର ନାୟକ ସୂଚନା ଦେଇଛନ୍ତି ।

# ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଭାଗବତ ଜନ୍ମ ପାଳିତ



ଭୁବନେଶ୍ୱର , ୨୯/୦୯ (ନି.ପ୍ର): ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଭାଗବତ ଜନ୍ମ ପାଳିତ ହୋଇଛି । ଏହି ଅବସରରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ନିର୍ଦ୍ଦେଶକ ଶ୍ରୀ ଦିଲୀପ ରାଉତରାଏ ସଭାପତିତ୍ୱ କରିଥିବା ବେଳେ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ଶ୍ରୀମତୀ ଅତସୀ ଦାସ ସଂଯୋଜନା କରିଥିଲେ । ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ହୋଇ ଭାଗବତ ସହ ପୁରାଣ ପାଠ ମାଧ୍ୟମରେ ଲୋକଙ୍କୁ ଆଧ୍ୟାତ୍ମିକ ଚେତନାର ବାର୍ତ୍ତା ନିରନ୍ତର ଭାବେ ପ୍ରଦାନ କରିଆସୁଥିବା ଶ୍ରୀ ରାଉତରାଏ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବକ୍ତା ମାନେ ଭାଗବତ ମାହାତ୍ମ୍ୟ ଉପରେ ଆଲୋକପାତ କରି ପ୍ରତ୍ୟେକ ମାନବ ଦୈନନ୍ଦିନ ଜୀବନରେ ଏହାର ମହତ୍ୱ ପାଳନ ପୂର୍ବକ ଜୀବନ ନିର୍ବାହ କରିବା ପାଇଁ ମତପୋଷଣ କରିଥିଲେ । ଶେଷରେ ଶ୍ରୀମତୀ ଅତସୀ ଦାସ ତାଙ୍କ ଭାଷଣରେ ଭାଗବତ ଓଡ଼ିଆ ଭାଷାରେ ସରଳ ସାବଲୀଳ ଢଙ୍ଗରେ ନବାକ୍ଷରୀ ଛନ୍ଦରେ ରଚନା ହୋଇଥିବା ଏବଂ ଶ୍ରୀ ଚୈତନ୍ୟ ଜଗନ୍ନାଥ ଦାସଙ୍କୁ ଅତିବଡ଼ୀ ଉପାଧି ପ୍ରଦାନ କରିଥିଲେ ବୋଲି କହିଥିଲେ । ଭାଗବତର ମହାତ୍ମ୍ୟ ରାଜ୍ୟର ଘରେ ଘରେ ଆଜି ପରିଚିତ ବୋଲି ସେ କହିଥିଲେ । ଏଥିରେ ଗ୍ରନ୍ଥାଗାରର ସମସ୍ତ କର୍ମଚାରୀ ଓ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବୃତ୍ତିଧାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ ।

# ପାରାଦୀପ ବନ୍ଦର କର୍ମଜୀବୀ ମହିଳା କକ୍ଷ ପକ୍ଷରୁ ସଚେତନତା କର୍ମଶାଳା

ପାରାଦୀପ, ୨୯/୦୯ (ନି.ପ୍ର): ଶୁକ୍ରବାର ଦିନ ପାରାଦୀପ ବନ୍ଦର କର୍ମଜୀବୀ ମହିଳା କକ୍ଷ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କର୍ମ କ୍ଷେତ୍ରରେ ଯୌନ ଶୋଷଣ ଶୀର୍ଷକ ଏହି କର୍ମଶାଳାରେ ଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଡ.ପୁରୁଷୋତ୍ତମ ଚୁଳି କର୍ମ କ୍ଷେତ୍ରରେ ଯୌନ ଶୋଷଣ ରୋକିବାର ଆଇନଗତ ଦିଗ-୨୦୧୩ ସମ୍ପର୍କରେ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଥିଲେ ବୋଲି ଲୋକ ସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ଲକ୍ଷ୍ମଣନାଥ ହାଇସ୍କୁଲରେ କବିବର ରାଧାନାଥ ରାୟଙ୍କ ୧୭୬ତମ ଜୟନ୍ତୀ ପାଳିତ

ଜଳେଶ୍ୱର , ୨୯/୦୯ (ନି.ପ୍ର): ଜଳେଶ୍ୱର ବ୍ଲକର ସର୍ବପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି କବିବର ରାଧାନାଥ ରାୟଙ୍କ ୧୭୬ତମ ଜୟନ୍ତି ପାଳିତ ହୋଇଛି । ବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ମିହିର କୁମାର ଭୂୟାଁଙ୍କ ପୌରହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଧାନାଥ ରାୟଙ୍କ ସାହିତ୍ୟ, ପ୍ରଚ୍ୟେ ଓ ପାଶ୍ଚାତ୍ୟ ସାହିତ୍ୟ ସମନ୍ୱୟନର ଅମୃତମୟ ଫଳ ବୋଲି ମତବ୍ୟକ୍ତ କରିଥିଲେ । ତାଙ୍କର ପ୍ରଥମ ପ୍ରବନ୍ଧ ବିବେକି ଓଡିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ । ସେ ବାଲେଶ୍ୱର ଜିଲାର ସ୍କୁଲ ସମୟୁର ପରିଦର୍ଶକ ଥିବା ବେଳେ ତତ୍କାଳୀନ ଜମିଦାରଙ୍କ ଅନୁରୋଧକ୍ରମେ ବିଦ୍ୟାଳୟ ପରିଦର୍ଶନ କରିଥିବାରୁ ତାଙ୍କ ପ୍ରତିମୂର୍ତ୍ତୀ ଅଦ୍ୟାବଧି ବିଦ୍ୟମାନ ବୋଲି ସେ କହିଥିଲେ । ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ଶ୍ୟାମାଚରଣ ଦାସ, କବି ବସନ୍ତ ଦାସ, ରଂଜନ ଘୋଷ, ଜୟଶ୍ରୀ ଜେନା, ନର୍ମଳା ପାତ୍ର, ସରୋଜ ମହାନ୍ତି, ସୁକୁମାର ରଣା ପ୍ରମୁଖ ତାଙ୍କ ସାହିତ୍ୟ ସଂପର୍କରେ ବିଭିନ୍ନ ଦୃଷ୍ଟିରୁ ବିଶ୍ଳେଷଣ କରିଥିଲେ । ବିଶ୍ୱ ମୋହିନ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିଲ୍ଲୀର ବିକାଶପୁରୀଠାରେ ଶ୍ରୀ ଗଣେଶ ମହୋତ୍ସବ ସମାପ୍ତ



ନୂଆଦିଲ୍ଲୀ , ୨୯/୦୯ (ନି.ପ୍ର): ଏଠାକାର ପଶ୍ଚିମଦିଲ୍ଲୀସ୍ଥିତ ବିକାଶ ପୁରୀ ଠାରେ ୨୩ତମ ବାର୍ଷିକ ଶ୍ରୀ ଗଣେଶ ମହୋତ୍ସବ ମହା ସମାରୋହରେ ସମାପ୍ତ ହୋଇଯାଇଛି । ପୂଜା ଅବସରରେ ଠାକୁରଙ୍କର ମଣ୍ଡପକୁ ରଙ୍ଗ ବେରଙ୍ଗର କପଡା,ଫୁଲ ଏବଂ ଆକର୍ଷଣୀୟ ଆଲୋକ ମାଳା ସହିତ ଭବ୍ୟ ଢଙ୍ଗରେ ସଜା ଯାଇଥିବାର ଦେଖଯାଇଥିଲା । ଭକ୍ତିପୂତ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅପରାହ୍ନରେ ମଙ୍ଗଳ ମୂର୍ତ୍ତିଙ୍କର ପ୍ରତିଷ୍ଠା ଓ ପୂଜାର୍ଚ୍ଚନା ବିଧି ମୁତାବକ ପୂଜାରୀ ରଘୁନାଥ ରଥଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ଦିନ ଅଢ଼େଇଟା ବେଳେ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡିଆ ଓ ଅଣଓଡ଼ିଆ ଭକ୍ତ ସେମାନଙ୍କର ପରିବାରବର୍ଗଙ୍କ ସହିତ ବୁଦ୍ଧିଦାତାଙ୍କର କରକମଳରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀଗଣେଶ ପୂଜା କମିଟି ଓଡ଼ିଆ ସମାଜ ଦ୍ୱାରା ଆୟୋଜିତ ଚଳିତ ବର୍ଷର ଗଣେଶ ଉତ୍ସବକୁ କେନ୍ଦ୍ରକରି ଆୟୋଜନ କମିଟିର ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ସାଧାରଣ ଦର୍ଶକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଦମ୍ୟ ଉତ୍ସାହ ଓ ଅଫୁରନ୍ତ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା । ମହୋତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ,ବିକାଶ ପୁରୀ ଠାରେ ଓଡିଆ ସମ୍ପ୍ରଦାୟଙ୍କ ଦ୍ୱାରା ନିୟମିତ ଭାବରେ ଆୟୋଜିତ ବାର୍ଷିକ ଗଣେଶ ପୂଜା ବର୍ତ୍ତମାନ ଏକ ଗଣପର୍ବର ରୂପ ନେଇଥିବାରୁ ଆୟୋଜକ ଶ୍ରୀଗଣେଶ ପୂଜା କମିଟିକୁ ସାଧୁବାଦ ଜଣାଇ ଏହି ମହାନ ପରମ୍ପରାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ଦେବେନ୍ଦ୍ର ମାଝୀ, ଦିଲ୍ଲୀପ ପାଢୀ, ରାଷ୍ଟ୍ରୀୟ ପ୍ରବାସୀ ଓଡିଆ ପରିବାରର ସଭାପତି ଡଃ ବିକ୍ରମ ମହାନ୍ତି, ଡଃ ରଜନୀ ରଂଜନ ମହାନ୍ତି, ଡଃ ବିନାୟକ ପ୍ରସାଦ, ସମାଜସେବୀ ପ୍ରୀତମ୍ ନାୟକ ଓ ପ୍ରସିଦ୍ଧ ଟେନିସ ଖେଳାଳୀ ଦିଲ୍ଲୀପ ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇଥିଲେ । ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଓଲିଉଡର ଉଦୀୟମାନ ତାରକା ଗାୟୀକା ଦେବାଂଶୀ ଦାଶ ଥିଲେ । ସୁଶ୍ରୀ ଦାଶ ତାଙ୍କର ଯାଦୁଗରି ସ୍ୱରରେ ଉଭୟ ଲୋକ ଓ ଲଘୁସଙ୍ଗୀତ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ।ବିଶିଷ୍ଟ ଗାୟକ ସନ୍ତୋଷ ରାଉତଙ୍କର ତତ୍ତ୍ୱାବଧାନରେ ସୁର ମହ୍ଲାରର କଳାକାରମାନେ ସେମାନଙ୍କର ଅନନ୍ୟ କଳା ଚାତୁର୍ଯ୍ୟ ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ଚମତ୍କୃତ କରିଥିଲେ । ୨୩ ତମ ଶ୍ରୀ ଗଣେଶ ମହୋତ୍ସବକୁ ସଫଳତାର ସହିତ ଆୟୋଜନ କରିବାର ମୁଖ୍ୟ ପୁରୋଧା ପୂଜା କମିଟିର ପ୍ରତିଷ୍ଠାତା ସଭାପତି ବିମଳ ଭଳ ଓ ତାଙ୍କର ସହଧର୍ମିଣୀ ମହାକାଙ୍କ୍ଷ୍ୟା ପ୍ରତିଷ୍ଠାନ ର ପ୍ରତିଷ୍ଠାତ୍ରୀ ପୁଷ୍ପାଞ୍ଜଳି ବାରିକ ଥିଲେ । ଉତ୍ସବ ପରିଚାଳନାରେ ସକ୍ରୀୟ ସହଯୋଗ ପ୍ରଦାନ କରିଥିବା କମିଟିର ଅନ୍ୟାନ୍ୟ ପ୍ରମୁଖ ସଦସ୍ୟମାନଙ୍କ ମଧ୍ୟରେ ଅଜୟ ସାହୁ, ଅଜିତ ସ୍ୱାଇଁ, ଅନୁପ ସ୍ୱାଇଁ, ବଙ୍କିମ ପରିଡା, ବିକ୍ରମ ଭୂୟାଁ, ଧନେଶ୍ୱର ପରିଡା, ଗଗନ ସାମଲ, ଗଙ୍ଗାଧର ସାମଲ, ଘନଶ୍ୟାମ ମହାନ୍ତି, ଜୀବନ ନାୟକ, କିରଣ ଧଳ, କିଶୋର ରାୟ, ମନୋଜ ଜେନା, ନାରାୟଣ ବିଶ୍ୱାଳ, ଏବଂ ଉମେଶ ସାହୁ ପ୍ରମୁଖ ଅନ୍ୟତମ ଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଅନିଲ ଜେନା, ସୁରେନ୍ଦ୍ର ମାଣିକ, ମନୋଜ ସାହୁ, ସୁଧାଂଶୁ ସାହୁ,ଭଗବାନ ପରିଡା,ଶରତ ଶର୍ମା , କୈଳାସ ବେହେରା ,ପ୍ରିୟତମା କର, ଡଃ ରୀନାକ୍ଷୀ ଦାସ ଏବଂ କାବେରୀ ବେହେରା ପ୍ରମୁଖ ସାମିଲ ଥିଲେ । ପରଦିନ ଅପରାହ୍ନରେ ଶ୍ରୀ ଗଣେଶଙ୍କର ପ୍ରତିମାକୁ ଓଡ଼ିଆ ସମାଜର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କ ଦ୍ୱାରା ଖୁବ ଜାକଜମକ ମଧ୍ୟରେ ଡି.ଜେ. ଓ ଢୋଲ ବାଦ୍ୟର ବାଜଣା ସହିତ ରୋଷଣୀ କରି ୱାଜିରପୁରସ୍ଥିତ ଯମୁନା ନଦୀ କୂଳକୁ ନିଆଯାଇ ସେଠାରେ ବିଗ୍ରହର ବିସର୍ଜନ ପର୍ବ ସମାପନ କରାଯାଇଥିଲା ।

## ଆଞ୍ଚଳିକ ବ୍ରାହ୍ମଣ ସମିତିର ଭାଗବତ ଜନ୍ମୋତ୍ସବ

ଖଇରା, ୨୯/୦୯ (ନି.ପ୍ର): ଆଞ୍ଚଳିକ ବ୍ରହ୍ମଣ ସମିତି ଆନୁକୂଲ୍ୟରେ ଖଇରା ଆଖଣ୍ଡଳେଶ୍ୱର ଶିବ ମନ୍ଦିର ପରିସରରେ ଶୁକ୍ରବାର ଦିନ ଭାଗବତ ଜନ୍ମୋତ୍ସବ ପାଳିତ ହୋଇ ଯାଇଛି । ସଭାପତି ଜଳଧର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଭାଗବତ ଚର୍ଚ୍ଚା ପ୍ରାରମ୍ଭରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ । ସମିତିର ସଦସ୍ୟ ମାନେ ଶିର୍ଷକ ଆମ ଜିବନରେ ଭାଗବତର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ପରମଶାସ୍ତ୍ରର ପ୍ରତ୍ୟେକଟି ଶବ୍ଦ ଜିବନ ପାଇଁ ମୂଲ୍ୟବାନ ବୋଲି ମତବ୍ୟକ୍ତ କରିଥିଲେ । ବୁଦ୍ଧିରାମ ପାଣିଗ୍ରାହୀ, ରମାକାନ୍ତ ଶତପଥି, କେଶବ ଚନ୍ଦ୍ର ପଣ୍ଡା, ନାରାୟଣ ପଣ୍ଡା, ଅଭିମନ୍ୟୁ ପଣ୍ଡା,ରାମଚନ୍ଦ୍ର ଦାସ,ମୁକ୍ତିକାନ୍ତ ଶତପଥି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ୪୬ତମ ବିଶ୍ୱ ନୌବାଣିଜ୍ୟ ଦିବସ ଅନୁଷ୍ଠିତ



ପାରାଦୀପ, ୨୯/୦୯ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ୪୬ତମ ବିଶ୍ୱ ନୌବାଣିଜ୍ୟ ଦିବସ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ଶେଷ ସପ୍ତାହରେ ଏହି ଦିବସ ପାଳିତ ହୋଇଆସୁଅଛି । ଏହି ଅବସରରେ ପାରାଦୀପ ବନ୍ଦର ଉପସଂରକ୍ଷକ କ୍ୟାପ୍ଟେନ୍ ଅଲେଖ ଚନ୍ଦ୍ର ସାହୁ ବନ୍ଦର ମେରାଇନ୍ ସାଇଟ୍ ଅଫିସ ପରିସରରେ ବନ୍ଦରର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ବିଶ୍ୱ ନୌବାଣିଜ୍ୟ ପତାକା ଉତ୍ତୋଳନ କରିଥିଲେ । ଓରିଶା ମେରିଟାଇମ୍ ଏକାଡେମୀର ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ଏକ ସଚେତନତା ର୍ୟାଲି ପାରାଦୀପ ସହର ପରିକ୍ରମା କରିଥିଲା । ସଂନ୍ଧ୍ୟାରେ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ମାରପୋଲ୍ ଆଟ୍ ୫୦- ଆଓାର କମିଟମେଣ୍ଟ ଗୋଜ୍ ଅନ୍ ଶୀର୍ଷକ ସନ୍ଧର୍ଭରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମେରାଇନ୍ ଇଂଜିନିୟର ମନୋଜ ମହାନ୍ତ, ଆଇଓସିଏଲ୍ ସହକାରୀ ପ୍ରବନ୍ଧକ ଶଶି ଶେଖର, ପାଇଲଟ୍ କ୍ୟାପଟେନ୍ ପ୍ରଶାନ୍ତ ସାହୁ ଏହି ସନ୍ଦର୍ଭ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପ୍ରକାଶଥାଉକି, ପ୍ରଥମ ବିଶ୍ୱ ନୌବାଣିଜ୍ୟ ଦିବସ ୧୯୭୮ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ପାଳିତ ହୋଇଥିଲା । ସେବେଠାରୁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସର ଶେଷ ସପ୍ତାହରେ ଏହି ଦିବସ ପାଳନ କରିବାକୁ ସମଗ୍ର ବିଶ୍ୱ ନୌବାଣିଜ୍ୟ ଦିବସ ନିଷ୍ପତ୍ତି ହୋଇଥିଲା । ଚଳିତ ବର୍ଷ ଭାରତ ସରକାରଙ୍କ ଜାହାଜ ଚଳାଚଳ ମହାନିର୍ଦ୍ଦେଶଙ୍କ ନିର୍ଦ୍ଦେଶ ଅନୁଯାୟୀ ସେପ୍ଟେମ୍ବର-୨୯ ତାରିଖରେ ଏହି ଦିବସ ପାଳନ କରାଯାଇଥିବା ପାରାଦୀପ ବନ୍ଦର ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# ବିଶ୍ୱ ହୃଦ୍ ଦିବସ ଏବଂ ବିଶ୍ୱ ଜଳାତଙ୍କ ଦିବସ ପାଳିତ

ଭଦ୍ରକ, ୨୯/୦୯ (ନି.ପ୍ର): ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ବିଶ୍ୱ ହୃଦ୍ ଦିବସ ଏବଂ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଭଦ୍ରକ ଆନୁକୂଲ୍ୟରେ ଅନୁଷ୍ଠିତ ବିଶ୍ୱ ହୃଦ୍‌ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପୃଷ୍ଟି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାରତୀ ରାଉତ, ଅଧୀକ୍ଷକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବରପଦା ଡାକ୍ତର ଉମେଶ ଚନ୍ଦ୍ର ଜେନା, ଅଧିକ୍ଷକ ଋଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ମିଶ୍ର ପ୍ରମୁଖ ଯୋଗ ଦେଇ ହୃଦ୍ ରୋଗର କାରଣ ନିରାକରଣ ଓ ପ୍ରାକ୍ ସଚେତନତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉଚ୍ଚ ରକ୍ତଚାପ, ଡାଇବେଟିସ୍, ଧୂମପାନ, ମୋଟାପଣ, ମଦ୍ୟପାନ, ମାତ୍ରାଧିକ କୋଲେଷ୍ଟରଲ କେମିତି ହୃଦ୍‌ରୋଗକୁ ପାଛୋଟି ଆଣେ ଆଉ ଆମେ ଏସବୁଠୁ କିପରି ଦୂରେଇ ରହିବା ସେ ବିଷୟରେ ପରାମର୍ଶ ପ୍ରଦାନ କରିଥିଲେ । ଡି.ପି.ଏମ୍. ସରିତା ମହାପାତ୍ର ସଭା ପରିଚ୍ଚଳନା କରିଥିଲେ । ସେହିପରି ବିଶ୍ୱ ଜଳାତଙ୍କ ଦିବସ ପାଳନରେ ସ୍କୁଲ ପିଲାମାନଙ୍କୁ ନେଇ ଆୟୋଜନ କରାଯାଇଥିବା ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିପାଇଁ କ୍ୱିଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରୟାଲ ସ୍କୁଲ, ବିନାୟକ କଲେଜ, ଜିଲ୍ଲା ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଏହିସବୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବିପଦରେ ଶକ୍ତିଶାଳୀ....

ପ୍ରଶ୍ନ ଉଠାଇଛି ଆମେରିକାର ବିରୋଧୀ ପାର୍ଟି । ଦିନକୁ ଦିନ ଆମେରିକା ଉପରେ ଋଣ ଭାର ବଢି ଚାଲିଥିବା ଅଭିଯୋଗ କରି ଏହି ଫଣ୍ଡି ପ୍ଲାନରେ ସହମତି ପ୍ରକାଶ କରୁନି ବିରୋଧୀ ରିପବ୍ଲିକାନ୍ ପାର୍ଟି । ଯଦି ଗୋଟିଏ ଦିନ ଭିତରେ ଉଭୟ ଡେମୋକ୍ରାଟିକ୍ ଓ ରିପବ୍ଲିକାନ୍ ପାର୍ଟି ଭିତରେ ସରକାରୀ ପାଣ୍ଠି ନେଇ ସହମତି ନହୁଏ ତାହାଲେ ଅକ୍ଟୋବର ୧ ତାରିଖରୁ ଆମେରିକାର ସମସ୍ତ ସରକାରୀ କାମ ବନ୍ଦ ହୋଇଯିବ । ଏହାର ଅର୍ଥ ଆମେରିକାରେ ସଟଡାଉନ୍ । ଏବେ ଆମେରିକା ୩୩ ଟ୍ରିଲିଅନ୍ ଡଲାର କରଜ ଦଳେ ଦବି ରହିଛି । ସରକାରୀ ଖର୍ଚ୍ଚରେ ଅଧିକ ଟଙ୍କ ବୟ ହେଉଥିବା ଅଭିଯୋଗ କରିଛି ବିରୋଧୀ ।

## ଘନଉଛି ଲଘୁଚାପ:....

ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼, ଢେଙ୍କାନାଳ, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨ ତାରିଖରେ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୩ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ସୋନପୁର, ବଲାଙ୍ଗିର ଓ ବରଗଡ଼ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେପଟେ ସେପଟ୍ମେମ୍ବର ମାସରେ ଭଲ ବର୍ଷା ସତ୍ତ୍ୱେ ନବରଙ୍ଗପୁର, ପୁରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ନିଅଣ୍ଟିଆ ବର୍ଷା । ୩ଟି ଜିଲ୍ଲା ସହ ସାରା ରାଜ୍ୟରେ ୩% ନିଅଣ୍ଟିଆ ବର୍ଷା ହୋଇଥିବା ସୂଚନା ଦେଇଛି ପାଣିପାଗ ବିଭାଗ । ଜୁନ୍ ୧ ତାରିଖରୁ ସେପଟ୍ମେର ୨୯ ତାରିଖ ମଧ୍ୟରେ ୧୧୪୪.୩ ମିମି ବର୍ଷା ହେବା କଥା । ତେବେ ଏହି ସମୟ ମଧ୍ୟରେ ୧୧୦୫.୪ ମିମି ବର୍ଷା ହୋଇଛି । ରାଜ୍ୟର କେବଳ ୨ଟି ଜିଲ୍ଲା ଝାରସୁଗୁଡ଼ା ଓ ବୌଦ୍ଧରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ବାକି ୨୫ ଜିଲ୍ଲାରେ ସ୍ୱାଭାବିକ ବର୍ଷା ନେଇ ପାଣିପାଗ ବିଭାଗର ସୂଚନା ଦେଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ...

ସେଠାରେ ପୋଖରୀରେ ମାଛ ଯାଆଁଳ ଛାଡିବା ସମ୍ପର୍କରେ ଆଲୋଚନା କରି ଫେରୁଥିଲେ । ଅନୀଲ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଗାଁଠାରୁ ଅଳ୍ପ ଦୂରରେ ଏକ ନିଛାଟିଆ ସ୍ଥାନରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା । କେତେକ ଦୁର୍ବୃତ୍ତ ତାଙ୍କ ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଚର୍ଚ୍ଚା ହେଉଛି । ଭୁଜାଲିରେ ତାଙ୍କ ପେଟକୁ ଭସିଥିବା ଦେଖିବାକୁ ମିଳିଛି । ଏପରିକି ତାଙ୍କ ବେକ ଓ ଶରୀର ଅନ୍ୟ ସ୍ଥାନରେ ମଧ୍ୟ ଗଭୀର କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ରାସ୍ତାରେ ସ୍କୁଟି ଓ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ଏନେଇ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଏହି ଖବର ପ୍ରକାଶ ପାଇବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇ ସାଇଣ୍ଟିଫିକ୍ ? ଟିମ୍ ? ଓ ସନ୍ଧାନୀ କୁକୁର ସହ ଗାଁରେ ପହଞ୍ଚିଥିଲେ ଧରାକୋଟ ଥାନା ପୁଲିସ ଏବଂ ଆସିକା ଉପଖଣ୍ଡ ପୁଲିସ ଅଧିକାରୀ । ପୁଲିସ୍ ? ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି । ସେପରେ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଗାଁରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଅନୀଲ୍ ?ଙ୍କୁ କିଏ ଓ କାହିଁକି ହତ୍ୟା କଲା ? ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ । ସେପଟେ ପରିବାର ଲୋକ ଆଣିଛନ୍ତି ସଙ୍ଗୀନ ଅଭିଯୋଗ । ରାଜନୈତିକ ଶତ୍ରୁତାରୁ ଅନୀଲଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କହିଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ଅନୀଲଙ୍କ ନେତୃତ୍ୱ ଓ ରଣକୌଶଳ ଯୋଗୁ ବିଜେଡି ବିଜୟବାନା ଉଡାଇ ପାରିଥିଲା । ସେହି କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏହା ପ୍ରଥମ ଘଟଣା ନୁହେଁ । ଗୁରୁବାର କୋଦାଳା ଥାନା ଅନ୍ତର୍ଗତ ଦାନପୁର ଗାଁଠାରେ ସୁନୀଲ୍ ନାୟକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ସୁନୀଲ ଭୋଜି ଖାଇବାକୁ ଯାଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା । ସେ ହେଉଛନ୍ତି ଆସିକା ବ୍ଲକ ଅଧ୍ୟକ୍ଷ ତ୍ରିବେଣୀ ନାୟକଙ୍କ ଦେଢ଼ଶୂର ଥିଲେ । ଠିକ୍ ? ସେହିପରି ଗତ ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଶେରଗଡ ବ୍ଲକରେ ବିଜେଡିର ଟାଣୁଆ ନେତା ମଧୁସୂଦନ ବିଷୋୟିଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ମାସକ ମଧ୍ୟରେ ଜିଲ୍ଲାରେ ୩ଟି ରାଜନୈତିକ ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି

## ୭ ହଜାର ଟଙ୍କା ଲାଞ୍ଚ ନେବା ...

ଗତ ଫେବ୍ରୁଆରୀ ମାସରେ ଏହାର ମରାମତି କାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏଷ୍ଟିମେଟ ହୋଇ ନଥିଲା । ଏଷ୍ଟିମେଟ କରିବା ପାଇଁ ରମାକାନ୍ତ ମଲ୍ଲିକ ବାରମ୍ବାର ଲାଞ୍ଚ ମାଗିବାରୁ ଠିକାଦାର ସୁମନ୍ତ ପରିଡ଼ା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଆଜି ସହକରୀ ଯନ୍ତ୍ରୀ (ଏଷ୍ଟିମେଟର) ରମାକାନ୍ତ ମଲ୍ଲିକ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ପରିସରରେ ଥିବା ନିଜ ପ୍ରକୋଷ୍ଠରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବ ଯୋଜନା ପ୍ରକାରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ଏହା ପରେ ସିରିକଣା ସ୍ଥିତ ଶ୍ରୀ ମଲ୍ଲିକଙ୍କ ଭଡ଼ାଘରେ ମଧ୍ୟ ଚଢ଼ାଉ କରାଯାଇଥିଲା । ତାଙ୍କୁ ରାୟଗଡ଼ା ସ୍ଥିତ ଭିଜିଲାନ୍ସ ଡିଏସପି କାର୍ଯ୍ୟାଳୟକୁ ନେଇ ପଚରାଉଚରା କରାଯାଉଛି ।

## ୪ ଘଣ୍ଟା ପରେ ଆୟତ୍ତ ...

ଏହାସହ ସହ ସ୍କାଏ ଲିଫଟ୍ ସହାୟତାରେ ଭିତର ଯାଏଁ ପାଣି ସ୍ପ୍ରେ କରାଯାଇଥିଲା । କୋଠାର ବିଭିନ୍ନ ଆଡୁ ଚଢ଼ି ଭିତରକୁ ପଶି ନିଆଁକୁ ଆୟତ ଚେଷ୍ଟା କରିବାକୁ ଚେଷ୍ଟା କରିଥିଲେ । ନିଆଁରେ ଲାଗି ଦୋକାନରେ ଥିବା ଜିନିଷ ପତ୍ର ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି । ତେବେ କିପରି ନିଆଁ ଲାଗିଲା ତାର କାରଣ ଜଣାପଡ଼ି ନାହିଁ । ସର୍ଟ ସର୍କିଟରୁ ନିଆଁ ଲାଗିଲା ଆଉ କିଛି କାରଣ ଅଛି ତାହା ଜଣାପଡ଼ିନାହିଁ । କଟକ ଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଅନ୍ୟପକ୍ଷରେ ଡେପୁଟି ଫାୟାର ସେଫ୍ଟି ଅଧିକାରୀ କହିଛନ୍ତି, ବିଲ୍ଡିଂରେ ଫାୟାର ସେଫ୍ଟି ବ୍ୟବସ୍ଥା ଯଥେଷ୍ଟ ନଥିଲା । ଫାୟାର ସେଫ୍ଟି ବ୍ୟବସ୍ଥା ଯଥେଷ୍ଟ ନଥିବାରୁ ବଡ଼ ଅଗ୍ନିକାଣ୍ଡ ହୋଇଛି । ନିଆଁକୁ ଆୟତ୍ତ କରିବା ଏକ ବଡ଼ ଚ୍ୟାଲେଞ୍ଜ ଥିଲା ।

## ଇଣ୍ଡିଆ ମେଂଟରେ ଫାଟ...

ସେପଟେ ଶୁକ୍ରବାର ଅରବିନ୍ଦ କେଜ୍ରିୱାଲ ପୁଣି ଥରେ କହିଛନ୍ତି, ଆମ ଆଦମୀ ପାର୍ଟି ଇଣ୍ଡିଆ ମେଂଟ ପ୍ରତି ପ୍ରତିବଦ୍ଧ ଆଉ ଏଥିରୁ ଅଲଗା ହେବାର ପ୍ରଶ୍ନ ଉଠୁନି । ପଂଜାବରେ କଂଗ୍ରେସ ବିଧାୟକ ଶୁଖୱାଲ ସିଂହ ଖେରାଙ୍କ ଗିରଫଦାରି ପରେ ଏଭଳି ମନ୍ତବ୍ୟ ଦେଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ ଆଦମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜ୍ରିୱାଲ । ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ କରି ଇଣ୍ଡିଆ ମେଂଟକୁ ନେଇ କିଛି ଏଭଳି ବୟାନ ଦେଇଛନ୍ତି ଆମ ଆଦମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ପଂଜାବରେ କଂଗ୍ରେସ ବିଧାୟକ ଶୁଖୱାଲ ସିଂହ ଖେରାଗିରଫ ହେବା ପରେ, କୁହାଯାଉଥିଲା ଇଣ୍ଡିଆ ମେଂଟର ହାତ ଛାଡି ପାରନ୍ତି କେଜ୍ରିୱାଲ । ହେଲେ ଏବେ କେଜ୍ରିୱାଲ ସଫା ସଫା କହିଛନ୍ତି ଇଣ୍ଡିଆ ମେଂଟ ଛାଡିବନି ଆପ । ସେପଟେ ଇଣ୍ଡିଆ ମେଂଟକୁ ନେଇ ସତର୍କବାଣୀ ଦେଇଛନ୍ତି ଏନ୍ସିପି ମୁଖ୍ୟ ଶରଦ ପୱାର । ସେ କହିଛନ୍ତି, ସଦସ୍ୟ ଦଳ ଗୁଡିକ ମଧ୍ୟରେ କୌଣସି ଦ୍ୱନ୍ଦ ରହିବା ନ ଉଚିତ୍ । ବିଶେଷ କରି ରାଜ୍ୟଗୁଡିକରେ ସିଟ୍ ଆବଂଟନକୁ ନେଇ ସମସ୍ୟା ନହେଲେ ଭଲ । ଏନେଇ ପୂର୍ବରୁ ମେଂଟ ନିଷ୍ପତି ନେବାର ଆବଶ୍ୟକତା ରହିଛି । ୫ଟି ରାଜ୍ୟରେ ଆସନ୍ତା କିଛି ଦିନରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏହା ଇଣ୍ଡିଆ ମେଂଟ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ଇଣ୍ଡିଆ ମେଂଟ ହେବା ଦିନରୁ ଏଥିରେ କନ୍ଦଳ ଥିବା ଚର୍ଚ୍ଚା ହୋଇ ଆସୁଛି । ବିଶେଷ କରି ଆମ ଆଦମୀ ପାର୍ଟି ମେଂଟର ହାତ ଛାଡିବା କଥା କୁହାଯାଉଛି । ହେଲେ ଏହାକୁ ଖଣ୍ଡନ କରିଛନ୍ତି ଅରବିନ୍ଦ କେଜ୍ରିୱାଲ ।

## ଦୁଇ ବାଇକ୍ ମୁହାଁମୁହିଁ ...



ଛିଟିକି ପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଛି । ତେବେ ଅପର ବାଇକ୍‌ରେ କେତେ ଜଣ ଥିଲେ ଓ ସେମାନଙ୍କ ଅବସ୍ଥା କିପରି ଅଛି ସେ ନେଇ କିଛି ସୂଚନା ମିଳି ପାରିନି । ମୃତ ୩ ଜଣଙ୍କ ମଧ୍ୟରୁ ଜଣଙ୍କ ନାମ ଅଭିରାମ ବେହେରା ବୋଲି ଜଣାଯାଇଛି । ଅନ୍ୟ ଦୁଇ ଜଣଙ୍କ ପରିଚୟ ମିଳି ପାରିନି । ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି ।

# ଏମସିଏଏମ କଲେଜରେ ପୋକ୍ସ ଆଇନ ସଚେତନତା କାର୍ଯ୍ୟକ୍ରମ

ବାରିପଦା , ୨୯/୦୯ (ନି.ପ୍ର): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ କଲେଜରେ ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପୋକ୍ସ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଆଇନଜୀବି ସୁନୀଲ କୁମାର ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ମହିଳା ଓ ୧୮ ବର୍ଷରୁ କମ ନାବାଳିକା ମାନେ ଅନେକ ସମୟରେ ଯୌନ ନିର୍ଯାତନାର ଶିକାର ହେଉଥିବା ବେଳେ, ଛାତ୍ର ଛାତ୍ରୀ ମାନେ ଆଇନ ପ୍ରତି ସଚେତନ ହେବା ଦରକାର ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଶ୍ରୀମତୀ ଶିବାନୀ ପୋକ୍ସ ଆକ୍ଟରେ ପୀଡିତା ମାନଙ୍କ ପାଇଁ କଣ କଣ ସୁବିଧା ଓ କ୍ଷତିପୂରଣ ବ୍ୟବସ୍ଥା ଅଛି ସେ ଉପରେ ଆଲୋକପାତ କରିଥିଲେ. ଡି.ଏସ.ପି ସବିତା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପୋଲିସ ଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧା ଉପରେ ଆଲୋଚନା କରିଥିଲେ. ସି.ଏଲ.ଭି ରବୀନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ମୀରା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଇପ୍ସିତା ବେହେରା ଓ ସରିତା ବିନ୍ଧାଣି ସ୍ୱାଗତ ସଂଗୀତ ପରିବେଷଣ କରିଥିବାବେଳେ ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ଡ଼କ୍ଟର ଜିତେନ୍ଦ୍ର କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ।




# ମଦର ଟେରେସା ସେବା ସଂଘ ଆନୁକୂଲ୍ୟରେ 'ସ୍ୱଚ୍ଛତା ହିଁ ସେବା' ଦିବସ ଅନୁଷ୍ଠିତ




ଲଙ୍ଗଳେଶ୍ୱର , ୨୯/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ଗ୍ରାମରେ ଥିବା ମଦର ଟେରେସା ସେବା ସଂଘ ପକ୍ଷରୁ ଏକ 'ସ୍ୱଚ୍ଛତା ହିଁ ସେବା'ଆୱାର ନେସ କରିବା ସହିତ ଡଗରା ବେଳାଭୂମି କୁ ସଫେଇ କରାଯାଇଥିଲା । ଏହି ସଂସ୍ଥା ତରଫରୁ ହୋଇଥିବା ସ୍କୁଲ ରେ ମୁକ ବଧିର (ହେଣ୍ଡିକେପଟ) ପିଲାମାନଙ୍କ ଦ୍ୱାରା ଏକ ସ୍ୱଚ୍ଛତା ଉପରେ ଗୀତ ଗାଇ ଲୋକମାନଙ୍କୁ ସଚେତନ କରାଇଥିଲେ । ଡଗରା ପଞ୍ଚାୟତ ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କ ସଭାପତିତ୍ୱ ରେ ମୁଖ୍ୟ ଅଥିତି ଭାବରେ ବାଲିଆପାଳ ଗୋଷ୍ଠି ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା,ଏଇ ଇଂ ସୋମ୍ୟ ମୁକୁଳ ବାରିକ, ଜେଇ ପ୍ରେମାନନ୍ଦ ଚଇନି,ପିଇଓ ସୁଜୟ କୁମାର ସି,ପ୍ରଭୁରାମ ଦେ,ସ୍ୱଚ୍ଛ ଭାରତ ମିଶନର ବି ଆର ସି ସୁପ୍ରିୟା ବିଶ୍ୱାଳ,ମାଷ୍ଟର ଟ୍ରେନର ଲକ୍ଷ୍ମୀଧର ପ୍ରଧାନ, ସପନ କୁମାର ବାଗ, ବଂଶୀଧର ଜେନା, ମଦର ଟେରେସା ସେବା ସଂଗଠନ କମିଟିର ସଦସ୍ୟ ସଦସ୍ୟା, କର୍ମକର୍ତା, ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ଛାତ୍ର ଛାତ୍ରୀ, ପଞ୍ଚାୟତ ୱାର୍ଡ ମେମ୍ବର, ଏମବିକେ, ସିଆରପି ସଦସ୍ୟା ମାନେ ଏହି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରାଇଥିଲେ । ପ୍ରଥମେ ସ୍କୁଲ ଭିତରେ ପରେ ରାଲେ କରି ଲୋକଙ୍କୁ ସଚେତନ ହେବାକୁ ଗୀତ ମାଧମରେ ସଚେତନ କରିବା ସହିତ ଡଗରା ବେଳାଭୂମିରେ ପହଞ୍ଚି ବେଳାଭୂମିକୁ ସଫେଇ କରାଇଥିଲେ ।

# ୧୦ ଦଫା ଦାବିରେ ପୌର କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଜଳେଶ୍ୱର ୨୯/୯(ଏକ୍ସପ୍ରେସ୍ ନ୍ୟୁଜ୍): ଜଳେଶ୍ୱର ପୌରପାଳିକାରେ ବ୍ୟାପକ ଦୁର୍ନିତୀ ହେଉଥିବା ଅଭିଯୋଗରେ ୧୦ଦଫା ଦାବି ନେଇ ଜଳେଶ୍ୱର ନଗର କଂଗ୍ରେସ ପକ୍ଷରୁ ପୌରକାର୍ଯ୍ୟାଳୟ ଫେରାଓ କରାଯାଇଛି । ସଫେଇ କାର୍ଯ୍ୟରେ ବ୍ୟାପକ ଅନିୟମିତତା, ଉନ୍ନୟନ କାର୍ଯ୍ୟରେ ଦୁର୍ନିତୀ, ନିର୍ଦ୍ଧିଷ୍ଟ ସମୟରେ ଭତ୍ତା ଦିଆନଯିବା, ୧୦ନଂ ୱାର୍ଡରେ ଏକ ରିଟେଲର ପଏଣ୍ଟ ଖୋଲିବା, ଭୂମୀହିନଙ୍କୁ ସ୍ଥାୟୀ ଜମିପଟା ପ୍ରଦାନ, ଆବାସ ଯୋଜନାରେ ଗୃହ ଯୋଗାଇବା, ମୁକ୍ତାଯୋଜନାରେ ଏସ୍ଏଚ୍ଜି ଛତ୍ରଛାୟାରେ ଠିକାଦାର ଠିକାଦାରୀ କାର୍ଯ୍ୟ ଆରମ୍ଭ କରାଯିବା ଇତ୍ୟାଦି ବିରୋଧରେ କଂଗ୍ରେସ ଅଭିଯୋଗ ଆଣିଛି । ଜଳେଶ୍ୱର ଷ୍ଟେସନ ବଜାରରୁ ଏକ ଶୋଭାଯାତ୍ରା ପୌରପାଳିକା କାର୍ଯ୍ୟାଳୟରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ସଭାରେ କଂଗ୍ରେସ ନଗର ସଭାପତି ଗିରିଜା ଶଂକର ଦାସ ପୌରହିତ୍ୟ କରିଥିଲେ । କଂଗ୍ରେସ ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସ, ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ରାଜୀବ ପରିଡା, ଫରିଦ ଅହମ୍ମଦ, ସବ୍ୟସାଚୀ ଦାସ, ସୁଧାଂଶୁ ଜେନା, କାଦମ୍ବିନୀ ରାୟ, ସଂଜିତା ରାୟ, ସେକ ଅବସର ଅଲ୍ଲୀ, ସୌଭିକ ଜେନା, ଦୁର୍ଗାଶଂକର ଆସ, ଜଗଦୀଶ ନନ୍ଦି, ରଂଗିତ ଗିରି, ରାଜେଶ ପ୍ରଧାନ, ସଂଜୟ ଦାସ, ସୁ;ରେନ୍ଦ୍ର ଚୌଧୁରି, ଜିତେନ୍ଦ୍ର ଦାସମହାପାତ୍ର, ସୁଜିତ ଦାସ, ସେକ ଜାବିର ଅହମ୍ମଦ, ପଦ୍ମଲୋଚନ ସାହୁ, ସୁନିତା ସେନାପତି ଓ ସବିତା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଷଷ୍ଠ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର, ୨୯/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାସ୍ଥିତ ସଦ୍ଭାବନା ସଭାଗୃହଠାରେ ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଜିଲ୍ଲାସ୍ତରୀୟ ଷଷ୍ଠ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀମତୀ ପ୍ରିୟଦର୍ଶିନୀ ମଲ୍ଲିକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ମିଶ୍ର, ପୌରଧକ୍ଷା ଶ୍ରୀମତୀ ସବିତା ସାହୁ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଶିଖାରାଣୀ ପୋଦ୍ଦାର ପ୍ରମୁଖ ମଞ୍ଚାସୀନ ଥିଲେ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି ମାସବ୍ୟାପୀ ଉତ୍ସବରେ ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ପୁଷ୍ଟିହୀନତା ସମସ୍ୟା ଦୂର ହେବା ଲକ୍ଷ୍ୟରେ ଏହି ସଭା ଆୟୋଜିତ କରାଯାଇଥିଲା । ସଭା ପ୍ରାରମ୍ଭରେ ସନ୍ତୁଳିତ ଖାଦ୍ୟର ମହତ୍ତ୍ୱ, ସ୍ତନ୍ୟପାନ ଅଭ୍ୟାସ ଏବଂ ମାଇକ୍ରୋନ୍ୟୁଟ୍ରିଏଣ୍ଟ୍ ମହତ୍ତ୍ୱ ବିଷୟରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ




ଆଲୋଚନା କରିଥିଲେ । ଶିଶୁ ଓ କିଶୋରୀ ବାଳିକାମାନଙ୍କର ବୃଦ୍ଧି ଏବଂ ବିକାଶ ଉପରେ ନଜର ରଖିବା ପାଇଁ ସ୍ୱତନ୍ତ୍ର ଶିବିର ଗଠନ କରାଯିବ ଯେପରି ସେମାନେ ଆବଶ୍ୟକ ଯତ୍ନ ପାଇ ପାରିବେ । ଏହି ଦିଗରେ ନିଜ ଅଞ୍ଚଳରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅଙ୍ଗନବାଡି କର୍ମୀ ଏବଂ ଆଶା ଦିଦିଙ୍କୁ ଜିଲ୍ଲାସ୍ତରୀୟ ଉତ୍ସବରେ ସମ୍ବର୍ଦ୍ଧିତ କରିବା ପାଇଁ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ । ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ମିଶ୍ର ମାନବ ଜୀବନର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ: ଗର୍ଭଧାରଣ, ଶିଶୁ ଯତ୍ନ ଏବଂ ଯୁବାବସ୍ଥା କାଳରେ ସଠିକ ପୋଷଣର ମହତ୍ତ୍ୱ ଉପରେ ବିସ୍ତାର ଭାବରେ ସୂଚନା ପ୍ରଦାନ କରିଥିଲେ ଓ ଏଥି ସହିତ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ମିଲେଟ ଆଧାରିତ ପୁଷ୍ଟିକର ଖାଦ୍ୟ ଉପରେ ତୃଣମୂଳସ୍ତରରେ ମହିଳାମାନଙ୍କୁ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ ଓ ପୌରଧକ୍ଷା ଶ୍ରୀମତୀ ସବିତା ସାହୁ ତାଙ୍କ ଅଭିଭାଷଣରେ 'ୱାଶ୍ ଅଧିବେଶନ' ଯଥା ହାତ ଧୋଇବା, ବ୍ୟକ୍ତିଗତ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ସମ୍ୟକ ବାର୍ତ୍ତା ପ୍ରସ୍ତୁତ କରିଥିଲେ ଓ ଏକ ଶିଶୁର ସୁଦୃଢ଼ ଭବିଷ୍ୟତ ଗଠନ କରିବାରେ ଆମ ସଭିଙ୍କର ଭୂମିକା ରହିଛି ଓ ଯୁବାବସ୍ଥା ପର୍ଯ୍ୟନ୍ତ ଶିଶୁଟି ଯଦି ଠିକ ଭାବରେ ପୁଷ୍ଟିକର ଖାଦ୍ୟ ସେବନ କରୁଛି, ଜୀବନର ପରବର୍ତୀ ସମୟରେ ଅନେକ ରୋଗରୁ ନିଜକୁ ସୁରକ୍ଷିତ ରଖିପାରିବ ବୋଲି ମତ ପ୍ରକାଶ କରିଥିଲେ ଶ୍ରୀମତୀ ସାହୁ । ସଭାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଅଙ୍ଗନବାଡି କର୍ମୀ ବିଭିନ ପ୍ରକାରର ହାତରନ୍ଧା ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରସଙ୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କର୍ମକର୍ତ୍ତାମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀମତୀ ପ୍ରିୟଦର୍ଶିନୀ ମଲ୍ଲିକ ପୁରସ୍କୃତ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଶିଖାରାଣୀ ପୋଦ୍ଦାର ସଭା ପରିଚାଳନା କରିଥିଲେ । ସଭାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଆଶା ଦିଦି, ଅଙ୍ଗନବାଡ଼ି କର୍ମୀ, ସାମାଜିକ କର୍ମକର୍ତ୍ତା ଏବଂ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମାଜସେବୀ ଲକ୍ଷ୍ମୀଧରଙ୍କୁ ଶ୍ରଦ୍ଧାଞ୍ଜଳି

ବସ୍ତା୨୯।୯(ନିପ୍ର) ଯଣେ ପ୍ରବିଣ ବରିଷ୍ଠନାଗରୀକ ସମାଜସେବୀ ତଥା ବିଭିନ୍ନ ସଂଗଠନର ପ୍ରାଣ ପ୍ରତିଷ୍ଠାତା ଭାବେ ପରିଚିତଥିଲେ। ହେଲେ ତାଙ୍କ ମୃତ୍ୟୁ ପରେ ଆଜି ବରିଷ୍ଠନାଗରିକ ମଞ୍ଚ ପକ୍ଷରୁ ବସ୍ତାସ୍ଥିତ ଶ୍ରୀମା ଅରବିନ୍ଦ ଆଶ୍ରମ ପରିସରରେ ନାଗରିକ ମଞ୍ଚ ସଭାପତି ଜୟକୃଷ୍ଣ ଗିରି, ସମ୍ପାଦକ କୁମୁଦରଞ୍ଜନଗିରିଙ୍କ ତତ୍ୱାବଧାନରେ ଶ୍ରଦ୍ଧାଞ୍ଜଳୀ ଓସ୍ମୃତି ସଭା ଅନୁଷ୍ଠିତ ହହୋଇଛି । ସ୍ୱର୍ଗତ ବେହେରା ଜଣେ ଦକ୍ଷ ପରୋପକାରୀ ବିଭିନ୍ନ ଅନୁଷ୍ଠାନରେ ଜଡିତ ଥିଲେ ତାଙ୍କ ସ୍ଥାନ କେହି ପୁରଣ କରିପାରିବନାହିଁ ବୋଲି ଅତିଥି ମାନେ ମତବ୍ୟକ୍ତକରିଥିଲେ ।ଖଗେଶ୍ୱର ପରିଡା, କିରଣ କୁମାର ରାଉଳ, ବିଶ୍ୱନାଥ ସେଠୀ, ସମେତ ସୁରେନ୍ଦ୍ରେ ନାୟକ, ସନାତନ ଦେ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସମ୍ପାଦକ ରଜନୀକାନ୍ତ ବାରିକ ଧନ୍ୟବାଦ ଜଣାଇଥିଲେ ।

# ୩୦ ଘଣ୍ଟା ପରେ ମିଳିଲା ଚନ୍ଦନଙ୍କ ମୃତଦେହ: କୁନି ଝିଅର ମିଳୁନି ପତ୍ତା

ଭଦ୍ରକ, ୨୯/୦୯ (ନି.ପ୍ର): ପ୍ରାୟ ୩୦ ଘଣ୍ଟା ପରେ ମିଳିଲା ଭଦ୍ରକ ଜିଲ୍ଲା ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର ଗାଁର ନିଖୋଜ ଚନ୍ଦନ ସାହୁଙ୍କ ମୃତଦେହ। ଯାଜପୁର ଜିଲ୍ଲା ତ୍ରିଲୋଚନପୁର ବୁଢ଼ାନଦୀରୁ ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିଛନ୍ତି। ଚନ୍ଦନଙ୍କ ବଡ଼ ଭିଣୋଇ ଏହି ମୃତଦେହଟି ତାଙ୍କର ଶଳାର ବୋଲି ଚିହ୍ନଟ କରିଛନ୍ତି। ଅନ୍ୟପକ୍ଷରେ ଅଢ଼େଇ ବର୍ଷର ଝିଅର କୌଣସି ପତା ମିଳିନାହିଁ। ଅଗ୍ନିଶମ ବାହିନୀ ପିଲାଟିକୁ ଖୋଜାଖୋଜି କରୁଛନ୍ତି। ପିଲାଟି କେଉଁ ବୋଦା ଓ କେଉଁଠି ଲାଗିରହିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଚନ୍ଦନଙ୍କ ମୃତଦେହ ମିଳିବା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ବୁଧବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ ଚନ୍ଦନ ସାହୁ ଓ ନିଜର ଅଢ଼େଇ ବର୍ଷର ଝିଅକୁ ଧରି ବୈତରଣୀ ସେତୁରୁ ନଦୀକୁ ଡେଇଁ ପଡ଼ିଥିଲେ। ପୋଲ ଉପରେ ଚନ୍ଦନ ବାଇକ୍, ମୋବାଇଲ୍ ଓ ଜୋତା ରଖି ନଦୀକୁ ଡେଇଁପଡ଼ିଥିଲେ। ।

# ଚୋରାରେ ବାଲି ଚାଲାଣ : ୪ ନମ୍ବର ବିହିନ ଟ୍ରାକ୍ଟରକୁ ଜବତ୍ କଲା ପୁଲିସ୍

ଜଳେଶ୍ୱର , ୨୯/୦୯ (ନି.ପ୍ର): ସୁବର୍ଣ୍ଣରେଖା ନଦିର ଜଳେଶ୍ୱର ତହସିଲ ଅଧିନରେ କୌଣସି ବାଲି ଖାଦାନ ସରକାରୀ ନିୟମରେ ବାଲି ଉତ୍ତଳନ ଲାଗି ନିର୍ଦ୍ଦେଶ ନ ଥିବା ବେଳେ ଏହାର ସୁବିଧା ନେଇ କେତେକ ଟ୍ରାକ୍ଟର ମାଲିକ ଚୋରାରେ ବାଲି ନେଇ ୧୦ଗୁଣ ଅଧିକ ମୂଲ୍ୟରେ ବିକ୍ରି କରି ଆସୁଛନ୍ତି । ଜଳେଶ୍ୱରରେ ରଂଜନ କୁମାର ସେଠୀ ନୂତନ ଆଇଆଇସି ଭାବେ ଯୋଗ ଦେବାପରେ ଧରପଗଡ ଆରମ୍ଭ କରିଛନ୍ତି । ଏହି ସବୁ ବାଲି ଟ୍ରାକ୍ଟର ପଶ୍ଚିମବଂଗରେ ବହୁ ଅଧିକ ମୂଲରେ ବିକ୍ରି ହେଉଥିବାରୁ ବାଲି ଚୋର ରାକେଟ ସକ୍ରିୟ ରହିଛି । ଏହି ୪ଟି ଟ୍ରାକ୍ଟରକୁ ପୁଲିସ୍ ସଦଳବଳେ ଚଢାଉ କରି ଧରି ଧାନାକୁ ଆଣିଥିବା ଜଣାଯାଇଛି ।

# ତୁଡିଗଡିଆରେ ଶହୀଦ ରଘୁ, କେଳୁ ମକରଙ୍କୁ ଶ୍ରଦ୍ଧାଞ୍ଜଳି

ଖଇରା, ୨୯/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରକ୍ତତୀର୍ଥ ତୁଡିଗଡିଆ ଠାରେ ରଘୁ ବେହେରା, କେଳୁ ସାହୁ ଓ ମକର ଲେଙ୍କାଙ୍କ ୮୧ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଏକ ସ୍ମୃତିସଭା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ,ଅବସରପ୍ରାପ୍ତ ଓଡିଆ ପ୍ରଧ୍ୟାପକ ଅଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଶହୀଦ ମାନେ ଅମର ହୋଇ ଯାଇଛନ୍ତି ସତ ହେଲେ ତାଙ୍କର ଉତ୍ତରଦାୟାଦ ମାନେ କିଭଳି ଅବସ୍ଥାରେ ଅଛନ୍ତି କେହି କେବେ ବୁଝିବାକୁ ଚେଷ୍ଟା କରିନାହାନ୍ତି । ଉତ୍ତରଦାୟାଦ ମାନଙ୍କୁ ଥଇଥାନ ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳୀ ବୋଲି ବକ୍ତାଗଣ ଆଲୋକପାତ କରିଥିଲେ । ରାଧାକାନ୍ତ ପଣ୍ଡା ଅତିଥି ପରିଚୟ, ବିଷ୍ଣୁମୋହନ ଶତପଥି ସ୍ୱାଗତ ଭାଷଣ, କରୁଣାକର ଜେନା ଅଭିନନ୍ଦନ ପାଠ କରିଥିଲେ । ସରପଞ୍ଚ ମଦନମୋହନ ସାନ୍ତରା, ଜିଲା ପରିଷଦ ସଭ୍ୟ ମାନଶ କୁମାର ଦାଶ,ସମିତି ସଭ୍ୟା ଗୀତାଞ୍ଜଳୀ ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଉପେନ୍ଦ୍ର ପ୍ରସାଦ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ଚିକିତ୍ସକ ଡା ସୃଷ୍ଟିଧର ପାଢୀଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ତୋପ ସଲାମୀ ଦିଆଯାଇଥିଲା ।




# ଶହୀଦ ପରିବେୱାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାସୁଦେବପୁର, ୨୯/୦୯ (ନି.ପ୍ର): ରକ୍ତତୀର୍ଥ ଇରମ ରେ ଶହୀଦ ସ୍ମୃତି ଦିବସ ଅବସରରେ ଓଡିଶା ର ମହା ମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତ ଛାଡ଼ ଆନ୍ଦୋଳନ ର ପ୍ରଥମ ମହିଳା ଶହୀଦ ପରି ବେୱାଙ୍କ ପ୍ରତିମୂର୍ତ୍ତି କୁ ଉନ୍ମୋଚନ କରିଥିଲେ । ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ହାତ ପାଣ୍ଠିରୁ ଏହି ପ୍ରତିମୂର୍ତ୍ତି ତିଆରି ହୋଇଛି । ଏହି ଅବସରରେ ଓଡିଶା



ସରକାର ଙ୍କ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡ଼ିଓ ସତ୍ୟଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ଉଦଳା ସହର ପାଇଁ ମାଷ୍ଟରପ୍ଲାନର ପ୍ରସ୍ତୁତି ଆରମ୍ଭ

## ସାମିଲ ହେଲା ପାଟପୁର ଓ ଚୁଳିଆପୁଷୀ ମୌଜା

ଉଦଳା , ୨୯/୦୯ (ନି.ପ୍ର): ଉଦଳା ସହର ପାଇଁ ମାଷ୍ଟର ପ୍ଲାନର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ଏଥିରେ ଉଦଳା ସହରର ୧୨ ଗୋଟି ୱାର୍ଡ଼ ସହିତ ଖଲାଡ଼ି ପଂଚାୟତର ପାଟପୁର ଓ ଚୁଳିଆପୁଷୀ ମୌଜାକୁ ସାମିଲ କରାଯାଇଛି । ଏହାର ପ୍ରଥମ ପ୍ରସ୍ତୁତି ବୈଠକ ଆଜି ସେପ୍ଟେମ୍ବର ୨୯ ତାରିଖ ଶୁକ୍ରବାର ଦିନ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ୧୯୭୩ ମସିହାରେ ୯ ଗୋଟି ରାଜସ୍ୱ ଗ୍ରାମକୁ ନେଇ ଜନ୍ମ ନେଇଥିବା ଉଦଳା ସହର ଇତି ମଧ୍ୟରେ ୫୦ ବର୍ଷରେ ପଦାର୍ପଣ କରିଛି । ସେ ସମୟରେ ଏହାର ଲୋକ ସଂଖ୍ୟା ମାତ୍ର ୬୭୦୦ ଥିବା ବେଳେ ୨୦୧୧ ମସିହା ଜନଗଣନା ଅନୁସାରେ ଏହାର ଲୋକ ସଂଖ୍ୟା ୧୩୧୫୨ ରେ ପହଂଚିଛି । ସହରର ଲୋକ ସଂଖ୍ୟା ଦୃତ ଗତିରେ ବଢୁଥିବାରୁ ଉଦଳା ସହର ପାଇଁ ମାଷ୍ଟର ପ୍ଲାନର ଆବଶ୍ୟକତା ଜରୁରୀ ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ସେହିପରି ନିର୍ବାହୀ ଅଧିକାରୀ ଦିବ୍ୟାରତ୍ନା ଦାସ ଆଗାମୀ ୨୫ ବର୍ଷ ପରର ଅବସ୍ଥାକୁ ଆଖି ଆଗରେ ରଖି ଆଜିର ଏହି ପ୍ଲାନ ପ୍ରସ୍ତୁତ ହେଉଛି ବୋଲି ଅବଗତ କରାଇଥିଲେ । ଏହାପରେ ଓଡ଼ିଶା ସରକାରଙ୍କ ତରଫରୁ ନିଯୁକ୍ତ ପ୍ରଶିକ୍ଷକ ମାଷ୍ଟର ପ୍ଲାନ କଣ, ଏହାର ଆବଶ୍ୟକତା କାହିଁକି ଜରୁରୀ ହୋଇ ପଡ଼ିଛି ଓ ଏହା କିପରି ପ୍ରସ୍ତୁତ କରାଯିବ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ସମସ୍ତ ନିର୍ବାଚିତ କାଉନସିଲର ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ବୃନ୍ଦ ଆଜିର ଏହି ବୈଠକରେ ଯୋଗ ଦେଇଥିଲେ । ଶେଷରେ ପ୍ରଶିକ୍ଷକ ଉକ୍ତ ପ୍ଲାନର ଚୂଡ଼ାନ୍ତ ରୂପ ପାଇଁ ୧୬ ମାସ ସମୟ ଲାଗିବ । ସେହି ସମୟ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ନିର୍ବାଚିତ ଲୋକ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ବୃନ୍ଦଙ୍କୁ ବାରମ୍ବାର ବୈଠକ ଡ଼କାଯିବ ବୋଲି ସୂଚନା ପ୍ରଦାନ କରି ଆଜିର କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ଲ୍ୟାମ୍ପ ଶାଖା ପୁନର୍ଗଠନ ଓ ସ୍ଥାନାନ୍ତରକୁ ବିରୋଧ କରି କର୍ମଚାରୀଙ୍କୁ ତାଲା ପକାଇ ଧାରଣା ଦେଲେ ଚାଷୀ

ନୀଳଗିରି , ୨୯/୦୯ (ନି.ପ୍ର): ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ସମିତି ଅଧୀନ ନୀଳଗିରି ସମବାୟ ବ୍ୟାଙ୍କ ଅଧିନରେ ମାଟିଆଳୀ ଓ ନୀଳଗିରି ଲ୍ୟାମ୍ପ୍ ଅବସ୍ଥିତ। ମାତ୍ର ସରକାର ଚାଷୀଙ୍କ ଆବଶ୍ୟକତାକୁ ଉପଲବ୍ଧି କରି କିଛି କିଛି ଲ୍ୟାମ୍ପ କୁ ଭାଗକରି ନୂତନ ଶାଖା ସୃଷ୍ଟି କରିଥିବା ବେଳେ କିଛି ଶାଖାକୁ ସ୍ଥାନାନ୍ତର କରିଛନ୍ତି। ଏହାକୁ ବିରୋଧ କରି ଚାଷୀ ଧାରଣାରେ ବସିଛନ୍ତି। ସୂଚନା ଅନୁଯାୟୀ ମାଟିଆଳୀ ଲ୍ୟାମ୍ପ ଅଧିନରେ ମାଟିଆଳୀ, ଛତ୍ରପୁର, ବରହମପୁର ତିନୋଟି ଶାଖା ଥିବା ବେଳେ ନୂତନ ଭାବେ ନରଣପୁର ଶାଖା ଗଠନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହାକୁ ବିରୋଧ କରି ଚାଷୀମାନେ ଶୁକ୍ରବାର ବରହମପୁର ଠାରେ ଥିବା ମାଟିଆଳୀ ଲ୍ୟାମ୍ପ କାର୍ଯ୍ୟଳୟରେ ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କର୍ମଚାରୀ



ମାନଙ୍କୁ ତାଲା ପକାଇ ରଖିବା ସହିତ ନରଣପୁର ଠାରେ ନୂତନ ଶାଖା ନ ଖୋଲିବା ଏବଂ ପ୍ରସ୍ତାବିତ ଛତ୍ରପୁର ଶାଖାକୁ ତେଲିପାଳକୁ ସ୍ଥାନାନ୍ତର ନକରିବା ପାଇଁ ଧାରଣାରେ ବସିଥିବା ବେଳେ ଏନେଇ ନୀଳଗିରି ସର୍କଲ ଏଆର ସିଏସ ଙ୍କୁ ସ୍ମାରକ ପତ୍ର ଲେଖି ଜଣାଇଛନ୍ତି। ଅନ୍ୟପଟେ ନୀଳଗିରି ଲ୍ୟାମ୍ପ ଅଧିନରେ ଥିବା ସଜନାଗଡ ଶାଖାକୁ ଜାମୁଡିହାକୁ ସ୍ଥାନାନ୍ତର ହେଉଥିବା ଖବର ପାଇ ସଜନାଗଡ ଶାଖା ଅଧିନରେ ଥିବା ଅଧିକାଂଶ ଚାଷୀ ଅନୁରୂପ ଭାବେ ବିରୋଧ କରି ବାଲେଶ୍ୱର ଡିଆରସିଏସ ଙ୍କୁ ଚିଠି ଲେଖିଥିବା ଜଣାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo